


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...........

ବାଲେଶ୍ୱର ■ ରବିବାର, ୨୬ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮ ■ Baleshwar ♦ SUNDAY 26 JUNE 2022

Vol.No. 35 ■ No. 165 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧



ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଯିଏ ଦଳ ଛାଡିଯିବାକୁ ଚାହାଁନ୍ତି ଯାଇପାରନ୍ତି, ମୁଁ ନୂଆ ଶିବସେନା ଗଢିବି : ଉଦ୍ଧବ



ନୂଆଦିଲ୍ଲୀ, ୨୫/୦୬ : ମହାରାଷ୍ଟ୍ରରେ ଲାଗିରହିଥିବା ରାଜନୈତିକ ସଙ୍କଟ ମଧ୍ୟରେ ବିରୋଧୀଙ୍କୁ କଡା ଜବାବ ଦେଇଛନ୍ତି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ତଥା ଶିବସେନାର ଅଧ୍ୟକ୍ଷ ଉଦ୍ଧବ ଠାକରେ । 'ଯେଉଁମାନେ ଯିବାକୁ ଚାହୁଁଛନ୍ତି ସେମାନେ ବିନା ଦ୍ୱିଧାରେ ଯାଇପାରନ୍ତି, ମୁଁ ନୂଆ ଶିବସେନା ଗଢିବି' ବୋଲି ଉଦ୍ଧବ କହିଛନ୍ତି । କର୍ପୋରେଟରଙ୍କୁ ଭିଡିଓ କନଫେରନ୍ସିଙ୍ଗ ଜରିଆରେ ଉଦବୋଧନ ଦେବା ସମୟରେ ବିରୋଧୀଙ୍କ ପ୍ରତି ଏଭଳି କଥା ମତ ଦେଇଛନ୍ତି ଉଦ୍ଧବ । ଉଦବୋଧନ ଦେବା ସମୟର ସେ ଆହୁରି ମଧ୍ୟ କହିଛନ୍ତି ଯେ, ସାଧାରଣ ଶିବାସେନା କର୍ମୀମାନେ ମୋର ସମ୍ପତ୍ତି । ସେମାନେ ଯେପର୍ଯ୍ୟନ୍ତ ମୋ ସାଙ୍ଗରେ ଥିବେ ଅନ୍ୟମାନଙ୍କ ସମାଲୋଚନାକୁ ମୋର ପରବାୟ ନାହିଁ । ଆପଣା ଲୋକେ ଶିବସେନା ପ୍ରତି ବିଶ୍ୱାସଘାତକତା କରିଛନ୍ତି । ଗୌହାଟୀରେ ଡେରା ପକାଇଥିବା ଏକନାଥଙ୍କ ସହ ଅଧିକାଂଶ ବିଧାୟକ ଯୋଗଦେଇଥିବାରୁ ମୋ ସରକାର ସଙ୍କଟରେ ପଡିଛି । ଆପଣମାନଙ୍କ ମଧ୍ୟରୁ ଅନେକ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଶାୟୀ ଥିବାବେଳେ ଆମେ ଉକ୍ତ ବିଦ୍ରୋହୀଙ୍କୁ ଟିକେଟ ଦେଇଥିଲୁ । ଆପଣମାନଙ୍କ କଠିନ ପରିଶ୍ରମ ବଳରେ ବିଜୟୀ ହେବା ପରେ ସେମାନେ ଅସନ୍ତୁଷ୍ଟ ହୋଇ ଏବେ ନିଜ ପତିଆରା ଦେଖାଉଛନ୍ତି । ଏଭଳି ସଙ୍କଟ ସମୟରେ ମଧ୍ୟ ଆପଣମାନେ ଦଳକୁ ସମର୍ଥନ କରୁଛନ୍ତି । ସେଥିପାଇଁ ଯେତେ ପରିମାଣରେ କୃତଜ୍ଞତା ଜ୍ଞାପନ କରିବା କଥା ମୁଁ କରିପାରୁନାହିଁ' ବୋଲି ଉଦ୍ଧବ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ଜଣେ ଶିବସେନା କର୍ମୀ ମୁଖ୍ୟମନ୍ତ୍ରୀ ହେବେ ତେବେ ବିଜେପି ସହ ମେଣ୍ଟ କର । କିନ୍ତୁ ଜଣେ ଯଦି ଉପମୁଖ୍ୟମନ୍ତ୍ରୀ ହୁଅନ୍ତି ତେବେ ମୋତେ କହିବାର ଥିଲା । ମୁଁ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଇଦେଇଥାନ୍ତି । ବିଜେପି ସହିତ ମେଣ୍ଟ କରିବା ଛଡା ବିଦ୍ରୋହୀ ବିଧାୟକଙ୍କର ଅନ୍ୟ ଉପାୟ ଆଉ ନାହିଁ । ଯଦି ସେମାନେ ସରକାର ଗଢିବାରେ ସଫଳ ହୁଅନ୍ତି ସେ ସରକାର ବେଶି ଦିନ ତିଷ୍ଠିବ ନାହିଁ । କାରଣ ବିଦ୍ରୋହୀ ଗୋଷ୍ଠୀରେ ମଧ୍ୟ ଅନେକ ବିଧାୟକ ବାସ୍ତବରେ ଖୁସି ନାହାଁନ୍ତି' ବୋଲି ଉଦ୍ଧବ ଠାକରେ କହିଛନ୍ତି ।

## ମୁମ୍ବାଇରେ ୧୦ ଜୁଲାଇ ପର୍ଯ୍ୟନ୍ତ କର୍ଫ୍ୟୁ, ସବୁ ଦଳର କାର୍ଯ୍ୟାଳୟର ସୁରକ୍ଷା ବଢ଼ିଲା

ମୁମ୍ବାଇ, ୨୫/୦୬: ମହାରାଷ୍ଟ୍ରରେ ଗତ ୫ଦିନରୁ ଚାଲିଥିବା ରାଜନୈତିକ ଗତିରୋଧ ମଧ୍ୟରେ ଶନିବାର ଦିନ ମୁମ୍ବାଇରେ ୧୦ ଜୁଲାଇ ପର୍ଯ୍ୟନ୍ତ କର୍ଫୁ ଲଗାଦିଆ ଯାଇଛି ଏବଂ ସର୍ବଦଳୀୟ କାର୍ଯ୍ୟାଳୟର ସୁରକ୍ଷା ବଢ଼ାଇ ଦିଆଯାଇଛି । ମଧ୍ୟ ଆଜି ଦ୍ୱିପ୍ରହରରେ ଉହ୍ଲାସନଗରରେ ଶିବସେନା ସାଂସଦ ଶ୍ରୀକାନ୍ତ ଶିଂଦେଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଛି । ଆଜି ସକାଳେ ବିଦ୍ରୋହୀ ଶିବସେନା ବିଧାୟକ ମଙ୍ଗେଶ କୁଡାଲକରର ମୁମ୍ବାଇସ୍ଥିତ କାର୍ଯ୍ୟାଳୟ ତଥା ପୁଣେରେ ତାନାଜୀ ସାବନ୍ତଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଥିଲା । ଏହି ମାମଲାରେ ୧୯ ଶିବସୈନିକଙ୍କୁ ଗିରଫ କରାଯାଇଛି । ଗୃହମନ୍ତ୍ରୀ ପୋଲିସ୍ ଅଧିକାରୀଙ୍କୁ କାନୁନ୍ ବ୍ୟବସ୍ଥା ବନାଇ ରଖିବା ପାଇଁ କଠୋର ପଦକ୍ଷେପ ଉଠାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

## ରାଇମୋହନଙ୍କ ଆତ୍ମହତ୍ୟାର କାରଣ ଖୋଜିବ କମିଶନରେଟ୍ ପୋଲିସ୍




ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଅଭିନେତା ରାଇମୋହନ ପରିଡ଼ାଙ୍କ ଆତ୍ମହତ୍ୟାକୁ ନେଇ ଏବେ ବି ସସପେନ୍ସ ଜାରି ରହିଛି । ଆତ୍ମହତ୍ୟା ପଛର କାରଣ ଖୋଜିବା ପାଇଁ ଭୁବନେଶ୍ୱର ପ୍ରାଚୀ ବିହାରରେ ଥିବା ତାଙ୍କ ବାସଭବନରେ ପହଂଚିଲା କମିଶନରେଟ୍ ପୋଲିସ୍ । କମିଶନରେଟ ପୋଲିସର ମହିଳା ଟିମ୍ ରାଇମୋହନଙ୍କ ଘରେ ତାଙ୍କ ପତ୍ନୀ, ୨ ଝିଅ, ଜ୍ୱାଇଁ, ପୁତୁରାଙ୍କୁ ପଚରାଉଚରା କରିଛି । ଶନିବାର ପ୍ରାୟ ୨ଘଂଟା ଧରି ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛି କମିଶନରେଟ ପୋଲିସ । ଅନ୍ୟପକ୍ଷରେ ରାଇମୋହନଙ୍କ ଆତ୍ମହତ୍ୟା ମାମଲାରେ ଆସନ୍ତାକାଲି ମଧ୍ୟ ତଦନ୍ତ ଜାରି ରହିବ । ଆତ୍ମହତ୍ୟା ମାମଲାରେ ବିଭିନ୍ନ ଦିଗକୁ ▶▶ପୃଷ୍ଠା ୭

# ଜର୍ମାନୀ ଓ ୟୁଏଇ ଗସ୍ତରେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୫/୦୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର କହିଛନ୍ତି ଯେ, ଜି-୭ ଶିଖର ସମ୍ମିଳନୀରେ ପରିବେଶ, ଶକ୍ତି, ଜଳବାୟୁ, ଖାଦ୍ୟ ନିରାପତା, ସ୍ୱାସ୍ଥ୍ୟ, ଆତଙ୍କବାଦ ବିରୋଧି, ଲିଙ୍ଗଗତ ସମାନତା ଏବଂ ଗଣତନ୍ତ୍ର ଭଳି ସମସାମୟିକ ପ୍ରସଙ୍ଗରେ ମତ ବିନିମୟ ହେବ । ଏହି ସମ୍ମିଳନୀରେ ସେ କିଛି ଦେଶର ନେତାଙ୍କୁ ଭେଟିବାକୁ ମଧ୍ୟ ଆଗ୍ରହୀ ବୋଲି ସେ କହିଛନ୍ତି । ତିନି ଦିନିଆ (୨୬-୨୮) ଜର୍ମାନୀ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ ପାଇଁ ଯିବା ପୂର୍ବରୁ ଜାରି ଏକ ବିବୃତିରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେ ନିମନ୍ତ୍ରଣ କ୍ରମେ ଜର୍ମାନ ରାଷ୍ଟ୍ରପତିଙ୍କ ଅଧିନରେ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ । ଜର୍ମାନ ଚାନସେଲର ଓଲାଫ ସ୍କୋଲଜଙ୍କ ସ୍କଲସ ଏଲମାଉ ପରିଦର୍ଶନ କରିବେ । ଗତ ମାସରେ ଭାରତ-ଜର୍ମାନୀ ଆନ୍ତ ସରକାରୀ ପରାମର୍ଶ (ଆଇଜିସି) ପରେ କୁଳପତି ସ୍କୋଲଜଙ୍କୁ ପୁଣି ଥରେ ଭେଟିବା ଆନନ୍ଦଦାୟକ ହେବ ।

# ଗିନିଜ୍ ବୁକ୍ ଅଫ୍ ରେକର୍ଡରେ କେନ୍ଦୁଝର ରଥ ସ୍ଥାନ ପାଇବା ନେଇ କ୍ଷୋଭ ପ୍ରକାଶ କଲେ ଗଜପତି



ଭୁବନେଶ୍ୱର, ୨୫/୦୬ (ନି.ପ୍ର): ସବୁଠୁ ଅଧିକ ଉଚ୍ଚର ରଥ ଭାବେ କେନ୍ଦୁଝର ରଥକୁ ନିକଟରେ ଗିନିଜ ବୁକ୍ ଅଫ ରେକଡର୍ସରେ ସ୍ଥାନ ମିଳିଛି । ଏହାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ପୁରୀ ଗଜପତି ଦିବ୍ୟସିଂହ ଦେବ । ସେ କହିଛନ୍ତି ଯେ, ପୁରୀ ରଥ ହିଁ ସବୁଠୁ ଉଚ୍ଚ ହେବା କଥା । ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ମୂଳପୀଠ ହେଉଛି ପୁରୀ କିନ୍ତୁ କେନ୍ଦୁଝର ରଥର ଉଚ୍ଚତା ପୁରୀ ଠାରୁ ଅଧିକ କରାଯାଉଥିବାରୁ ଜଗନ୍ନାଥ ପରମ୍ପରା ପ୍ରତି କୁଠାରଘାତ । ତେଣୁ ସେଠାକାର ମନ୍ଦିର ଟ୍ରଷ୍ଟ ଓ ପ୍ରଶାସନ ଏଥିପ୍ରତି ଯତ୍ନବାନ ହେବା ଜରୁରୀ ବୋଲି ଗଜପତି କହିଛନ୍ତି । ପୁରୀରେ ନନ୍ଦିଘୋଷ ରଥର ଉଚ୍ଚା ୪୪ ଫୁଟ ହୋଇଥିବା ବେଳେ କେନ୍ଦୁଝର ରଥର ଉଚ୍ଚତା ୭୨ ଫୁଟ ହୋଇଥିବା ବେଳେ ଏଥିରେ ୧୬ ଚକ ରହିଥାଏ । ରଥର ଗୋଲେଇ ୪୫ ଫୁଟ ହୋଇଥାଏ । ଏହି ରଥରେ ତିନି ଠାକୁର ଜଗନ୍ନାଥ ବଳଭଦ୍ର ଓ ମା' ସୁଭଦ୍ରା ଯାତ୍ରା କରିଥାନ୍ତି । ସବୁଠୁ ଅଧିକ ଉଚ୍ଚର ରଥ ଭାବେ ଏହାକୁ ଗିନିଜ ବୁକ୍ ରେକର୍ଡସରେ ସ୍ଥାନ ପାଇଛି ।

# ହେଲମେଟ୍ ନପିନ୍ଧି ଫାଇନ୍ ଗଣିଲେ ମନ୍ତ୍ରୀ ଓ ବିଧାୟକ !



ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଟ୍ରାଫିକ ନିୟମ ଭାଙ୍ଗି ଫାଇନ୍ ଗଣିଲେ ଗଣଶିକ୍ଷା ମନ୍ତ୍ରୀ ଓ ବିଧାୟକ । ବିନା ହେଲମେଟ୍‌ରେ ବାଇକରେ ଯାଉଥିବାରୁ ଉଭୟଙ୍କୁ ଲାଗିଲା ଜରିମାନା । ଟ୍ରାଫିକ ଥାନାରେ ପହଞ୍ଚି ୧ ହଜାର ଟଙ୍କା ଫାଇନ୍ ଦେଲେ ବିଧାୟକ ସ୍ୱରୂପ ଦାସ । ପ୍ରକୃତରେ ଆଜି ସକାଳେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଓ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ମର୍ଣ୍ଣିଂ ୱାକ୍ ?ରେ ଯାଇଥିଲେ । ପରେ କିଛି ସ୍କୁଲକୁ ଅଚାନକ ଗସ୍ତରେ ଯିବା ପାଇଁ କହିଥିଲେ ଗଣଶିକ୍ଷା ମନ୍ତ୍ରୀ । ଏହାପରେ ଉଭୟ ବିଧାୟକ ଓ ମନ୍ତ୍ରୀ ଏକ ବାଇକ୍ ଯୋଗେ ବିଭିନ୍ନ ସ୍କୁଲ ପରିଦର୍ଶନରେ ବାହାରିଥିଲେ, କିନ୍ତୁ ଉଭୟଙ୍କ ମୁଣ୍ଡରେ ହେଲମେଟ୍ ନଥିଲା । ବାଲେଶ୍ୱର ହେମକାପଦା ଛକରେ ଜଣେ ସାଧାରଣ ବ୍ୟକ୍ତି ସେମାନଙ୍କୁ ଅଟକାଇ ହେଲମେଟ୍ ନପିନ୍ଧି କେମିତି ଯାଉଛନ୍ତି ବୋଲି ପ୍ରଶ୍ନ ପଚାରିଥିଲେ । ପରେ ଟ୍ରାଫିକ ପୁଲିସ ତରଫରୁ ମଧ୍ୟ ବିଧାୟକଙ୍କୁ ହେଲମେଟ୍ ପିନ୍ଧି ନଥିବା ନେଇ ଫୋନ୍ ଆସିଥିଲା । ଏହାପରେ ବିଧାୟକ ଓ ମନ୍ତ୍ରୀ ନିଜ ଭୁଲ୍‌କୁ ସ୍ୱୀକାର କରିଥିଲେ ଓ ଟ୍ରାଫିକ୍ ପୁଲିସ ଥାନାକୁ ଯାଇ ଏକ ହଜାର ଟଙ୍କା ଫାଇନ୍ ଦେଇଥିବା ବିଧାୟକ ସ୍ୱରୂପ ଦାସ କହିଛନ୍ତି । ଉକ୍ତ ଚାଲାଣଟି ବାଇକ୍ ମାଲିକ ପଙ୍କଜ ଅଗ୍ରୱାଲଙ୍କ ନାଁରେ କଟାଯାଇଥିଲା । ସୂଚନାଯୋଗ୍ୟ, ଏବେ ଜିଲ୍ଲାୱାରୀ ପ୍ରଧାନଶିକ୍ଷକ ସମ୍ମିଳନୀ ଚାଲିଛି । ଗତ ୨୩ ତାରିଖରେ କେନ୍ଦୁଝରରେ, ▶▶ପୃଷ୍ଠା ୭

# ୟୁକ୍ରେନକୁ ମିଳିପାରେ ଇୟୁରେ ସଦସ୍ୟତା



ନୂଆଦିଲ୍ଲୀ, ୨୫/୦୬ : ଦୀର୍ଘ ୪ ମାସ ଧରି ୟୁକ୍ରେନ ଛାତିରେ ବର୍ବରତାକାଣ୍ଡ ଘଟାଇ ଚାଲିଛି ରୁଷ । ଯୁଦ୍ଧ ଭିତରେ କେତେ କଣ କ୍ଷତି ହେଲାଣି ତାର ଆକଳନ କରିବା କାଠିକର ପାଠ । ରୁଷ ସହ ଦମ୍ଭର ସହ ଲଢେଇ କରୁଥିବା ୟୁକ୍ରେନ ଆଗକୁ ବଡଆଶ୍ୱସ୍ତି ପାଇଛି । କାରଣ ଜୁନ ୨୩ ତାରିଖରେ ୟୁରୋପୀୟ ସଂଘର ସଦସ୍ୟତା ପ୍ରାର୍ଥୀ ଭାବେ ସର୍ବସହମତିରେ ୟୁକ୍ରେନକୁ ମିଳିଛି ସବୁଜ ସଙ୍କେତ । ଆସନ୍ତା ସପ୍ତାହରେ ସଂଘର ଶିଖର ସମ୍ମିଳନୀରେ ନିଆଯିବ ନିର୍ଣ୍ଣାୟକ ନିଷ୍ପତ୍ତି । ୟୁକ୍ରେନକୁ ସଦସ୍ୟତା ମିଳିବା ପରେ ରାଷ୍ଟ୍ରପତି ପୁଟିନଙ୍କୁ ବଡ ଝଟକା ଲାଗିଛି । ୟୁକ୍ରେନର ବିଭିନ୍ନ ସାମରିକ ଠିକଣା ଉପରେ କ୍ରେମଲିନ୍ ଘନଘନ ଆକ୍ରମଣ କରିଛି । ପୂର୍ବ ୟୁକ୍ରେନକୁ ଘେରିବା ପାଇଁ ମିସାଇଲମାଡ କରିଛି ରୁଷ । ସେହିପରି ପ୍ରଥମ ଥର ପାଇଁ ବେଲାରୁଷର ବିମାନ ଠିକଣାରୁ ୟୁକ୍ରେନ ଉପରେ ମଧ୍ୟ ଆକ୍ରମଣ ଜାରିରହିଛି । ୟୁକ୍ରେନ ଉପରେ ୫୦ ରୁ ଅଧିକ ମିସାଇଲ ମାଡ କରାଯାଇଛି ।

## ଜୁଲାଇରେ ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଆଗାମୀ ଜୁଲାଇ ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ । ଶନିବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ମୂଲ୍ୟାଙ୍କନ ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି ଏବଂ ଫଳାଫଳ ଆସନ୍ତା ମାସରେ ପ୍ରକାଶ ପାଇବ । ରେଜଲ୍ଟ ନେଇ ବୋର୍ଡ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିବା ସେ କହିଛନ୍ତି । ସୂଚନାଯୋଗ୍ୟ ଏପ୍ରିଲ ୨୯ରୁ ଆରମ୍ଭ ହୋଇ ମେ ୭ରେ ସରିଥିଲା ମାଟ୍ରିକ ପରୀକ୍ଷା । ସକାଳ ୮ଟାରୁ ଆରମ୍ଭ ହେଉଥିଲା ପରୀକ୍ଷା । ମୂଲ୍ୟାଙ୍କନ ପ୍ରକ୍ରିୟା ମେ ୨୧ ରୁ ୫୮ଟି ମୂଲ୍ୟାଙ୍କନ କେନ୍ଦ୍ରରେ ଆରମ୍ଭ ହୋଇଥିଲା ।

# ପୁଲିସ ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ବିଶ୍ୱଜିତ ସାହୁ ଆହତ : ଅନ୍ୟ ଦୁଇ ସହଯୋଗୀ ଗିରଫ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଅପରାଧୀଙ୍କ ହାତରେ ଏକେ-୪୭ ଭଳି ମାରଣାସ୍ତ୍ର । ଏଭଳି ଏକ ଖବର ଆସିଛି ଇସ୍ପାତ ନଗରୀ ରାଉରକେଲାରୁ । ଅପରାଧ ଘଟାଇବା ପାଇଁ ଯାଉଥିବା ବେଳେ ରାଉରକେଲା ପୋଲିସ ଏନକାଉଣ୍ଟର କରିଥିଲା ଓ ପୋଲିସ ଉପରକୁ ଗୁଳି କରି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ କାବୁ କରିଥିବା ଅପରାଧୀଙ୍କ ନିକଟରୁ ଏକେ-୪୭ ବନ୍ଧୁକ ସହ ରିଭଲଭର ଆଦି ଜବତ କରିଛି ପୋଲିସ । ଏବେ ପ୍ରଶ୍ନ ଉଠୁଛି ଏହି ଅପରାଧୀଙ୍କ ନିକଟରୁ ଏକେ-୪୭ ଆସିଲା କିପରି ? ଅପରାଧୀଙ୍କ ହାତରେ ଏକେ- ୪୭ ବନ୍ଧୁକ । ପୋଲିସ ଗୁଳିରେ ଆହତ ଅପରାଧୀଙ୍କ ଠାରୁ ମିଳିଛି ଏହି ବିପଦଜନକ ମାରଣାସ୍ତ୍ର । ଅପରାଧ ଘଟାଇବା ପାଇଁ ଯାଉଥିବା ବେଳେ ରାଉରକେଲା ପୋଲିସ କରିଛି ଏନକାଉଣ୍ଟର । ପୋଲିସ ଉପରକୁ ଗୁଳି କରି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ବିଶ୍ୱଜିତ ସାହୁ ନାମକ ଅପରାଧୀ ଗୋଡରେ ଦୁଇଟି ଗୁଳି ବାଜିଥିବା ବେଳେ ତାର ଦୁଇ ସହଯୋଗୀଙ୍କୁ କାବୁ କରିଛି ପୋଲିସ । ଏକେ-୪୭ ବନ୍ଧୁକ ସହ ରିଭଲଭର, ଜୀବନ୍ତ ଗୁଳି ଓ ଏକ କାର ଜବତ କରାଯାଇଛି । ଅପରାଧୀମାନଙ୍କ ପାଖରୁ ଏକେ-୪୭ ଭଳି ▶▶ପୃଷ୍ଠା ୭

# ଏକନାଥ ସିନ୍ଦେଙ୍କୁ ଉପ-ବାଚସ୍ପତିଙ୍କ ଝଟକା : ୧୬ ବିଦ୍ରୋହୀ ବିଧାୟକଙ୍କୁ ନୋଟିସ୍



ନୂଆଦିଲ୍ଲୀ, ୨୫/୦୬ : ମହାରାଷ୍ଟ୍ର ରାଜନୀତିରେ ଏବେ ଘଡିକେ ଘୋଡା ଛୁଟୁଛି । ଗୋଟିଏ ପଟେ ଏକନାଥ ସିନ୍ଦେଙ୍କ ବଳ ଦିନକୁ ଦିନ ବଢୁଥିବାବେଳେ, ଅନ୍ୟପଟେ ଉଦ୍ଧବ ଠାକରେଙ୍କ ଟେନସନ୍ ମଧ୍ୟ ବଢିବାକୁ ଲାଗିଛି । ଏହାରି ଭିତରେ ଏକନାଥ ସିନ୍ଦେଙ୍କ ଗ୍ରୁପର ୧୬ ବିଦ୍ରୋହୀ ବିଧାୟକଙ୍କୁ ସମନ ଜାରି କରିଛନ୍ତି ମହାରାଷ୍ଟ୍ର ବିଧାନସଭାର ଉପ-ବାଚସ୍ପତି । ଆସନ୍ତା ଜୁନ୍ ୨୭ ତାରିଖ ସନ୍ଧ୍ୟା ସାଢେ ୫ଟା ସୁଦ୍ଧା ଜବାବ୍ ରଖିବାକୁ ଏହି ନୋଟିସ୍ ଜାରି କରାଯାଇଛି । ଅନ୍ୟପଟେ ଶିବସେନା ମଧ୍ୟ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ସାମିଲ ହୋଇଥିବାରୁ ସମସ୍ତଙ୍କୁ ନୋଟିସ୍ ଜାରି କରିଛି । ପାର୍ଟିର ମୁଖ୍ୟ ହ୍ୱିପ୍ ସୁନୀଲ ପ୍ରଭୁ ୧୬ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷିତ କରିଥିବା ନୋଟିସ୍ ଜାରି କରିଛନ୍ତି । ତା ସହିତ ଆସନ୍ତା ଜୁନ୍ ୨୭ ତାରିଖ ସନ୍ଧ୍ୟା ୫ଟା ଭିତରେ ସେମାନେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ କାହିଁକି ଅନୁପସ୍ଥିତ ରହିଲେ ସେନେଇ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଖାଲି ସେତିକି ନୁହେଁଷ ଏହି ନୋଟିସରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଯଦି ବିଧାୟକମାନେ ଜବାବ ଦେବେନି ତେବେ ଏହା ଧରିନିଆଯିବ ଯେ, ସେମାନଙ୍କ ପାଖରେ କହିବାକୁ କିଛି ନାହିଁ । ଏହାପରେ ଆଇନ୍ ଅନୁସାରେ ପ୍ରକ୍ରିୟା ଆରମ୍ଭ ହେବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି । ସେପଟେ, ମହାରାଷ୍ଟ୍ରରେ ଲାଗିରହିଥିବା ରାଜନୈତିକ ସଙ୍କଟ ମଧ୍ୟରେ ବିରୋଧୀଙ୍କୁ କଡା ଜବାବ ଦେଇଛନ୍ତି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ତଥା ଶିବସେନାର ଅଧ୍ୟକ୍ଷ ଉଦ୍ଧବ ଠାକରେ । 'ଯେଉଁମାନେ ଯିବାକୁ ଚାହୁଁଛନ୍ତି ସେମାନେ ବିନା ଦ୍ୱିଧାରେ ଯାଇପାରନ୍ତି, ମୁଁ ନୂଆ ଶିବସେନା ଗଢିବି' ବୋଲି ଉଦ୍ଧବ କହିଛନ୍ତି । କର୍ପୋରେଟରଙ୍କୁ ଭିଡିଓ କନଫେରନ୍ସିଙ୍ଗ ଜରିଆରେ ଉଦବୋଧନ ଦେବା ସମୟରେ ବିରୋଧୀଙ୍କ ପ୍ରତି ଏଭଳି କଥା ମତ ଦେଇଛନ୍ତି ଉଦ୍ଧବ । ଉଦବୋଧନ ଦେବା ସମୟର ସେ ଆହୁରି ମଧ୍ୟ କହିଛନ୍ତି ଯେ, ସାଧାରଣ ଶିବାସେନା କର୍ମୀମାନେ ମୋର ସମ୍ପତ୍ତି । ସେମାନେ ଯେପର୍ଯ୍ୟନ୍ତ ମୋ ସାଙ୍ଗରେ ଥିବେ ଅନ୍ୟମାନଙ୍କ ସମାଲୋଚନାକୁ ମୋର ପରବାୟ ନାହିଁ । ▶▶ପୃଷ୍ଠା ୭

# ୩କ ପଣିକିଆ କହିପାରିଲେନି ପଞ୍ଚମ ଶ୍ରେଣୀ ପିଲା : ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦକଲେ ମନ୍ତ୍ରୀ



ବାଲେଶ୍ୱର, ୨୫/୦୬ (ନି.ପ୍ର): ୩କ ପଣିକିଆ କହିପାରିଲେନି ପଞ୍ଚମ ଶ୍ରେଣୀ ପିଲା । ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ କଲେ ମନ୍ତ୍ରୀ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲାର ଏକ ପ୍ରାଥମିକ ବିଦ୍ୟାଳୟରେ । ସ୍କୁଲରେ ପାଠ ପଢା କେମିତି ଚାଲିଛି ତାର ତଦାରଖ ପାଇଁ ଆଜି ଅଚାନକ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ବାଲେଶ୍ୱରର ଏକ ପ୍ରାଥମିକ ସ୍କୁଲରେ ପହଞ୍ଚିଥିଲେ । ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ପଣିକିଆ ପଚାରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ପିଲା କହିପାରିନଥିଲେ । ଏପରିକି କିଛି ପିଲା ତିନିକେ ପଣିକିଆ ମଧ୍ୟ କହିପାରିନଥିଲେ । ପଞ୍ଚମ ଶ୍ରେଣୀ ପିଲା ତିନିକେ ପଣିକିଆ ନ କହିପାରିବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ସନ୍ତୋଷଜନକ ନ ଥିବାରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏଥିସହ ତାଙ୍କ ଦରମା ବନ୍ଦ କରିବାକୁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ । ମନ୍ତ୍ରୀ ୪ ଦିନିଆ ଗସ୍ତରେ ବିଭିନ୍ନ ଜିଲ୍ଲା ବୁଲି ପ୍ରଧାନଶିକ୍ଷକମାନଙ୍କ ସହ ଆଲୋଚନା କରୁଛନ୍ତି । ଶିକ୍ଷାବ୍ୟବସ୍ଥାର ମାନ ବଢାଇବା ଲାଗି ବିଚାରବିମର୍ଷ କରାଯାଉଛି ।

# ରଥଯାତ୍ରା ଦିନ ଘରୋଇ ବସ୍ ନୂତନ ବସ୍ ଟର୍ମିନାଲରୁ ଗଡିବ

ବଲାଙ୍ଗିର,୨୫/୦୬ (ନି.ପ୍ର): ବଲାଙ୍ଗିର ଜନସାଧାରଣଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ବହୁ ପ୍ରତୀକ୍ଷିତ ନୂତନ ବସ୍ ଟର୍ମିନାଲକୁ ଆଗାମୀ ଜୁଲାଇ ୧ ତଥା ରଥଯାତ୍ରା ଦିନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲ୍ଲା ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି । ଏହାସହ ବସ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସଂଘ ଏକ ସିଟି ସର୍ଭିସ ପ୍ୟାକେଜ ଘୋଷଣା କରିଛି । ନୂଆ ବସଷ୍ଟାଣ୍ଡ ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ନଥିବାରୁ ବସଯାତ୍ରୀମାନଙ୍କ ବସଷ୍ଟାଣ୍ଡକୁ ଯିବାଆସିବାକୁ ସହଜ ଏବଂ ଶସ୍ତା କରିବା ପାଇଁ ଏଭଳି ପ୍ୟାକେଜ ଘୋଷଣା କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି । ପ୍ୟାକେଜ ଅନୁଯାୟୀ, ବଲାଙ୍ଗିର ପୌରାଂଚଳର ଯେକୌଣସି ବସଷ୍ଟପରୁ ଘରୋଇ ବସ ମାନଙ୍କରେ ସର୍ବନିମ୍ନ ଭଡା ଦେଇ ଯାତ୍ରୀମାନେ ବସଷ୍ଟାଣ୍ଡକୁ ଯିବାଆସିବା କରିପାରିବେ । ଅନେକ ଅସୁବିଧା ଓ ବାଧାବିଘ୍ନ ସତ୍ତ୍ୱେ ନୂତନ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସଭାପତି ହେମନ୍ତ ପଣ୍ଡା କହିଛନ୍ତି । ସେ କହିଥିଲେ ଯେ, ଦୀର୍ଘ ବର୍ଷ ହେଲା ବଲାଙ୍ଗିରର ବିଭିନ୍ନ ସାମାଜିକ ଅନୁଷ୍ଠାନ ବସଷ୍ଟାଣ୍ଡ ସ୍ଥାନାନ୍ତର ପାଇଁ ଦାବୀ କରି ଆସୁଥିଲେ । ମୁଖ୍ୟମନ୍ତ୍ରୀ ଗତ ସେପ୍ଟେମ୍ବର ୨୨ ତାରିଖ ଦିନ ବସଷ୍ଟାଣ୍ଡ ଲୋକାର୍ପଣ କରିବା ପରେ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲା । କିନ୍ତୁ ରାଜ୍ୟ ସଡକ ପରିବହନ ନିଗମ ପକ୍ଷରୁ ବସ ମାଲିକ ସଂଘକୁ ଯେଉଁ ସବୁ ପ୍ରତିଶୃତି ଦିଆଯାଇଥିଲା ତାହାକୁ କାର୍ଯ୍ୟକାରୀ କରାନଯାଇ ବିପରୀତ ତଥା ଓଲଟପାଲଟ ଭବେ ଚିଠି ପ୍ରଦାନ କରାଯାଉଥିଲା । ଲିଖିତ ଭାବେ ସଂଘର ଦାବୀ ମୁତାବକ, କୌଣସି ପ୍ରକାର ରାଜିନାମା ବର୍ତମାନ ପର୍ଯ୍ୟନ୍ତ କରାଯାଇନାହିଁ । ବସଷ୍ଟାଣ୍ଡ ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନ ମଧ ବସ ମାଲିକ ସଂଘ ସହିତ ଅନେକ ବୈଠକ କରି ଯାତ୍ରୀ ପରିବହନ ସେବାରେ କୌଣସି ପ୍ରକାର ବ୍ୟାଘାତ ବିନା ସ୍ଥାନାନ୍ତରକୁ ଗୁରୁତ୍ୱ ଦେଇଥିଲା । କିନ୍ତୁ, ରାଜ୍ୟ ପରିବହନ ନିଗମ ଘରୋଇ ବସ ମାଲିକ ସଂଘକୁ କୌଣସି ପ୍ରକାର ସୁବିଧା ଦେବା ପାଇଁ ମନା କରି ଦେଇଥିଲେ । ନିଜେ ପରିବହନ ନିଗମର ମୁଖିଆ ଆସି ଯେଉଁ ପ୍ରତିଶୃତି ଦେଇଥିଲେ ତାହା ମଧ ପାଳନ କରାଗଲା ନାହିଁ । ଏଭଳି ଅବସ୍ଥାରେ ବସଷ୍ଟାଣ୍ଡ ସ୍ଥାନାନ୍ତରକୁ ନେଇ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ଫଳରେ ଆହୁରି ବିଳମ୍ବ ହେବା ସମ୍ଭାବନା ଦେଖାଦେଇଥିଲା । ଏସବୁ ପରିସ୍ଥିତିକୁ ଉପଲବ୍ଧି କରି ଆଜି ଜିଲ୍ଲା ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏକ ପାଖିଆ ଭାବେ ବସଷ୍ଟାଣ୍ଡ ସ୍ଥାନାନ୍ତର ପାଇଁ ଘୋଷଣା କରାଯାଇଛି । ନୂତନ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ପାଇଁ ରାଜ୍ୟ ପରିବହନ ନିଗମକୁ ଦାୟୀ କରାଯାଇଛି । ରାଜ୍ୟ ପରିବହନ ନିଗମର ଟାଳଟୁଳ ନୀତି ଓ ଦ୍ୱନ୍ଦାତ୍ମକ ନିଷ୍ପତି ଯୋଗୁଁ ବସ୍ ମାଲିକ ସଂଘ ସ୍ଥାନାନ୍ତର ପାଇଁ ନିଷ୍ପତି ନେଇ ପାରୁ ନଥିଲା ବୋଲି ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି । ବସଷ୍ଟାଣ୍ଡ ମୁଖ୍ୟ କୋଠାରେ ଏକ କାର୍ଯ୍ୟାଳୟ ପାଇଁ ବସଷ୍ଟାଣ୍ଡ ଡିଜାଇନ ହେବା ଦିନଠାରୁ ସଂଘ ଦାବୀ ଉପସ୍ଥାପନ କରି ଆସୁଛି । କିନ୍ତୁ, ଶେଷ ମୁହୂର୍ତରେ ଏହାକୁ ପରିବହନ ନିଗମ ମନା କରିବା ପରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ସଂଘର ବସ ଗୁଡିକ ପାର୍କିଂ ଦେୟ ଦେଇ ମାଲିକ ମାନେ ବସଷ୍ଟାଣ୍ଡ ବାହାରେ ରହିବେ ଏଭଳି କଥା ଆଦୌ ଗ୍ରହଣୀୟ ନୁହେଁ । ଏହାକୁ ବରଦାସ୍ତ କରାଯାଇ ପାରିବ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଯାତ୍ରୀମାନଙ୍କ ସୁବିଧା ପାଇଁ ସାଇକଲ, ବାଇକ ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇ ନାହିଁ । ଏସବୁ ସତ୍ତ୍ୱେ ବଲାଙ୍ଗିର ଜିଲ୍ଲା ଘରୋଇ ବସ ମାଲିକ ସଂଘ ବଲାଙ୍ଗିରର ସ୍ୱାର୍ଥ୍ୟ ପାଇଁ ଏକପାଖିଆ ଭାବେ ସ୍ଥାନାନ୍ତର ନିଷ୍ପତି ନେଇଛି । ଏହାକୁ ନେଇ ପରିବହନ ନିଗମ ପକ୍ଷରୁ ଅସୁବିଧା ସୃଷ୍ଟି କରାଗଲେ ସମଗ୍ର ଜିଲ୍ଲାରେ ଘରୋଇ ବସ ଚଳାଚଳ ଠପ୍ କରି ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ନିରନ୍ତର ଓ ନିୟମିତ ଭାବେ ଯାତ୍ରୀ ସେବା ଦେଇ ଆସୁଥିବା ଘରୋଇ ବସ ମାଲିକ ସଂଘ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବ ବୋଲି ସଂଘ ନିଷ୍ପତି ନେଇଥିବା କୁହାଯାଇଛି ।

# କୁଡୁମୁଲୁଗୁମ୍ମା ପଂଚାୟତ ବୈଠକ ଅନୁଷ୍ଠିତ

ମାଲକାନଗିରି,୨୫/୦୬ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏ ବର୍ଷର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସରପଞ୍ଚ ମସ୍ୱଗଳା ମାଢ଼ୀ ଅଧକ୍ଷତା କରିଥିଲା ବେଳେ ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ସମିତି ସଭ୍ୟା ମୁନୀ ସଗରୀଆ,ନାଏବ ସରପଞ୍ଚ ହସମତି ହନ୍ତାଳଙ୍କ ସହ ପଞ୍ଚାୟତର ୧୬ ଜଣ ୱାର୍ଡ ସଭ୍ୟ/ସଭ୍ୟା ଓ ସ୍ଥାନୀୟ ବୁଦ୍ଧିଜୀବୀ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଟିକୁ କୁଡୁମୁଲୁଗୁମ୍ମା ପଞ୍ଚାୟତ ନିର୍ବାହୀ ଅଧିକାରୀ ରେବତୀ ମାଝୀ ପରିଚାଳନା କରିଥିବାବେଳେ ଯୋଗାଣ ସହାୟକ ଦେବେନ୍ଦ୍ର ରାଉତ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପିଇବା ପାଣି, ଉନ୍ନୟନ ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା, ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତା, ହରିଶ୍ଚନ୍ଦ୍ର ଯୋଜନା ଓ ଅମୃତ ସରୋବର ଯୋଜନା ମାନଙ୍କ ଉପରେ ସବିଶେଷ ଆଲୋଚନା ହୋଇଥିଲା । ଏହି ଆଲୋଚନା ରେ ୱାର୍ଡ ସଭ୍ୟ ସୁବ୍ରତ ମଲ୍ଲିକ କହିଥିଲେ ଯେ ଭେଟେନାରୀ କଲୋନୀ ଠାରେ ଡ୍ରେନ ନଥିବାରୁ ବର୍ଷାଜଳ ଲୋକମାନଙ୍କ ଘର ଭିତରକୁ ଆସିଯାଉଥିବା,ମୁଖ୍ୟ ବଜାରରେ କୈଣସି ଶୌଚାଳୟ ର ବ୍ୟବସ୍ଥା ନଥିବା, ମୁଖ୍ୟ ବଜାର ଛକ ମାନଙ୍କରେ ଡଷ୍ଟବିନ ଯୋଗାଇବା ଉଲ୍ଲେଖ କରିଥିଲେ, ସଭ୍ୟା ମିନାକ୍ଷୀ ପଣ୍ଡା ହାଟପଦା ର ଜନବସତି ଠାରେ ଥିବା ମାଛ ଓ ମାଂସ ଦୋକାନ ଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ବିଷୟରେ ନିଜର ଚିନ୍ତା ପ୍ରକଟ ସହ କ୍ଷୋଭ ପ୍ରକାଶ କରିଥିଲେ । ସଭ୍ୟ ଗୁଣ୍ଡୁରିଗୁଡା ପ୍ରାଥମିକ ବିଦ୍ୟାଳୟରେ ଲାଗିଥିବା ଫ୍ୟାନ ଗୁଡିକୁ କେଉଁ ଦୁର୍ବୃର୍ତ୍ତ ଖୋଲି ନେଇଯାଇଥିବାର ସୂଚନା ଦେଇଥିଲେ,ସଭ୍ୟା ଶ୍ରୀମତୀ ଅନୀତା ସେଠୀ ଗୁରୁତ୍ୱ ।ରୋପ କରି କହିଛନ୍ତି ଯେ ବିଗତ ୧୦ ଦିନ ହେବ ଜଳଯୋଗାଣ ବ୍ୟାଧିତ ହେବା ଫଳରେ ଜନସାଧାରଣ ନାହିଁ ନଥିବାର ସମସ୍ୟା ଭୋଗୁଛନ୍ତି ଓ ଏହା ଉପରେ ସମସ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି । ସଭ୍ୟ ହରୀ ମାଢ଼ୀ ଦୋରାଗୁଡ ର ତାଙ୍କ ସାହିରେ ରାସ୍ତା ଓ ଡ୍ରେନ ସମସ୍ୟା ଉଲ୍ଲେଖ କରିଥିଲା ବେଳେ, ସଭ୍ୟ ପିଣ୍ଟୁ ସ୍ୱାଇଁ ଡ୍ରାଇଭରଗୁଡା ଠାରୁ ଗୁଣ୍ଡୁରିଗୁଡା ବାଇପାସ୍ ରାସ୍ତା ନିର୍ମାଣ ଓ ନୃସିଂହ ନଗର ରାସ୍ତାରେ କଲଭର୍ଟ ନିର୍ମାଣ କୁ ପ୍ରାଥମିକତା ଦେବାପାଇଁ ଅନୁରୋଧ କରିଥିଲେ । ସଭ୍ୟ ସୁବ୍ରତ ମଲ୍ଲିକ ସ୍ଥାନୀୟ ରାଣୀବନ୍ଧ ର ପୁନରୁଦ୍ଧାର ଓ ଏହାକୁ ଅମୃତ ସରୋବର ଯୋଜନା ରେ ସାମିଲ କରିବା ସହ ସ୍ଥାନୀୟ ବଜାରର ମୁଖ୍ୟ ତିନୋଟି ଛକରେ ମହାତ୍ମାଗାନ୍ଧୀ, ସୁବାଶ ବୋଷ ଓ ବିଜୁ ପଟ୍ଟନାୟକଙ୍କ ଭଳି ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସରପଞ୍ଚଙ୍କୁ ଅନୁରୋଧ କରିଥିଲେ ଓ ଶେଷରେ ସରପଞ୍ଚ ଶ୍ରୀ ମାଢ଼ୀ ଉପରୋକ୍ତ ପ୍ରସ୍ତାବ ମାନଙ୍କ ଉପରେ ନିଜର ସହମତି ବ୍ୟକ୍ତ କରିବା ସହ ତୁରନ୍ତ ଏହାର କାର୍ଯ୍ୟକାରୀତା ଓ ବିଭାଗୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ବାହୀ ଅଧିକାରୀ ରେବତୀ ମାଝି କହିଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଇପିଏଫ ପେନସନ ଭୋଗୀ

କେନ୍ଦ୍ରାପଡ଼ା,୨୫/୦୬(ନି.ପ୍ର): ଅଲ ଓଡିଶା ଇପିଏଫ ପେନଶନ ସଂଘ କେନ୍ଦ୍ରାପଡା ଶାଖା ତରଫରୁ ଶତାଧିକ ପେନଶନ ଭୋଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୋଷ୍ଟକାର୍ଡ ରେ ଚିଠି ଲେଖି ପେନଶନ ବଢ଼ାଇବା ପାଇଁ ଦାବି କରିଛନ୍ତି । ଏନେଇ ଶତାଧିକ ଇପିଏଫ ପେନଶନ ଭୋଗୀ ଉଠା ଜଳସେଚନ କାର୍ଯ୍ୟାଳୟ ପରିସର ରେ ଏକ ବୈଠକର ଆୟୋଜନ କରିଥିଲେ । ଜିଲ୍ଲା ସଭାପତି ବସନ୍ତ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ଶ୍ରୀରାମ ଦାଶ, ଉପ ସଭାପତି କାହ୍ନୁ ଚରଣ ଦାଶ, ସାଧାରଣ ସଂପାଦକ ଲୋକନାଥ ରାଉତ, ଯୁଗ୍ମ ସଂପାଦକ ପିତାମ୍ବର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସର୍ବନିମ୍ନ ମାସିକ ପେନଶନ ୯ ହଜାର ଟଙ୍କା ସହ ମହଙ୍ଗା ଭତା ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନଶନ, ସମସ୍ତ ଇପିଏଫ ପେନଶନ ଭୋଗୀ ମାନଙ୍କୁ ଚିକିତ୍ସା ଭତା କିମ୍ବା ଆୟୁସମାନ ଭାରତ ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ସେବା ଯୋଗାଇବା, ବରିଷ୍ଠ ପେନଶନ ଭୋଗୀ ମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇବା ଆଦି ଦାବି ଗୁଡିକ ରହିଛି ।

# ସରକାରୀ ବିହନ ଗଜା ହେଉନଥିବା ଅଭିଯୋଗ : ଚିନ୍ତାରେ ଚାଷୀ

ନୂଆପଡ଼ା,୨୫/୦୬ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକରେ ସରକାରୀ ବିହନ କ୍ରୟ କରି ବିଲରେ ଚାଷ କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସରକାରୀ ବିହନ ଗଜା ହେଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସରକାରୀ ସ୍ତରରେ ଅଧିକ ଅମଳ କ୍ଷମ ବିହନ ଯୋଗାଣ ହେବା ନେଇ ଚାଷୀ ନିଜ ପାରମ୍ପାରିକ ଚାଷ ପ୍ରଣାଳୀରୁ ଦୂରେଇ ଯାଉଛନ୍ତି । ପୂର୍ବରୁ ନିଜେ ବିହନ ରଖିବା ପରମ୍ପରା ବନ୍ଦ ହୋଇଅଛି । ସରକାରୀ ବିହନ ବିକ୍ରୟ କେନ୍ଦ୍ରରୁ ୧୦୦୧ ଧାନ ଆଣି ଚାଷୀ ନିଜ ଜମିରେ ବୁଣି ଥିଲେ । କିନ୍ତୁ, ୧୫ ଦିନ ବିତି ଯାଇଥିଲେ ମଧ ଧାନ ଗଜା ହୋଇନାହିଁ । ଫରସରା ଗ୍ରାମର ବିପିନ ବିହାରୀ ଧାରୁଆ ୧୫ ପ୍ୟାକେଟ, ଧନୁର୍ଦ୍ଧର ବାଗ ୧୧ ପ୍ୟାକେଟ, ଆମ୍ବଗୁଡାର ନରେନ୍ଦ୍ର ବଛା ୭ ପ୍ୟାକେଟ, ବିନୋପୁରର ପୁସ୍ତମ ନିଆଳ ୪ ପ୍ୟାକେଟ, ବୋଡ଼େନର ହୀରଲାଲ ମାଝୀ ୧୨ ପ୍ୟାକେଟ, କେରାପଦର ଦୟାଲାଲ ମାଲୀ ୧୧ ପ୍ୟାକେଟ ଧାନ ବିହନ ଗଜା ହେଉନଥିବା ଅଭିଯୋଗ କରିଛନ୍ତି । ଏହି ଘଟଣା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କୃଷି କର୍ମଚାରୀ ଆସି ଘଟଣାର ତଦନ୍ତ କରିଛନ୍ତି । ଚାଷୀଙ୍କ ହୋଇଥିବା କ୍ଷତିର କ୍ଷତିପୂରଣ ଦେବ କିଏ । ଏହା ଚାଷୀମାରଣ ନୀତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏହାର ତଦନ୍ତ ହୋଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି ।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଇପିଏଫ ସମସ୍ୟା ସମାଧାନ ଦାବିରେ ଜୟପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଧାରଣା

ମୁଖୀଗୁଡା,୨୫/୦୬ (ନି.ପ୍ର): ଇପିଏଫ କାର୍ଯ୍ୟାଳୟ ବ୍ରହ୍ମପୁରଙ୍କ ଅବହେଳାର ପ୍ରତିବାଦ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଇପିଏଫ ସମସ୍ୟା ସମାଧାନ ଦାବିରେ ଜୟପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଜୟପାଟଣା ବିଇଓଙ୍କ କାର୍ଯ୍ୟାଳୟକୁ ତାଲା ପକାଇବା ସହ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ/ ଶିକ୍ଷୟିତ୍ରୀ ମାନେ ଧାରଣା ଦେଇଛନ୍ତି । କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ୨୦୦୫ ବ୍ୟାଚର ୨୬ ଜଣ,୨୦୦୬ ବ୍ୟାଚର ୮୯ ଜଣ ଓ୨୦୧୧ ବ୍ୟାଚ ର୪୯ଜଣ, ୮୯ ଜଣ ଏକ୍ସକେଡ଼ର ଶିକ୍ଷକଙ୍କ ଇପିଏଫ ଟଙ୍କା ଓଆରବିଏମ୧୦୨୮୦(କେ) ଖାତାରେ ଏସବିଆଇ ଜୟପାଟଣା ଚାଲାଣ ମାଧ୍ୟମରେ ୧୨୬୯୪୯୨ଟଙ୍କା ଇପିଏଫ ଖାତାରେ ଜମା ହୋଇନାହିଁ ।ଏବଂ ୪୬୦୭୧୫ ଟଙ୍କାର କିଛି ହିସାବ ଜଣା ପଡୁନାହିଁ ଯାହା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଙ୍କ ଚିଠି ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଚିଠିରେ ସ୍ପଷ୍ଟ କରାଯାଇଛି । ୧୭୩୦୨୦୭ଟଙ୍କା ପାଇବାରେ ଶିକ୍ଷକ ମାନଙ୍କର ନ୍ୟାର୍ଯ୍ୟ ହୋଇଥିଲେ ହେଁ ସେମାନେ ପାଇ ନାହାଁନ୍ତି । ଏହାର ପ୍ରତିବାଦରେ ଜୟପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଇପିଏଫ ମହାପ୍ରବନ୍ଧକ ବ୍ରହ୍ମପୁର, ଡିପିସି କଳାହାଣ୍ଡି, ଏସପିଡି ଭୁବନେଶ୍ୱରଙ୍କୁ ଜଣାଇଥିଲେହେଁ କୌଣସି ସୁଫଳ ନ ମିଳିବାରୁ ଜୟପାଟଣା ବ୍ଲକର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଜୟପାଟଣା ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ସୁରେନ୍ଦ୍ର ଯୋଶୀ, ଆଜୀବନ ସଦସ୍ୟ ଭୁବନ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ସଭାପତି ଗଣେଶ ବେହେରା, ଜୟପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଲଳିତ ନାଏକ, ଯୁଗ୍ମ ସଂପାଦକ ଅନୀଲ ପଟ୍ଟନାୟକ, ଶିକ୍ଷକ ସଂଘର ଉପଦେଷ୍ଟା ବିଜୟ ଯୋଶୀ, ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ବେହେରା, ମାନସ ପଣ୍ଡା, ସିଦ୍ଧାର୍ଥ ମିଶ୍ର, ନବ ନାଏକ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଧାରଣାରେ ବସି ରହିଛନ୍ତି । ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଜଣାଇଛନ୍ତି ।

# କାର୍ଯ୍ୟକ୍ଷମ ହେଲା ବସ୍ ଟର୍ମିନାଲ : ଓଏସଆରଟିସି ବସ୍ ଚଳାଚଳ ଆରମ୍ଭ

ବଲାଙ୍ଗିର,୨୫/୦୬ (ନି.ପ୍ର): ଆଜିଠୁ ବଲାଙ୍ଗିରରେ ନବନିର୍ମିତ ବସ ଟର୍ମିନାଲ କାର୍ଯ୍ୟକ୍ଷମ ହୋଇ ଏଠାରୁ ଓଏସଆରଟିସିର ବସ ଚଳାଚଳ ଆରମ୍ଭ ହୋଇଛି । ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ଆଜି ଭୋର୍ ୪ଟା ୪୫ ରେ ସବୁଜ ପତାକା ଦେଖାଇ ବଲାଙ୍ଗିରରୁ ଫୁଲବାଣୀ ଯାଉଥିବା ବସ ଚଳାଚଳ ଶୁଭାରମ୍ଭ କରିଥିଲେ । ଆଜିଠାରୁ ବଲାଙ୍ଗିର ଓଏସଆରଟିସି ୟୁନିଟ ସହିତ ବଲାଙ୍ଗିର ଦେଇ ଯାଉଥିବା ଅନ୍ୟ ଜୋନ ର ବସ ଗୁଡ଼ିକ ମଧ ଏହି ଟର୍ମିନାଲକୁ ଯିବ । ନୂତନ ବସ ଟର୍ମିନାଲରେ ଭୁବନେଶ୍ୱର ୟୁନିଟର ଗୋଟିଏ, ଭବାନୀପାଟଣା ୟୁନିଟର ଗୋଟିଏ, ବରଗଡ଼ ୟୁନିଟର ୫ ଟି, ବଲାଙ୍ଗିର ୟୁନିଟର ୭ ଟି, କେନ୍ଦୁଝର ୟୁନିଟର ଗୋଟିଏ, ପଦମପୁର ୟୁନିଟର୪ ଟି, ସମ୍ବଲପୁର ୟୁନିଟର ୩ ଟି, ରାଉରକେଲା ୟୁନିଟ ର ଗୋଟିଏ ଓ ଅନୁଗୁଳ ୟୁନିଟର ଗୋଟିଏ ରୁଟରେ ବସ ବଲାଙ୍ଗିର ବସ ଟର୍ମିନାଲ ଦେଇ ଚଳାଚଳ କରିବ । ଏଥିପାଇଁ ସମସ୍ତ ବସ ରୁଟ ର ସମୟ ସାରଣୀ ସମ୍ପର୍କରେ ବିଭାଗ ତରଫରୁ ସୂଚନା ଦିଆଯାଇଛି । ବଲାଙ୍ଗିର ଜିଲ୍ଲାବାସୀଙ୍କ ପାଇଁ ଏହି ନୂତନ ବସ ଟର୍ମିନାଲ ଲୋକାର୍ପିତ ହୋଇଛି । ଉତମ ସେବା ଯୋଗାଇ ଦେବାରେ ଓଏସଆରଟିସି ଓ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବା ସହ ବସ ଟର୍ମିନାଲକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିମନ୍ତେ ଜିଲ୍ଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଆଜିର ଏହି ବସ୍ ଚଳାଚଳ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂହ ଲାଗୁରୀ, ଓଡ଼ିଶା ରାଜ୍ୟ ପରିବହନ ମୁଖ୍ୟାଳୟର ଡିଟିଏମ ( ଅପରେସନ) ପ୍ରଶାନ୍ତ କୁମାର ହୋତା, ଭୁବନେଶ୍ୱର କାର୍ଯ୍ୟାଳୟର ମାନବ ସମ୍ବଳ ପରିଚାଳକ ଦୁର୍ଗା ମାଧବ ମହାପାତ୍ର, ଅତିରିକ୍ତ ଇଷ୍ଟେଟ ଅଧିକାରୀ ଗଗନ ବିହାରୀ ସେନାପତି, ବଲାଙ୍ଗିର ୟୁନିଟର ଭରପ୍ରାପ୍ତ ଅଧିକାରୀ ସାରସ କୁମାର୍ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ବଲାଙ୍ଗିର ତହସିଲଦାର ମଘବାନ ବାଗ, ବଲାଙ୍ଗିର ପୌରପରିଷଦ ନିର୍ବାହୀ ଅଧିକାରୀ ବିପିନ ଦୀପ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ସହକାରୀ ଜିଲ୍ଲାପାଳ ଦିଲୀପ କୁମାର୍ ମାଝୀ ,ଗୁରେଶ୍ୱର୍ ଭୋଇ, ଓଏସଆରଟିସି ମୁଖ୍ୟାଳୟର ସହକାରୀ ସଲ ଖାନ ମାଝୀଙ୍କ ସମେତ ଓଏସଆରଟିସିର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଆଜି ନୂତନ ଭାବେ ଟର୍ମିନାଲରୁ ଛାଡିଥିବା ବସ ର ଯାତ୍ରୀ ମାନେ ଟର୍ମିନାଲ ପାଇଁ ଖୁସି ପ୍ରକଟ କରିଛନ୍ତି ।

## AFFIDAVIT

By virtue of an affidavit before Notary public Balasore vide no 7440 dtd. 27.08.2020. I declared that my Name is Herrscher Einzigarting, age about 32 years, S/o of R.N. Rout at kiagohari, Ranipatna, Po- Balasore, P.S.-Town, Dist- Balasore. Want to state thar Previously I was known as Himadri Rout which is recorded in my educational Certificate and aadhar card. So here I declared that henceforth I shall be known as Herrscher Einzigarting in all place and where and when necessary instead of Himadri Rout.

-Herrscher Einzigarting

# ବାଲିଗୁଡାରେ ମନରେଗା କାମରେ ଶ୍ରମିକ ବଦଳରେ ମେସିନ୍ : ଘଟଣାର ତଦନ୍ତ କେବେ ?

କନ୍ଧମାଳ,୨୫/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକରେ ମନରେଗାରେ ଦୁର୍ନୀତି । ଖବର ପ୍ରକାଶ ପରେ ମଧ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଘା ନାହିଁ । ମନରେଗା ଯୋଜନାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରାମାଂଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଛି । ମନରେଗା ଯୋଜନାରେ ଜଳ ବିଭାଜିକା ଓ ମୃତିକା ସଂରକ୍ଷଣ ବିଭାଗ ଦ୍ୱାରା ପୋଖରୀ ଖନନ କାର୍ଯ୍ୟ ଚାଲିଛି । ସରକାରୀ ନିୟମାନୁଯାୟୀ ଏଠି ଶ୍ରମିକ କାମ କରିବା କଥା କିନ୍ତୁ, ଶ୍ରମିକଙ୍କ ବଦଳରେ କାମ କରୁଛି ଜେସିବି ମେସିନ୍ । ସେପଟେ କାର୍ଯ୍ୟ ଆରମ୍ଭ ପୂର୍ବରୁ ଉକ୍ତ ସ୍ଥାନରେ ସୂଚନା ଫଳକ ଲାଗିବା କଥା କିନ୍ତୁ ସେଥିରେ ମଧ ବ୍ୟତିକ୍ରମ ଦେଖିବାକୁ ମିଳିଛି । କେତେକ ସ୍ଥାନରେ ସୂଚନା ଫଳକ ଲାଗିନଥିବା ବେଳେ ଆଉ କିଛି ସ୍ଥାନରେ ସୂଚନା ଫଳକ ଲାଗିଛି ସତ ହେଲେ, ସେଥିରେ ସୂଚନା ନଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକର ବିଭିନ୍ନ ପଚାଂୟତରେ । ସୂଚନା ପ୍ରକାରେ, ବାଲିଗୁଡ଼ା ବ୍ଲକର ଜଳ ବିଭାଜିକା ଓ ମୃତିକା ସଂରକ୍ଷଣ ସଂସ୍ଥା ଦ୍ୱାରା ପ୍ରତି ପଚାଂୟତରେ ହିତାଧିକାରୀଙ୍କ ନାମରେ ପୋଖରୀ ଖନନ କାର୍ଯ୍ୟର କାର୍ଯ୍ୟାଦେଶ ହୋଇଥିଲା । କିନ୍ତୁ, ଏହି କାର୍ଯ୍ୟାଦେଶ ନାମକୁ ମାତ୍ର । ହିତାଧିକାରୀଙ୍କ ବଦଳରେ ଏଠାରେ କାମ କରୁଛନ୍ତି ଠିକାଦାର ତାହା ପୁଣି ଜେସିବି ମେସିନ ଦ୍ୱାରା । ଘଟଣା ସମ୍ପର୍କରେ ବାଲିଗୁଡ଼ା ଜଳ ବିଭାଜିକା ଓ ମୃତିକା ସଂରକ୍ଷଣ ବିଭାଗ ଅଧିକାରୀଣିଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତର ନଦେଇ ଓଲଟି ଘଟଣାକୁ ଯେନତେନ ପ୍ରକାରେ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି । ଠିକାଦାର ଓ ବିଭାଗୀୟ ଅଧିକାରିଣୀଙ୍କ ମଧୁ ଚନ୍ଦ୍ରିକାରେ କାମ ନପାଇ ଶ୍ରମିକ ହତାଶ । ଗୋଟିଏ ପରିବାରର ଜଣେ ହିତାଧିକାରୀଙ୍କ ନାମ ରହିବା କଥା କିନ୍ତୁ, ଗୋଟିଏ ପରିବାରର ଦୁଇ ତିନି ଜଣ ସଦସ୍ୟଙ୍କ ନାମ କିଭଳି ରହୁଛି ଏବଂ କାମ ନହୋଇ ସେମାନଙ୍କ ଆକାଉଣ୍ଟ୍ କୁ କିଭଳି ଟଙ୍କା ଯାଉଛି ଏହାର ତଦନ୍ତ ଦାବି କରିଛନ୍ତି ଅଂଚଳବାସୀ । ଏଥିରୁ ସ୍ପଷ୍ଟ ଅନୁମେୟ ଜଳବିଭାଜିକା ଅଧିକାରୀ ଓ ଠିକାଦାର ମିଳିମିଶି ସରକାରୀ ଅର୍ଥ ଚଲୁ କରିବାକୁ ଯୋରଦାର୍ ଉଦ୍ୟମ ଚଳାଇଛନ୍ତି । ଏଣୁ ତୁରନ୍ତ ଏଭଳି ଲୋକଙ୍କ କାର୍ଯ୍ୟାଦେଶ ନାକଚ କରିବା ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ଅଂଚଳବାସୀ ଓ ବୁଦ୍ଧିଜୀବୀ ।

# ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପୁରୀ,୨୫/୦୬ (ନି.ପ୍ର): ଭାରତୀୟ ରେଡକ୍ରସ ସୋସାଇଟି ରାଜ୍ୟ ଶାଖା ଏବଂ ପୁରୀ ଜିଲ୍ଲା ରେଡକ୍ରସ ଶାଖାର ମିଳିତ ସହଯୋଗରେ ଏକ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂସ୍କୃତି ଭବନ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ରେଡକ୍ରସ ଶାଖାର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ସମର୍ଥ ବର୍ମା ଯୋଗଦେଇ ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଂଟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଜିଲ୍ଲା ରେଡକ୍ରସର ସାଧାରଣ ସମ୍ପାଦକ ତଥା ଜିଲ୍ଲା ଆପାତକାଳୀନ ଅଧିକାରୀ ଡଃ. ଜିତେନ୍ଦ୍ର କୁମାର ପାତ୍ର, ଯୁଗ୍ମ ସମ୍ପାଦିକା ଗୀତାଞ୍ଜଳି ପଣ୍ଡା ପ୍ରମୁଖ ମଚାଂସିନ ଥିଲେ । କାର୍ଯ୍ୟକାରୀ କମିଟି ସଦସ୍ୟ ଜୟନ୍ତୀ ମହାପାତ୍ର, ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଯୋଗ ଦେଇଥିଲେ । ସଦସ୍ୟ ମଧୁମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ପ୍ରଶିକ୍ଷକ ଭାବେ ରାଜ୍ୟ ଶାଖାର ଗୁଲସନ ଦାଶ ଓ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ

ଗଂଜାମ,୨୫/୦୬ (ନି.ପ୍ର): ଆଜି ଗଞ୍ଜାମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ହଲ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ର ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ଼ି.କାର୍ତି ଓ୍ୱାସନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ସମୀକ୍ଷା ବୈଠକ ରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀମାନଙ୍କୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା କରାଯାଉଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ର ସୁସମ୍ପାଦନ ଦିଗରେ ସମସ୍ତେ ତତ୍ପରତା ପ୍ରକାଶ କରନ୍ତୁ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଅବଗତ କରାଇଥିଲେ । ଉକ୍ତ ବୈଠକରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଜୀବନ ଓ ଜୀବୀକା, ମିଶନ୍ ଶକ୍ତି, ଛତୁଚାଷ, ଅମୃତ ସାଗର ପୋଖରୀ ଖନନ, ପାନୀୟ ଜଳ, ପରିମଳ ଆଦି ସମସ୍ତ ବିଷୟ ଉପରେ ସମୀକ୍ଷା କରାଯାଇଥିଲା । ମିଶନ୍ ଶକ୍ତି ସହାୟତାରେ ଜିଲ୍ଲାରେ କରାଯାଉଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେବାପାଇଁ କୁହାଯାଇଥିଲା । ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟ ଗ୍ରାମପଂଚାୟତ ସ୍ତରରୁ ସମୀକ୍ଷା କରିବା ଉପରେ ପ୍ରକଳ୍ପ ନିର୍ଦ୍ଦେଶକ ଜଣାଇଥିଲେ । ଚଳିତ ବର୍ଷା ଋତୁରେ ସମସ୍ତ ବ୍ଲକ,ପଂଚାୟତ ଓ ଗାଁ ସ୍ତରରେ ବୃକ୍ଷରୋପଣ କରିବାକୁ କୁହାଯାଇଛି । ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ପରିଷ୍କାର ପରିଚ୍ଛନ୍ନତା ଯେଭଳି ବଜାୟ ରହିବ ସେହି ଦିଗରେ ସତର୍କ ଦୃଷ୍ଟି ଦେବାପାଇଁ ଜଣାଇଥିଲେ । ବର୍ଷା ଋତୁରେ ଗ୍ରାମାଂଚଳର ଲୋକମାନଙ୍କର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଯେପରି ଦେଖାଯିବ ନାହିଁ ସେଥିପ୍ରତି ଅଧିକ ଦୃଷ୍ଟି ଦେବାପାଇଁ କୁହାଯାଇଛି । ଯେଉଁ ଲୋକମାନଙ୍କୁ ଜବ କାର୍ଡ ଦିଆଯାଇନି ସେମାନଙ୍କୁ ଚିହ୍ନଟ କରି ତୁରନ୍ତ ଜବ କାର୍ଡପ୍ରଦାନ କରି ଶ୍ରମିକ ମାନଙ୍କୁ କାର୍ଯ୍ୟ ଯୋଗେଇ ଦେବାକୁ କୁହାଯାଇଛି । ଜିଲ୍ଲାରେ ପ୍ରତ୍ୟେକ ବ୍ଲକ ଓ ଏନଏସି ସ୍ତରରେ ଗଞ୍ଜାମ ହାଟଗୃହ ନିର୍ମାଣ କରିବାକୁ କୁହାଯାଇଛି । ନୂତନ ଭାବେ ଅଙ୍ଗନୱାଡି କେନ୍ଦ୍ର କୋଠା କାର୍ଯ୍ୟ ସମାପନ କରି ତୁରନ୍ତ କେନ୍ଦ୍ରଗୁଡିକୁ ସୌନ୍ଦର୍ଯ୍ୟ କରଣ କରିବା ସହିତ, ଟିଭି, ଚୌକି, ଟେବୁଲ, ପିଇବା ପାଣି ଓ ଶୈଚାଳୟ ବ୍ୟବସ୍ଥା କରି ତୁରନ୍ତ ସିଡ଼ିପିଓ ମାନଙ୍କୁ ହସ୍ତାନ୍ତର କରିବାକୁ ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ମନରେଗା କାର୍ଯ୍ୟରେ ମେସିନର ବ୍ୟବହାର ସଂପୂର୍ଣ୍ଣ ଭାବେ ନିଷେଧ କରାଯାଇଛି । ମନରେଗା ପ୍ରତୀଟି କାର୍ଯ୍ୟ ଶ୍ରମିକ ମାନଙ୍କର ଶ୍ରମରେ ଯେଭଳି ହେବ ଏବଂ ଶ୍ରମିକ ଗଣ ଦୈନିକ କାର୍ଯ୍ୟ ପାଇବେ ସେ ଦିଗରେ ପ୍ରକଳ୍ପ ନିର୍ଦ୍ଦେଶକ ଗୁରୁତ୍ୱ ଦେଇଥିଲେ । ଗ୍ରାମ ପଂଚାୟତସ୍ତର ସମସ୍ତ କାର୍ଯ୍ୟ ନିଜ ତତ୍ତ୍ୱାବଧାନ କରିବା ପାଇଁ କୁହାଯାଇଛି ।


# ଅନୁପଯୁକ୍ତ ଜାଗାରେ ବିଦ୍ୟାଳୟ ନିର୍ମାଣକୁ ବିରୋଧ କରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ଜୟପୁର,୨୫/୦୬ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ କେବିଡି ପଂଚାୟତର ଶତାଧିକ ଗ୍ରାମବାସୀ ଉକ୍ତ ଗ୍ରାମରେ ଏକ ଅନୁପଯୁକ୍ତ ଜାଗାରେ ବିଦ୍ୟାଳୟ ନିର୍ମାଣ ହେଉଥିବା ହେଉଥିବାକୁ ନେଇ ଅସନ୍ତୋଷ ପ୍ରକାଶ କରି ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । କେତେକ ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ଓ ଦୂର ଦୃଷ୍ଟି ଅଭାବ ଅଧିକାରୀଙ୍କ ଦ୍ୱାରା ଏହି ବିଦ୍ୟାଳୟ ଏକ ଅନୁପଯୁକ୍ତ ସ୍ଥାନରେ ହେଉଥିବା ନେଇ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅନିଚ୍ଛା ସତ୍ତ୍ୱେ ଏହି ବିଦ୍ୟାଳୟ ଗୃହ କାର୍ଯ୍ୟ ଆରମ୍ଭ କରାଯାଇଛି ବୋଲି ସ୍ଥାନୀୟ ଗ୍ରାମବାସୀ ମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ବିଦ୍ୟାଳୟର ନିର୍ମାଣଧୀନ ନୂତନ କୋଠା ଠାରୁ ୨୦୦ ମିଟର ଦୂର ଥିବା ହେତୁ କୋମଳମତୀ ଛାତ୍ରଛାତ୍ରୀ ମାନଙ୍କ ମନରେ ଭୟର ବାତାବରଣ ରହିଛି । ସେହିପରି ଏହା ଠାରୁ ଅନତି ଦୂରରେ ଏକ ଘନ ଜଙ୍ଗଲ ଥିବା ହେତୁ ଜଙ୍ଗଲ ଜୀବଜନ୍ତୁ ଭୟ ଥିବାର ସମ୍ଭାବନା ରହିଛି, ୧୦୦ ରୁ ୨୦୦ ମିଟର ଦୂରରେ ଏକ କାଜୁ ମିଲ୍ ଥିବା ହେତୁ ଦୂଷିତ ଧୂଆଁ ଯୋଗୁଁ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାର ରୋଗରେ ପଡିବାରୁ ସମ୍ଭାବନା ରହିଛି ଏବଂ ଉକ୍ତ ନିର୍ମାଣଧିନ କୋଠା ନିକଟରେ ଅତି ପୁରୁଣା ଏକ ଆମ୍ବତୋଟା ଥିବା ହେତୁ ଗଛ ଭାଙ୍ଗିବାର ଆଶଙ୍କା ସହ ଛାତ୍ର ଛାତ୍ରୀ ମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ନେଇ ଏକ ଦାବି ପତ୍ର ଜୟପୁର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଶୁଣ୍ଡି କେବିଡି ନିକଟସ୍ଥ ଆରଆଇ. ମ୍ୟାପ୍ ରେ ଥିବା ଗ୍ରାମକଣ୍ଠ ଜାଗା ପ୍ଲଟ ନମ୍ବର ୯୦୨ ରେ ନୂତନ ଭାବେ ଉଚ୍ଚ ବିଦ୍ୟାଳୟ ନିର୍ମାଣ କଲେ ଉପଯୁକ୍ତ ସହ ସୁରକ୍ଷା ଜାଗା ବୋଲି ଗ୍ରାମବାସୀ ମାନେ ଏହି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । କେବିଡି ନିକଟରେ ରାସ୍ତା ଉପରେ ଥିବା ସରକାରୀ ଜାଗାକୁ ମଧ ଚିହ୍ନଟ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଥିଲେ ।ଉକ୍ତ ନିର୍ମାଣଧିନ କୋଠା ବା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରା ନ ଗଲେ କିମ୍ବା ପ୍ରଶାସନ ତରଫରୁ ଏହି ସ୍ଥାନରେ ହିଁ ନୂତନ ନିର୍ମାଣଧିନ କୋଠା ପାଇଁ ଅନୁମତି ଦେଲେ , ଗ୍ରାମରେ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହେବା ସହ କେବିଡି ଗ୍ରାମ ପଞ୍ଚାୟତର ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କେବିଡି ପଞ୍ଚାୟତର ଗ୍ରାମବାସୀମାନେ ଚେତାବନୀ ଦେଇଥିଲେ ।

## ଧାରାବାହିକ : ଜୀବନାନୁଭୂତି

ଭାଗ-୮୦

# ମୋର୍ ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ନିୟମାନୁସାରେ ସମସ୍ତ ଡେପୁଟି ଓ ସବ୍‌ଡେପୁଟି ତାଙ୍କ ସହିତ ସାକ୍ଷାତ କରିବାକୁ ଗଲୁ । ସେ କଲେକ୍ଟର ଧର୍ ସାହେବ ଛିଡ଼ା ହୋଇଥାନ୍ତି ଓ ଅଦୂରରେ ଶ୍ରେଣୀବଦ୍ଧ ଭାବରେ ଦଣ୍ଡାୟମାନ ଡେପୁଟି ଓ ସବ୍‌ଡେପୁଟିବୃନ୍ଦ ଜଣଜଣ ହୋଇ ଯାଇ ତାଙ୍କ ସହିତ ସାକ୍ଷାତ, କରମର୍ଦ୍ଦନ ଓ କଥାବାର୍ତ୍ତା କରି ଆସୁଥାନ୍ତି । ମୋ ପାଳି ଯେତେବେଳେ ଆସିଲା, ମୁଁ ଗଲି । କମିଶନର ସାହେବ ମୋ ସହିତ କରମର୍ଦ୍ଦନ କରି **'How do you do?'** (ଅବିକଳ ଅର୍ଥ- 'କିପରି ଅଛ ?') କହିଲେ । ମୋ ମୁଣ୍ଡରେ ଖେଳିଗଲା, ଏହାର ସୁଯୋଗ ମୁଁ ନେବି । ଜାଣିଥିଲି, ଏହାର ଅର୍ଥ କିଛି ନୁହେଁ, ସାଧାରଣ ଅଭିବାଦନ ସୂଚକ । ତଥାପି ନଜାଣିଲା ପରି କହିଲି, 'ମୋର ଅବସ୍ଥା ଅତି ମନ୍ଦ **(Doing very dadly sir)** ।' ସେ ପଚାରିଲେ, 'କଥା କଣ ?' ମୁଁ କହିଲି, 'ମୋ ସ୍ତ୍ରୀ, ପୁଅ, ଝିଅ ସମସ୍ତେ ମାଲେରିଆରେ ଅତ୍ୟନ୍ତ କଷ୍ଟ ଭୋଗ କରୁଅଛୁଁ । ମୁଁ ମୋର କାମ ସୁଦ୍ଧା କରିପାରୁନାହିଁ । ମୋତେ କୌଣସି ସ୍ୱାସ୍ଥ୍ୟକର ସ୍ଥାନକୁ ବଦଳି କରାଯାଉ ।' ଧର ସାହେବ ମୋ ଆଡ଼କୁ ବଡ଼ବଡ଼ ଆଖି କରି ଅନାଇବାକୁ ଲାଗିଲେ । ଡରିବି କାହିଁକି ? ଶୁଭ ସମୟ ସବୁବେଳେ ଆସେନାହିଁ । ମୁଁ ତ ମିଥ୍ୟା କହିନଥିଲି ବା ପ୍ରତାରଣା କରୁନଥିଲି । ଏହି ସୁଯୋଗର ସୁବିଧା ନେବିନାହିଁ କାହିଁକି ? ଏହା ହରାଇଲେ ଆଉ ଆସିବ ନାହିଁ । କମିଶନର ସାହେବ କହିଲେ, 'ଆପଣ ବଦଳି ସକାଶେ ଦରଖାସ୍ତ କରନ୍ତୁ । ଯଦିଓ ମୁଁ ବଦଳିର ଆଶା ଦେଇ ନପାରେ, ତଥାପି ଚେଷ୍ଟା କରିବି ।' ମୁଁ ଧନ୍ୟବାଦ ଦେଲି ଓ ଅନ୍ୟାନ୍ୟ ବିଷୟରେ ପଦେ ଦୁଇପଦ କଥାବାର୍ତ୍ତା କରି ଚାଲିଆସିଲି । ଏହାର ଦୁଇଦିନ ପରେ କଲେକ୍ଟର ସାହେବଙ୍କ ହସ୍ତରେ ଯେତେବେଳେ ମୋର ଦରଖାସ୍ତ ଦେଲି, ସେ କହିଲେ, ମୁଁ ଅତ୍ୟନ୍ତ ଚତୁରତା ସହକାରେ ମୋର କାମ ହାସଲ କରିଦେଲି । ଅବଶ୍ୟ ସେ ଏହା ପରିହାସ ଛଳରେ କହିଥିବେ ।

୧୯୩୩ ମସିହାରେ ବର୍ଷା କାଳରେ ବନ୍ୟା ଯୋଗୁଁ ବାଲେଶ୍ୱର ଓ ଓଡ଼ିଶାର କେତେକ ଅଞ୍ଚଳରେ ଅନ୍ନ କଷ୍ଟ ଉପସ୍ଥିତ ହୋଇଥିଲା । ବିପନ୍ନ ଅଞ୍ଚଳର ସାହାଯ୍ୟ ସକାଶେ ବାଲେଶ୍ୱର ଜିଲ୍ଲାର ବାଳିକା ସ୍କୁଲ ସମୂହର ଇନସ୍‌ପେକ୍ଟ୍ରେସ୍ ଶ୍ରୀମତୀ ବିନୋଦିନୀ ଷଡ଼ଙ୍ଗୀ ସ୍ଥାନୀୟ ବାଳିକା ସ୍କୁଲରେ ଗୋଟିଏ ନାଟକ ଅଭିନୟର ଯୋଗାଡ଼ କରିଥିଲେ । ସେତେବେଳେ ମୋ ଝିଅମାନେ ପଢ଼ାପଢ଼ିରେ ବାଳିକା ସ୍କୁଲର ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟଙ୍କ ସଦୟ ଦୃଷ୍ଟି ଆକର୍ଷଣ କରିଛନ୍ତି । ଶ୍ରୀମତୀ ବିନୋଦିନୀଙ୍କ ବସା ମୋ ବସା ସମ୍ମୁଖରେ । ଝିଅମାନଙ୍କ ସଙ୍ଗୀତ ଶିକ୍ଷା ସକାଶେ ଜଣେ ଗୃହଶିକ୍ଷକ ନିଯୁକ୍ତ ହୋଇ ପ୍ରତ୍ୟହ ସନ୍ଧ୍ୟାରେ ବାଦ୍ୟଯନ୍ତ୍ର ସହିତ ସଙ୍ଗୀତ ଶିକ୍ଷା ଦେଉଥାଆନ୍ତି । ତାହା ଦେଖି ଶ୍ରୀମତୀ ବିନୋଦିନୀ ମୋ ଝିଅମାନେ ନାଟକାଭିନୟରେ ଯୋଗଦେବାପାଇଁ ମୋର ଅନୁମତି ସକାଶେ ଅନୁରୋଧ କଲେ । ଆନନ୍ଦ ସହକାରେ ମୁଁ ଅନୁମତି ଦେଲି ଓ ନିରୁପମା, ସୁଷମା, ସୁରମା, ନୀଳିମା ଓ ଉମା ଅତି ସୁନ୍ଦର ଅଭିନୟ କରିଥିଲେ । ସର୍ବାପେକ୍ଷା ସୁଷମାର ଲଳିତ କଣ୍ଠ ନିଃସୃତ ସଙ୍ଗୀତର ସମସ୍ତେ ପ୍ରଶଂସା କରିଥିଲେ । ଏହି ସମୟରେ ମାତ୍ର ତିନିବର୍ଷରେ ସୁଦ୍ଧା ପଡ଼ିନଥିବା ପୂର୍ଣ୍ଣିମାର ଶିଶୁମୁଖରେ ଭଙ୍ଗା ଦରୋଟି ଗୀତ 'ଉଠ ଫୁଲରାଣୀ ତୋଳ ମୁଖ ଖାନି ନୟନ ମିଳିୟା ଚାହାଁରେ' ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା । ଏହା ତାହାର ସଙ୍ଗୀତ ପ୍ରତିଭାର ଆସନ୍ନ ସୂଚନା ଦେଇଥିଲା । ଆଜି ସେହି ଶିଶୁକନ୍ୟା ପୂର୍ଣ୍ଣିମାର ମଧୁର ସଙ୍ଗୀତ ମୋର ହୃଦୟ ତନ୍ତ୍ରୀରେ ଝଙ୍କୃତ ହେଉଅଛି । ହାୟ ! ସେହି ପୂର୍ଣ୍ଣିମା ଆଜି ସ୍ୱର୍ଗରେ ।

ଏହି ବର୍ଷ ଡିସେମ୍ବର ମାସ ଆରମ୍ଭରେ ଦିନେ ସକାଳେ ମୁଁ ପୂର୍ବରାତ୍ରରେ ଜ୍ୱରର ବିରାମ ପରେ ଘର ବାହାର ବାରଣ୍ଡାରେ ଖରା ପିଠେଇ ବସିଛି । ଏହି ଖରା ସମୟରେ ଜଣେ ପଶ୍ଚିମା ବୃଦ୍ଧ ସାଧୁ ଓ ତାଙ୍କ ସସହିତ ଜଣେ ଯୁବକ ହଠାତ୍ ମୋ ସମ୍ମୁଖକୁ ଆସି ଭିକ୍ଷା ମାଗିଲେ । କିଛି ମିଳିବ ନାହିଁ ବୋଲି ମୁଁ ବିରକ୍ତପୂର୍ଣ୍ଣ ସ୍ୱରରେ କହିଲି । ତହିଁରୁ ସାଧୁ ତାଙ୍କୁ ହିନ୍ଦୀ ଭାଷାରେ କହିଲେ, 'ବାବା ! ବିରକ୍ତ ହୁଅନାହିଁ । ତୁମ୍ଭର ଜଗଦୀଶକୁ ବଦଳି ହୁକୁମ୍ ଆସି ସାରିଛି । ଡାକଘରକୁ ଲୋକ ପଠାଅ, ସରକାରୀ ଚିଠି ଆଣିବ ।' ତନ୍ମୁହୂର୍ତ୍ତରେ ମୋ ଚପରାସୀ ବନମାଳୀ ଦାସକୁ ପଠାଇଲି ଓ ସେ ସରକାରୀ ଲଫାପା ଖଣ୍ଡେ ମୋତେ ଦେଲା । ଫିଟାଇ ଦେଖିଲି, ପ୍ରକୃତରେ ପୁରୀକୁ ମୋର ବଦଳି ହୁକୁମ । ହିନ୍ଦୁ ସାଧୁମାନଙ୍କର ଏତାଦୃଶ ବିଜ୍ଞତା ସମ୍ବନ୍ଧରେ ଅନେକ ଗଳ୍ପ ଶୁଣିବାକୁ ମିଳେ । ଏଥିର ପ୍ରକୃତ ପରିଚୟ ପାଇ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହେଲି ଓ ସାଧୁଙ୍କ ସନ୍ତୋଷବିଧାନ କରି ତାଙ୍କୁ ବିଦାୟ ଦେଲି ।

ବାଲେଶ୍ୱରରେ ମୋ ଜୀବନର ଗୋଟିଏ ଘଟଣା ଅତ୍ୟନ୍ତ ବିସ୍ମୟକର ଓ ଅବିସ୍ମରଣୀୟ । ମୋ ବସା ଘରର ମାଲିକାଣୀ ଥିଲା ଜଣେ ଖ୍ରୀଷ୍ଟିୟାନ୍ ବୃଦ୍ଧା ଡାକ୍ତରାଣୀ । ଏହି ବସାଘରକୁ ଲାଗି ତାଙ୍କ ନିଜ ବସାଘର । ସେ ପ୍ରତ୍ୟହ ଆମ୍ଭ ଘରକୁ ଆସି କାନ୍ଥରେ ମୋ ପିଲାମାନେ ପେନ୍‌ସିଲ୍ ଦାଗ ପକାଇଛନ୍ତି, କେଉଁଠାରେ ମଇଳା ପଡ଼ିଛି, ଫୁଲ ଛିଣ୍ଡାଇ ନେଇଛନ୍ତି, ଇତ୍ୟାଦି କହି ବଡ଼ ବିରକ୍ତ କରନ୍ତି । ଆମ୍ଭ ବସାଘରର କାନ୍ଥମୂଳରୁ ତାଙ୍କ କଦଳୀ ବଗିଚା ଓ ନିକଟରେ ଗଡ଼ିଆ ପୋଖରୀ । ଦିନେ ଆସି ମୋ ଚାକର ତାଙ୍କ ସେହି ପୋଖରୀରୁ ମାଛ ଧରି ନେଇଥିବା ଅଭିଯୋଗ କଲେ । ମୁଁ ତହିଁରେ ପ୍ରତିବାଦ କଲି । ମାଛ ଧରି ନେଇଥିଲେ ତ ଆମ୍ଭେମାନେ ତାହା ଖାଇଥାନ୍ତୁ । ସେ ମୋ ସଙ୍ଗେ କଳି ଆରମ୍ଭ କରିଦେଲେ ଓ କହୁ କହୁ କହିଲେ ଯେ, ଦିନେ ରାତ୍ରିରେ ମୁଁ ନିଜେ ରହି ମୋ ଚାକରଦ୍ୱାରା ମାଛ ଧରାଇ ନେଇଥିବା ସେ ନିଜେ ଦେଖିଛନ୍ତି । ଏଡ଼େ ମିଛ କଥାରେ ମୋ ଭିତରୁ ଯେପରି ଗୋଟିଏ ନିଆଁ ବାହାରିଲା । ମୁଁ କହି ଉଠିଲି, 'ବୁଢ଼ୀ, ଏଡ଼େ ମିଛ କଥାଟାଏ କହୁଛ ? ତମ ଜିଭ ଛିଡ଼ିଯିବ । ଆଉ ଯେମିତି ମିଛ କହିପାରିବ ନାହିଁ ।' ତନ୍ମୁହୂର୍ତ୍ତରେ ବୁଢ଼ୀ ଗଁ ଗଁ କରିବାକୁ ଲାଗିଲେ । କଥା କହିବା ପାଇଁ ତୁଣ୍ଡ, ତୁଣ୍ଡ, ଛିଞ୍ଚାଡ଼ିବାକୁ ଲାଗିଲେ । ତଥାପି ଗଁ ଗଁ ଶବ୍ଦ । ତୁଣ୍ଡ ଆଉ ଫିଟୁନାହିଁ ! ଗୋଡ଼ ହାତ କଚାଡ଼ି ପାଟିକରିବାକୁ ଲାଗିଲେ । ତାଙ୍କ ପାଟିରୁ କଥା ଆଉ ପରିଷ୍କାର ଭାବେ ଫିଟୁନାହିଁ । ମୋର ବଡ଼ ଭୟ ହେଲା । କ'ଣ ହେଲା ବୋଲି ତାଙ୍କ ମୁହଁ, ମୁଣ୍ଡ, କାନ ଆଉଁଷି ମୁଣ୍ଡରେ ପାଣି ଛିଞ୍ଚି ଘର ଭିତରକୁ ନେଇଯିବା ସକାଶେ ତାଙ୍କ ପରିବାରରୁ ଅନ୍ୟାନ୍ୟଙ୍କୁ ଡାକିଲି । ସେମାନେ ତାଙ୍କୁ ଧରିନେଇଗଲେ । ଅଳ୍ପ ସମୟ ମଧ୍ୟରେ ଭାସ୍କରଗଞ୍ଜର ଅନେକଲୋକ ଓ ପରିଶେଷରେ ଜଣେ ଗୋରା ପାଦ୍ରୀ ଆସିଲେ । ଭାସ୍କରଗଞ୍ଜ ପ୍ରଧାନତଃ ଗୋଟିଏ ଖ୍ରୀଷ୍ଟିୟାନ୍ ବସତି । ସମସ୍ତେ ମୋତେ ପଚାରିଲେ, ମୁଁ କଣ କଲି । ମୁଁ ପ୍ରକୃତ ଘଟଣା ବର୍ଣ୍ଣନା କଲି ଓ ମୋର କିଛି ଦୋଷ ନଥିବା କହିଲି । ଆଉ ତାଙ୍କ ପାଟି ଫିଟିଲା ନାହିଁ । ତତ୍‌ପରେ ଅନେକ ଦିନ କିଛି ଦୋଷ ନଥିବା କହିଲି । ଆଉ ତାଙ୍କ ପାଟି ଫିଟିଲା ନାହିଁ । ତତ୍‌ପରେ ଅନେକ ଦିନ ପର୍ଯ୍ୟନ୍ତ ମୁଁ ତାଙ୍କୁ ଦେଖିଛି, ସେ ସର୍ବଦା ଖଣ୍ଡେ ସ୍ଲେଟ୍ ଧରିଥାନ୍ତି ଓ ତାଙ୍କ ବକ୍ତବ୍ୟ ପେନ୍‌ସିଲ୍‌ରେ ତା' ଉପରେ ଲେଖି ଦେଉଥାନ୍ତି । ମିଥ୍ୟାର ପ୍ରତିକ୍ରିୟାଜନିତ ମାନସିକ ଆଘାତ ଯୋଗୁଁ ବାକ୍‌ରୋଧ ହୋଇଥିବା ସମ୍ଭବ । ପୂର୍ବକାଳର ଋଷି, ମୁନିମାନଙ୍କ ଅଭିଶାପ ଏହାହିଁ ପ୍ରମାଣ । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।



ଭାଗ- ୫୪

### ॥ ସିନ୍ଦୂର ॥

ପୂର୍ବରୁ କହିଛି ୨୦୧୩ ମସିହାରେ ଚାରୋଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । କିନ୍ତୁ ବାସ୍ତବରେ ଚଳଚ୍ଚିତ୍ର ସଂଖ୍ୟା ଥିଲା ପାଞ୍ଚଟି । ତୁ ମୋ ସୁନା ତୁ ମୋ ହୀରା, ଦିୱାନା ଦିୱାନୀ, ସପନର ନାୟିକା, ପ୍ରେମିକା ଭିନ୍ନ ଆଉ ଗୋଟିଏ ଚଳଚ୍ଚିତ୍ରର ସେନ୍‌ସର ହୋଇଥିଲା ୨୦୧୩ ମସିହାରେ । ଚଳଚ୍ଚିତ୍ରଟି କିନ୍ତୁ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିନଥିଲା । ଚଳଚ୍ଚିତ୍ରଟିର ନାମ ଥିଲା 'ସିନ୍ଦୂର' । ସିନ୍ଦୂରର ପରିକଳ୍ପନା ୨୦୧୨ ମସିହାରୁ । ସୁଟିଂ ମଧ୍ୟ ସରିଯାଇଥିଲା । 'ପ୍ରେମିକ' ଚଳଚ୍ଚିତ୍ରର ସମାପ୍ତି ପୂର୍ବରୁ । 'ପ୍ରେମିକ' କଥା ପରେ କହିବି ।

ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଣୟ ଜେଠିଙ୍କ ନାମ ବେଶ ଜଣାଶୁଣା । ପ୍ରଡକ୍‌ସନ୍ ଡିଜାଇନର୍ କୁହନ୍ତୁ, ପବ୍ଲିସିଟି ଡିଜାଇନର କୁହନ୍ତୁ ସବୁଥିରେ ଚଳଚଞ୍ଚଳ । ଇ.ଟିଭିରେ ଚାକିରୀ କଲା ସମୟରୁ ପ୍ରଣୟ ବାବୁଙ୍କ ସହ ମୋର ବନ୍ଧୁତ୍ୱ । ପରେ ଚାକିରୀ ଛାଡ଼ି ଓଲିଉଡ୍‌ରେ ଫୁଲ୍ ଟାଇମ୍ ସମୟ ବିନିଯୋଗ କଲେ । ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟରେ ଧୂରିଣ । ହଠାତ୍ ଦିନେ ପ୍ରଣୟ ବାବୁଙ୍କ ଟେଲିଫୋନ୍ ପାଇଲି । ଅର୍ଜେଣ୍ଟ ଜଣେ ପ୍ରଡକ୍ସନ୍ ସଂସ୍ଥାକୁ ଯିବାକୁ ପଡ଼ିବ । ନୂଆ ସଂସ୍ଥା । ପ୍ରଥମ କରି ଚଳଚ୍ଚିତ୍ର ନିର୍ମାଣ ପାଇଁ ଆଗ୍ରହୀ । ମୁଖ୍ୟ ପ୍ରଯୋଜକ ଜଣେ ଜମି ବେପାରୀ । ନିର୍ଦ୍ଦିଷ୍ଟ ସମୟରେ ପଳାଶୁଣି ସ୍ଥିତ ପ୍ରଡକ୍ସନ୍ ଅଫିସରେ ପହଞ୍ଚିଲି । ନିର୍ଦ୍ଦେଶକଙ୍କ ସହ ପରିଚୟ ହେଲା । ସୀମାଚଳ ନାୟକ । ପରେ ଶୁଣିଲି ନିର୍ଦ୍ଦେଶନାରେ ସୀମାଚଳ ଏକଦମ୍ ନୂଆ । କେତୋଟି ଟେଲିଫିଲ୍ମ କରିଛନ୍ତି । ମ୍ୟୁଜିକ୍ ଡାଇରେକ୍ଟର ବଦ୍ରି ମହାନ୍ତି । ଜଣେ ଗାୟକ ଭାବରେ ବଦ୍ରି ମହାନ୍ତି ଜଣାଶୁଣା । କାହାଣୀ ଆଲୋଚନା ପୂର୍ବରୁ ମୋତେ ୫ଟି ଗୀତ ଶୁଣାଇଲେ । ସବୁଗୁଡ଼ିକ ଲେଖିଥିଲେ ଅରୁଣ ମନ୍ତ୍ରୀ । ମୁଁ ଆଶ୍ଚର୍ଯ୍ୟ ହେଲି । କାହାଣୀ କଣ ଜାଣିନି ସ୍କ୍ରିପ୍ଟ ଆରମ୍ଭ ହୋଇନି, ଅଥଚ ଗୀତ କାମ ଶେଷ । ବିରକ୍ତ ହେଲି । ଗୀତ ଗୁଡ଼ିକର ଟ୍ୟୁନିଂ ଭଲ ହୋଇଥିଲା । ପରେ ଶୁଣିଲି ସମ୍ଭାବ୍ୟ ସିକ୍ୟୁଏନ୍ସରେ ଗୀତଗୁଡ଼ିକ ପ୍ରସ୍ତୁତ କରାଯାଇଥିଲା । କାହାଣୀ ଦାୟିତ୍ୱ ମୋର । ଏ ସମସ୍ତ ଗୀତକୁ ନେଇ ମୋର କାହାଣୀରେ ସ୍ଥାନିତ କରିବାକୁ ପଡ଼ିବ । ଗୋଟେ ମୁହୂର୍ତ୍ତରେ ଇଚ୍ଛା ହେଲା ଫିଲ୍ମଟିକୁ ଛାଡ଼ିଦେବି । ପ୍ରଣୟ ଜେଠୀଙ୍କ ଅନୁରୋଧରେ ରାଜି ହେଲି ।

କାହାଣୀ ପ୍ରସ୍ତୁତି ପାଇଁ କିଛିଦିନ ସମୟ ଦେଲି । ଅନେକ ଦିନ ତଳେ ଗୋପାଳ ଯୋଗେଶ ନିର୍ଦ୍ଦେଶକଙ୍କ ପାଇଁ 'ଭାଇ' ଶୀର୍ଷକରେ କାହାଣୀର ପରିକଳ୍ପନା କରାଯାଇଥିଲା । ଚମତ୍କାର ସେଣ୍ଟିମେଣ୍ଟର ଉପାଦାନ ଥିଲା । ପରବର୍ତ୍ତୀ କାଳରେ ସେହି କାହାଣୀ ଆଧାରରେ ନିର୍ଦ୍ଦେଶକ ଶୈଳେନ୍ଦ୍ର ମିଶ୍ର (ବାବି)ଙ୍କ ନିମନ୍ତେ ସ୍କ୍ରିପ୍ଟ ପ୍ରସ୍ତୁତ କରିଥିଲି । ମାତ୍ର ଦୁଇ ଦୁଇଥର ସେ କାହାଣୀଟି ସୁଟିଂ ଫ୍ଲୋର୍‌କୁ ଓହ୍ଲାଇ ପାରିନଥିଲା । ଚମତ୍କାର କଣ୍ଟେଣ୍ଟ କାହାଣୀର । ଦୁଇ ସାଙ୍ଗ, ଜଣେ ବିତ୍ତଶାଳୀ ପିତାର ସନ୍ତାନ । ଜେଜେଙ୍କ ଦ୍ୱାରା ପାଳିତ, ବିବାହ ପାଇଁ ଅନିଚ୍ଛୁକ, ଜେଜେଙ୍କ ବାଧ୍ୟବାଧକତାରେ ନିଜ ବନ୍ଧୁଙ୍କ ସହାୟତାରେ ଏକ ଅସହାୟ ଝିଅକୁ ବିବାହ କରିବାର ନାଟକ ପାଇଁ ଘରକୁ ନେଇଆସେ । ପରବର୍ତ୍ତୀ କାହାଣୀ ଅତି ରୋଚକ । ନିଶାସକ୍ତ ଅବସ୍ଥାରେ ନାୟିକା ସହ ନିଜ ଅଜାଣତରେ ଶାରିରୀକ ସଂପର୍କ ସ୍ଥାପିତ ହୁଏ । ପରେ ନାୟକ ଅସ୍ୱୀକାର କରେ । ନାନା ଘଟଣା ଦୁର୍ଘଟଣା ମଧ୍ୟରେ କାହାଣୀର ପରିସମାପ୍ତି ହୁଏ ମିଳନାନ୍ତକ ଭାବରେ । କାହାଣୀଟିରେ କେବଳ ଟୁଇଷ୍ଟ ଆଉ ଟୁଇଷ୍ଟ ।

ସେହି କାହାଣୀଟି ମୁଁ ଶୁଣାଇଲି । ସମସ୍ତଙ୍କ ମନକୁ ପାଇଗଲା । ପୂର୍ବରୁ ରେକର୍ଡ ହୋଇଥିବା ୫ଟି ଗୀତକୁ ସ୍ଥାନିତ କରାଗଲା । ଶୀର୍ଷକ ରଖାଗଲା 'ହରେକୃଷ୍ଣ ହରେରାମ' । ଏକ ଟାଇଟିଲ୍‌ଟ୍ରାକ୍‌ର ରେକର୍ଡିଂ କରାଗଲା ।

ମୁଖ୍ୟ ଭୂମିକାରେ ସିଦ୍ଧାନ୍ତ ଓ ଅନୁ ଚୌଧୁରୀଙ୍କୁ କାଷ୍ଟିଂ କରାଗଲା । ଲରେନ୍ସ ସିଦ୍ଧାନ୍ତଙ୍କ ବନ୍ଧୁ ଭୂମିକାରେ ଅଭିନୟ ପାଇଁ ଚୁକ୍ତିବଦ୍ଧ ହେଲେ । ଅନ୍ୟତମ ନାୟିକା ଭାବରେ ନମ୍ରତା ଥାପାଙ୍କୁ ନିଆଗଲା । ଓଡ଼ିଶାର ବହୁ କଳାକାର ଅଭିନୟ କରିଥିଲେ । ମୀନକେତନ ଓ କେକେ ନେଗେଟିଭ୍ ଚରିତ୍ରରେ ଖୁବ୍ ଚମତ୍କାର କରିଥିଲେ । ନିର୍ଦ୍ଦିଷ୍ଟ ସମୟରେ ସୁଟିଂର ଆରମ୍ଭ ହେଲା ହାଇଦ୍ରାବାଦସ୍ଥିତ ଷ୍ଟୁଡିଓରେ । ମୋ ପାଖରେ ଅନ୍ୟକିଛି ଖବର ନଥିଲା ।

ଦିନେ ହଠାତ୍ ସିଦ୍ଧାନ୍ତଙ୍କ ଫୋନକଲ୍ ପାଇଲି । ସ୍କ୍ରିପ୍ଟ ସମ୍ବନ୍ଧରେ କିଛି ସନ୍ଦେହ ଥିଲା ଓ ତା' ସହିତ କିଛି ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଲେ, ଏହା ପରେ ମୁଖ୍ୟ ନାୟିକା ଅନୁଚୌଧୁରୀଙ୍କ ଫୋନ୍, ସେ ମଧ ତାଙ୍କର କିଛି ସନ୍ଦେହ ମୋଚନ ପାଇଁ ଫୋନ୍ କରିଥିଲେ । ପ୍ରଥମେ କିଛି ବୁଝିପାରିନଥିଲି, ହେଲେ ପରେ ପ୍ରଡ୍ୟୁସରଙ୍କୁ ଫୋନ୍ କରି ଜାଣିଲି ଡାଇରେକ୍ଟରଙ୍କ ଉପରେ ବିରକ୍ତ ହୋଇ ସିଦ୍ଧାନ୍ତ ନିଜେ ନିର୍ଦ୍ଦେଶନା ଦେଉଛନ୍ତି । ଅବଶ୍ୟ ସିଦ୍ଧାନ୍ତ ଅଭିଜ୍ଞତା ଦୃଷ୍ଟିରୁ ବେଶ୍ ଅଭିଜ୍ଞ ଥିଲେ । ମୋର ଏଥିରେ କିଛି ନାକ ପୂରାଇବାର ନଥିଲା । ସୁଟିଂ କାମ ଆଗେଇ ଚାଲିଲା । କିନ୍ତୁ ଅନୁ କିଛି ମାତ୍ରାରେ ଅସନ୍ତୁଷ୍ଟ ଥିବାର ତାଙ୍କ କଥାବାର୍ତ୍ତାରୁ ଜାଣିଲି ।

ପରେ ଘଟଣାକ୍ରମ ଥିଲା ରୋଚକ । ମୂଳ ପ୍ରଡ୍ୟୁସର ବା ଫାଇନାନ୍ସଙ୍କୁ ଅଣ୍ଡରଗ୍ରାଉଣ୍ଡ ହେବାକୁ ପଡ଼ିଲା ଓ ଚଳଚ୍ଚିତ୍ର ସମାପ୍ତ ହେବାଟା ଆମକୁ ଅସମ୍ଭବ ଲାଗିଲା । ମୁଁ ପ୍ରାୟତଃ ଭୁଲିଗଲି ଯେ 'ହରେକୃଷ୍ଣ ହରେରାମ' ଶୀର୍ଷକରେ ଏକ ଚଳଚ୍ଚିତ୍ର ସହ ସଂପୃକ୍ତ ଥିଲି ବୋଲି ।

କିନ୍ତୁ ଅନେକ ବର୍ଷ ପରେ ଟି.ଭି ପରଦାରେ ଏକ ଚଳଚ୍ଚିତ୍ର ଦେଖିବା ବେଳେ ମତେ ଲାଗିଲା ତା'ର ସ୍କ୍ରିପ୍ଟ ମୁଁ ପ୍ରସ୍ତୁତ କରିଥିଲି, ଚଳଚ୍ଚିତ୍ରଟିର ଶୀର୍ଷକ ଥିଲା 'ସିନ୍ଦୂର', ପ୍ରଯୋଜକ ଥିଲେ ପ୍ରଣୟ ଜେଠି । ପରେ ଜାଣିଲି ଅସଂପୂର୍ଣ୍ଣ ବା ଚଳଚ୍ଚିତ୍ରଟିର ନାମ ପରିବର୍ତ୍ତନ କରି ସଂପୂର୍ଣ୍ଣ କରିଥିଲେ ପ୍ରଣୟ ଜେଠି । ଚଳଚ୍ଚିତ୍ରଟ ସେନ୍‌ସର ହୋଇଥିଲା । ମାତ୍ର କୌଣସି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିନଥିଲା । ତା'ର ପ୍ରସାରଣ ଟେଲିଭିଜନରେ ହୋଇଥିଲା । ସବୁ ଦୃଷ୍ଟିରୁ କିନ୍ତୁ ଚଳଚ୍ଚିତ୍ରଟି ସଫଳ ମନେ ହୋଇଥିଲା । ମାତ୍ର କାହାଣୀରେ ମୋ ନାଁ ନଥିଲା । ଭାରି ବାଧିଲା ମତେ । (କ୍ରମଶଃ)

## କବିତା .....

### ॥ ଖାଲ ଢିପ ॥

**ବଂଶୀଧର ଷଡଙ୍ଗୀ**



ଚନ୍ଦ୍ର ସୂର୍ଯ୍ୟଙ୍କୁ ଯଦି ଦି'ଜଣ
ଅଭିନେତା କୁହାଯାଏ ତେବେ
ସେମାନେ ତାଙ୍କର ଅଭିନୟ
ବେଶ୍ ନିଖୁଣ ଭାବରେ କରିଚାଲିଛନ୍ତି ।

ରାସ୍ତାଠୁ କିଛି ଦୂର ପଡିଆରେ
ବୁଢ଼ାଟିଏ ବରପତ୍ର ସାଂଗେ ଓସ୍ତପତ୍ରକୁ
ବସି ବସି ଯୋଡିବାରେ ଲାଗିଚି ।
ବେଶ୍ କିଛି ପତ୍ର ପାଖରେ ଗଦା ହେଇଚି ।
ପଚାରିଲେ କହୁଚି :
ବର ସହିତ କନ୍ୟାକୁ
ଏଇ ପତ୍ରମାନଙ୍କ ଜରିଆରେ
ଏକାଠି କରୁଚି ।
ଅଥଚ ସେଠେଇ କେହି ନାହାନ୍ତି ।
ଏମିତି ନିଖୁଣ ଭାବରେ
ଯେଝା କାମ ଯିଏ କରି ଚାଲିଚନ୍ତି ।
କାହାର କୋଉଥିରେ ହସ୍ତକ୍ଷେପ କରିବାର
କୌଣସି କାରଣ ହିଁ ନାହିଁ ।

ସେ ମୂର୍ଖ କବିଙ୍କୁ
ଓହ୍ଲେଇବା ଜଣାଥିଲା ।
ଅଥଚ ସେ ଯୋଉ ଡାଳରେ ବସିଥିଲେ
ସେଇ ଡାଳର ମୂଳକୁ ହାଣୁଥିଲେ ।
କିଏ ଜାଣିଥିଲା
ଆଗକୁ ସିଏ ଏତେ ବଡ କବି ହେବେ ବୋଲି ।

ଅନ୍ଧାରରେ ସାବଧାନରେ
ପାଦ ପକେଇବାକୁ ପଡିବ ।
କିଏ ଜାଣେ ଆଗରେ ଖାଲ ନଥିବ ବୋଲି ।

ଲେଖିଲା ବେଳକୁ
କଲମରୁ କାଳି ସରିଗଲେ
କିମ୍ବା ପେନ୍‌ସିଲ୍‌ର ମୁନ ଭାଂଗିଗଲେ
ବିଚରା କବିଟିର ଲେଖିବାରେ
ବାଧା ଆସିବ ନିଶ୍ଚୟ ।
ଯାହା ସ୍ମରଣକୁ ଆସୁଥିଲା
ସେସବୁ ଅଧାବାଟରୁ ହଜିଯିବା ସ୍ୱାଭାବିକ ।
ମୂକ କବି ମୁଖର ହୁଏ

ତା'ର ଲେଖିବା ଅସ୍ତ୍ର
କଲମ ବା ପେନସିଲ୍‌ରେ ।

ଖାଲ ଢିପ ସବୁ ବାଟ ଦେଇ
ଆଗକୁ ଯିବାକୁ ପଡିବ ।
ସେ ଅଭିନୟ ହଉ
କି କବିତା ଲେଖା
କିମ୍ବା କାଠହଣା ।


♥ କବିତାଘର, ଗୁହାଳପଡା
ପୋ: ନିମାପଡା, ପୁରୀ-୭୫୨୧୦୬
(ମୋ) ୮୯୧୭୨୭୦୫୫୬


### ॥ ଅମୃତର ଶେଷ ପର୍ବ ॥

**ନକୁଳ ଚନ୍ଦ୍ର ସାହୁ**



ରାତ୍ରୀ ନଦୀର ଜଳରେ
ଝଲସିଲା ତୁମ ମୁହଁର ଜହ୍ନ
ଅଂଧାର ଚାଲିଗଲା ରାତି ଆରପାଖକୁ
କାଲି ମୁଁ ମନେ ପକଉଥିଲି ତୁମକୁ !

ମାତ୍ର ଗୋଟିଏ ପଦ୍ମ ବେକଟେକି ଅନାଇଲା
ନଦୀ ଶଯ୍ୟାରୁ, ମାତ୍ର ଗୋଟିଏ ନୀଳପଦ୍ମ;
କ'ଣ ହୋଇପାରେ ତାହା ?

ତାହା ମୋର ପ୍ରାର୍ଥନା !

ଜନ୍ମଜନ୍ମ ଧରି ମୋ ସହିତ ରହିଆସିଥିବା
ମୋ ଆତ୍ମା
ତୁମକୁ ନମସ୍କାର, ହେ ନିରବ ପାରାବାର

ମାନସ ହଂସ ହେଉଚି ମରଣ ସମୁଦ୍ର ପାର ?

ଚାରିଆଡ ଆନନ୍ଦ ସାଗର
ଆତ୍ମହରା ପକ୍ଷୀ
ସମୁଦ୍ର ଆରପଟେ ତୁମ ଘରର ପ୍ରକୋଷ୍ଠ ଦିଶୁଚି
ସୁନାର କବାଟ ଝଲସି ଉଠୁଚି !

ରସ ଭାରରେ ମୁଁ ଆନତ
ଫଳଭର୍ତ୍ତି ବୃକ୍ଷ
ଜୀବନର ପରମ ସତ୍ୟ
ମୃତ୍ୟୁର ସମୁଦ୍ର ହେଉଚି ପାର
ମୁଁ ତୁମରି ଅସ୍ମିତା, ମୁଁ ତୁମରି ଇଚ୍ଛା !

ଅନନ୍ତ ଚରଣ ତଳେ
ମେଘ ପରି ନଇଁଛି ମୋ ମଥା
ଘୋର ଶ୍ରାବଣ ବର୍ଷୁଚି

ବର୍ଷୁ ଥା, ବର୍ଷୁ ଥା ବର୍ଷା !


♥ ଶବ୍ଦଘର, ଗୋଡିସାହି,
କଟକ-୭୫୪୦୦୬
ମୋ: ୯୪୩୭୭୪୦୨୭୪


**ଡ. ରାଜକିଶୋର ପାଢୀ**



### ॥ ଅବଶିଷ୍ଟ ସମୟ ॥

ଦୀର୍ଘ ହେଉ କି ସଂକ୍ଷିପ୍ତ
ଯାଏ ଆସେନା କିଛି
ଅର୍ଥ ନଥିଲେ ସେଥିରେ ।


ଥିଲେ
ଅପୂର୍ବ ଅବଗାହନର ଆର୍ଦ୍ରତା
ଅଥବା
ଆଲୁଅ ଓ ଆନନ୍ଦର
ଅନ୍ତରଂଗତା
ଆଉ କେଉଁଥିପାଇଁ
ଝୁରି ହେବ ଯେ ଜଣେ !

ତା'ପରେ
ସମୟ ସରୁ କି ନସରୁ
ନଥିବ ଦ୍ୱନ୍ଦ୍ୱ କି ଦ୍ୱିଧା
ଶବ୍ଦଟିଏ ଶିଶିରକଣା ପରି
ମିଳେଇ ଯାଉଥିବ ନିଶବ୍ଦରେ
ସୂର୍ଯ୍ୟ କିରଣର ପ୍ରେମରେ
ନିରୁତା ଯିବା ଆସିବାର
ଅସରନ୍ତି ଖେଳାଲୀଳାରେ ।


♥ କୋଟପୁର, ଯାଜପୁର-୭୫୫୦୦୮
(ମୋ) ୯୯୩୭୫୫୧୫୭୭


### ॥ ତୁମେ, ମୁଁ ଓ କାଗଜଡଙ୍ଗା ॥

**ସୁରେନ୍ଦ୍ର ପାଣିଗ୍ରାହୀ**



ତମେ କହିଲ, ଚାଲ ବର୍ଷାରେ ଭିଜିବା
ବାହାରେ କିନ୍ତୁ ବେଶ୍ କିଛି ସମୟ ଆଗରୁ
ଛାଡି ଯାଇଥିଲା ବର୍ଷା
ଆକାଶର ନୀଳତମ୍ବୁ ଦେହରେ
କିଏ ଜଣେ ଆଙ୍କି ଦେଇଥିଲା
ଆମର ଭଲପାଇବାର ଚିକ୍‌ମିକ୍ ରଂଗ

ଫର୍ଚ୍ଚା ଆକାଶରେ ଇନ୍ଦ୍ରଧନୁ
କାଶତଣ୍ଡୀର ହସ ଭଳି ସୂର୍ଯ୍ୟର ଆଲୋକ
ମୋ ଭାବନାର ଝର୍କା ସେପାଖରେ
ମୁହଁ କାଢୁଥିଲେ
ନାଲି, ନେଳି, କଳା, ଧଳା, ଫର୍ଦ୍ଦଫର୍ଦ୍ଦ ମେଘ
ଆଉ ତା' ଭିତରୁ ଯେମିତ ହାତଠାରି ଡାକୁଥିଲା
ମେଘ ଭିତରେ ସାଥି ହୋଇ ପହଁରି ଯିବାକୁ
ଚିକ୍‌ମିକ୍ ପର ନେଇ ଅନୁଢ଼ା କିଶୋରୀଟିଏ


ମୁଁ କହିଲି ତୁମେ କିଏ ?
ତୁମେ କହିଲ 'ବର୍ଷା'
କଳାଘୁମର କେଶରେ ଚୁମ୍ବନ କାହାର
ପବନର ! ମେଘର ! ନା ସୂର୍ଯ୍ୟର !
ତୁମ ଦେହର ବାସ୍ନା ବି ଥିଲା ଆହୁରି ମାଦକ
ଭିଜାମାଟିର ବାସ୍ନା ନୁହଁ, ଆହୁରି ତୀବ୍ର
ସତେ ଅବା
ଋତୁସ୍ନାତା ପ୍ରକୃତିର ପରୀଟିଏ ତୁମେ !

ମେଘମନସ୍କତା ଭିତରେ
ଧୋଇ ଦେଉଥିଲା ମେଘ
ଆମର ଜନ୍ମ ଜନ୍ମାନ୍ତରର ସମ୍ପର୍କମାନଙ୍କୁ
ତୁମ ଦେହର ଉଷ୍ମ କମ୍ବଳ ତଳେ
ନିଃଶେଷ ହୋଇ ଯାଉଥିଲା
ଯେମିତି ମୋର ସମଗ୍ର ସତ୍ତା
କୀଟ, ପତଙ୍ଗ, ସ୍ଥାବର, ଜଂଗମମାନେ ପ୍ରକଟିତ
ହେଉଥିଲେ ତୁମ ଶରୀରରେ
ବିଭାସିତ ହୋଇ
ତୁମେ ପାଲଟି ଯାଉଥିଲ ପୁଣି
ସର୍ଜ୍ଜନାର ସ୍ନିଗ୍ଧତାରେ ସ୍ୱୟଂସିଦ୍ଧା ପ୍ରତିମାଟିଏ

ତୁମର ଆଖିର ଅନିଷାରେ ମୁଁ ଦେଖୁଥିଲି
ବାରମ୍ବାର ବର୍ଷାର ବିଳାପ
ତୁମେ ମୋତେ ମାଗୁଥିଲ ଘନଘୋର ମେଘ
ସଂପୂର୍ଣ୍ଣ ନାରୀଟିଏ ହୋଇଯିବାକୁ
ଏକ ପ୍ରଚଣ୍ଡ ଆକୁଳତା
ଓ ବର୍ଷା ଭିତରେ
କେତେବେଳେ ପୁଣି ପରିବର୍ତ୍ତିତ
ହୋଇଯାଉଥିଲ ତୁମେ ଏକ
ଦିଗହଜା କାଗଜ ଡଙ୍ଗାରେ

ମୁଁ କହିଲି 'ଚାଲ ବର୍ଷାରେ ଭିଜିବା'
ତୁମେ କହିଲ
'ନା, କେତେବେଳୁ ଛାଡିଗଲାଣି ବର୍ଷା' !


♥ ବରୀ, ସିମୁଳିଆ, ବାଲେଶ୍ୱର
(ମୋ) ୮୯୧୭୩୪୬୮୨୨

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୬ ଜୁନ୍, ୨୦୨୨



## ପ୍ରେମରେ ପ୍ରେମରେ ଗୀତି ....(୫୩)



### ॥ ମନକୁ ମୋ' ଗଲା ଛୁଇଁ !! ॥


ପହିଲି ଆଷାଢ଼ ପହିଲି ବରଷା
ମନକୁ ମୋ' ଗଲା ଛୁଇଁ,
ସେଇ ଛୁଆଁ ମୋର ପ୍ରେମ ଚଉହଦି
ଦେଇଗଲା ଚହଲେଇ ।

ଗୁମୁରି ଗୁମୁରି ଭସା ବାଦଲଟା
ଭାସୁଥିଲା ଆକାଶରେ,
ବନ୍ଧା ପଡ଼ିଥିଲା ମୋ' ମନ ସଜନୀ
ତୁମ ସାଥେ ଅନ୍ଧକାରେ,
ମନ ଖୋଜୁଥିଲା ଆକାଶର ଛାତି
ଅନ୍ତରଙ୍ଗ ହେବାପାଇଁ ।


ଗାଉଥିଲା ବର୍ଷା ପୀରତି ଗଜଲ
ଝୁମିଝୁମି ସାରାରାତି,
ଭିଜୁଥିଲେ ଦୁହେଁ ସେ କେଉଁ ସ୍ପନ୍ଦନ
ଭରୁଥିଲା ଦେହେ ତାତି,
ଭସା ମେଘ ସାଥେ ଧାଉଁଥିଲା ମନ
ସୀମା ସରହଦ ଡେଇଁ ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୯)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର
ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧

### ॥ କିନ୍ତୁ.... କାହିଁକି ? ॥

ସେଦିନ ବ୍ୟୋମକେଶ ତ୍ରିପାଠୀଙ୍କ ନିକଟରୁ ସଫଳ ହେବାର ଆଶୀର୍ବାଦ ନେଇ ଫେରିଲି । ମନରେ ଅସୀମ ଆନନ୍ଦ ଓ ଅଫୁରନ୍ତ ଉତ୍ସାହ । ରାତାରାତି ଯେମିତି ଶହଶହ ନାଟକ ଲେଖିଦେବି । କିନ୍ତୁ ପାରିବାରିକ ଦାରିଦ୍ର୍ୟ ମନେ ପଡ଼ିଲେ, ଅଭାବ ଅନାଟନର ଚିତ୍ର ଆଖିରେ ପଡ଼ିଲେ ମନ ମରିଯାଏ । ପକେଟରେ ପଇସା ନଥିଲେ କେହି ପାଖ ପଶନ୍ତିନି ସେହି ନ୍ୟାୟରେ ମୋର ଅନେକ ବଂଧୁ ମୋ ସହିତ ସଂପର୍କ ରଖିଲେନି । ଏକେତ ନାଟୁଆ, ଦୁଇରେ ଦରିଦ୍ର, କିଏ କାହିଁକି ବା ମିଛଟାରେ ମୋ ସହିତ ରହିବ । ଏମିତି ଦୁର୍ଦ୍ଦିନରେ କେବଳ ମୋ କଲମ ମୋ ସାଥିରେ ଥିଲା । ଯାହାର ସହାୟତାରେ ଛୋଟବଡ଼ ଅନେକ ନାଟକ ଲେଖିଲି, ଯାହାକୁ କେତେବେଳେ କେମିତି ଛୋଟ ଛୋଟ ନାଟ୍ୟସଂସ୍ଥାମାନଙ୍କୁ ପାଞ୍ଚଟଙ୍କା ଦଶଟଙ୍କାରେ ବିକି ବି ଦେଇଛି । ଏ ସମୟରେ ଗଳ୍ପ କବିତା କିଛି କିଛି ଆଲୋଚନା ବି ଲେଖିଛି, ଏମିତି ବି କାହା କାହା ପାଇଁ କବିତା ଲେଖିଦେଇ ବିନିମୟରେ ଟିଫିନ୍ ଖାଇଛି, କଲମ ଓ ଡାଏରି ବି ନେଇଛି । ଏତିକି ବେଳେ ଭଗବାନ ମୋ ଡାକ ଶୁଣିଲେ କି କଣ, କେନ୍ଦ୍ର ସରକାରଙ୍କ ଏକ ସ୍ୱତନ୍ତ୍ର ଯୋଜନା ନାମରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହେଲା । ମାସିକ ଶହେଟଙ୍କା ଷ୍ଟାଇପେଣ୍ଡ ପାଇ ସେଥିରେ ଯୋଗଦେଲି । ତା' ପୂର୍ବରୁ ଅବଶ୍ୟ ମାଇନିଂ ଇଂଜିନିୟରିଂ ପାଇଁ ମନୋନୀତ ହୋଇ ଅର୍ଥାଭାବରୁ ଯାଇପାରି ନଥିଲି । ଯାହା ହେଉ ଦୁଇବର୍ଷ ପାଇଁ ଶିକ୍ଷକ ତାଲିମ କେନ୍ଦ୍ରରେ ଯୋଗଦେଲି । ସେଠାରେ ମଧ୍ୟ ନାଟକ ଲେଖିଲି, ସହପାଠୀମାନଙ୍କଠାରୁ ପୂର୍ବପରି ଥଟ୍ଟା ପରିହାସ ସହିଲି । ବାଧ୍ୟ ହୋଇ ଲୁଚେଇ ଲୁଚେଇ ନାଟକ ଲେଖିଲି । ପିଅନକୁ ହାତକରି ରାତିରେ ହଷ୍ଟେଲରେ ନରହି କ୍ଲାସ୍‌ରୁମ୍‌ରେ ଶୋଇବା ବାହାନା କରି କ୍ଲାସ୍‌ରୁମ୍‌ରେ ନାଟକ ଲେଖିଲି । ଏଇଠି ଜନ୍ମନେଲା ମୋର ପ୍ରଥମ ପରୀକ୍ଷାଧର୍ମୀ ନାଟକ 'କିନ୍ତୁ...କାହିଁକି ?'

> ଜଣେ ପ୍ରଫେସର ମୁଖା ପିନ୍ଧିଥିବା ନଷ୍ଟ ଚରିତ୍ର ବ୍ୟକ୍ତି, ଜଣେ ଭ୍ରଷ୍ଟାଚାରୀ ପୋଷାକ ଉପରେ ଘୋଡ଼େଇ ହୋଇଥିବା ବ୍ୟବସାୟୀ ଆଉ ଜଣେ ନୀତିନିଷ୍ଠ ମୁଖାପିନ୍ଧା ଗ୍ରାମ୍ୟ ରାଜନୈତିକ ନେତା, ଯେଉଁ ତିନିଜଣ ଏକାଠି ମିଶି ବିଭିନ୍ନ କ୍ଷେତ୍ରରେ ନିଜ ସ୍ୱଭାବବଶତଃ ଯାବତୀୟ ଅର୍ଥନୈତିକ କାର୍ଯ୍ୟ କରନ୍ତି ।

ସାମାଜିକ ଅପରାଧ କାହିଁକି ହୁଏ, ଅପରାଧୀ ଅପରାଧକୁ ଭଲ ଭାବରେ ଜାଣି ସୁଦ୍ଧା ତା' ପାଇଁ ଦଣ୍ଡବିଧାନ ବ୍ୟବସ୍ଥା ବିଷୟରେ ଅବଗତ ଥାଇ ମଧ୍ୟ ଅପରାଧ କାହିଁକି କରେ । ତାର ଏକ ଦାର୍ଶନିକ ବିଶ୍ଳେଷଣ ହେଉଛି 'କିନ୍ତୁ ... କାହିଁକି ?' ୧୯୭୪ ମସିହାରେ ଗୋଟିଏ ହିନ୍ଦୀ ଫିଲ୍ମ ଆସିଥାଏ 'ଆପ୍‌ନା ଦେଶ' ଯାହାକୁ ଦେଖିଲା ପରେ ମୁଁ ପ୍ରଭାବିତ ହେଲି ଏବଂ ତାହାର ଛାୟାରେ ନାଟକଟିଏ ଲେଖିବାର ମନସ୍ଥ କରି ଲେଖିଲି । ପ୍ରଖ୍ୟାତ ସଂଗୀତକାର ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କର ଗୋଟିଏ ଲୋକପ୍ରିୟ ଗୀତ ଅଛି, 'କିନ୍ତୁ ଏକ ଶବ୍ଦ ଛୋଟ/ ଅର୍ଥ ତା ଅନେକ/ ମନରେ କିନ୍ତୁ ରଖି ଭଲ ପାଅନା... ଇତ୍ୟାଦି ଇତ୍ୟାଦି । କେବଳ ଭଲ ପାଇବା କାହିଁକି ଯେକୌଣସି କାର୍ଯ୍ୟ କଲାବେଳେ ବା କାର୍ଯ୍ୟ କରିବାର ସିଦ୍ଧାନ୍ତ ନେଲାବେଳେ ଯଦି 'କିନ୍ତୁ' ଆସି ପହଞ୍ଚିଯାଏ ତା'ହେଲେ ତାର କାର୍ଯ୍ୟକାରିତାରେ ସଫଳତା ମିଳେନାହିଁ । ସହଜରେ କହିବାକୁ ଗଲେ ଆମେ ଯଦି କୌଣସି କାର୍ଯ୍ୟରେ ବାହାରିଛୁ ତା'ହେଲେ 'କିନ୍ତୁ' କାହିଁକି ? କୁଣ୍ଠାବୋଧ କାହିଁକି ? ଏମିତି ଏକ ବାର୍ତ୍ତାକୁ ଆଧାର କରି କିନ୍ତୁ କାହିଁକି ନାଟକର ସୃଷ୍ଟି । ଜଣେ ପ୍ରଫେସର ମୁଖା ପିନ୍ଧିଥିବା ନଷ୍ଟ ଚରିତ୍ର ବ୍ୟକ୍ତି, ଜଣେ ଭ୍ରଷ୍ଟାଚାରୀ ପୋଷାକ ଉପରେ ଘୋଡ଼େଇ ହୋଇଥିବା ବ୍ୟବସାୟୀ ଆଉ ଜଣେ ନୀତିନିଷ୍ଠ ମୁଖାପିନ୍ଧା ଗ୍ରାମ୍ୟ ରାଜନୈତିକ ନେତା, ଯେଉଁ ତିନିଜଣ ଏକାଠି ମିଶି ବିଭିନ୍ନ କ୍ଷେତ୍ରରେ ନିଜ ସ୍ୱଭାବବଶତଃ ଯାବତୀୟ ଅର୍ଥନୈତିକ କାର୍ଯ୍ୟ କରନ୍ତି । ଏମାନଙ୍କ କାର୍ଯ୍ୟବିଧି ଉପରେ ଲକ୍ଷ୍ୟ ଥାଏ ଜଣେ ପାଗଳର । ଯିଏକି ପରେ ସି.ଆଇ.ଡି ଇନ୍‌ସପେକ୍ଟର ବୋଲି ପରିଚୟ ଦେଇ ଏମାନଙ୍କୁ ଆରେଷ୍ଟ କରାଏ । କିନ୍ତୁ ଏମାନେ ସମସ୍ତେ ନିର୍ଦ୍ଦୋଷରେ ଖଲାସ ହୁଅନ୍ତି । ଫଳରେ ଜଣେ କର୍ତ୍ତବ୍ୟନିଷ୍ଠ ସରକାରୀ କର୍ମଚାରୀ କର୍ତ୍ତବ୍ୟ ପ୍ରତି 'କିନ୍ତୁ' ଶବ୍ଦର ପ୍ରୟୋଗ କରାଯାଏ । ସେ ଦୋଷୀଙ୍କ ବହୁ ଶ୍ରମ ସାକାର କରି ଯଦିବା ଧରିଲା ତାହା ଫଳପ୍ରଦ ହେଲାନାହିଁ । ସେ ଧରିବ, କିନ୍ତୁ କାହିଁକି ? ଏମିତି ଏକ ସାଂପ୍ରତିକ ସ୍ଥିତିରେ ଜ୍ୱଳନ୍ତ ଚିତ୍ର ଏଥିରେ ପ୍ରଦାନ କରାଯାଇ ୧୯୭୪ ମସିହା ଜାନୁଆରୀ ୨୬ ଓ ୨୭ ତାରିଖ ଦୁଇଦିନ ଧରି ମଂଚସ୍ଥ ହୋଇ ବେଶ୍ ଚର୍ଚ୍ଚିତ ଓ ପ୍ରଶଂସିତ ହୋଇଥିଲା । ଏ ନାଟକର ଆଲୋଚନା ମଧ୍ୟ ପ୍ରଜାତନ୍ତ୍ରର ରୂପ ରସ ଛନ୍ଦରେ ବେଶ୍ ଉଚ୍ଚକୋଟୀର ନାଟକ ଭାବରେ ପ୍ରକାଶିତ ହୋଇଥିଲା । କିନ୍ତୁ ଦୁଃଖ ରହିଗଲା କି ଏ ନାଟକଟି ଖଣ୍ଡିଏ ମୋଟା ଖାତାରେ ଲେଖିଥିଲି, ଯେଉଁ ଖାତା ସହାୟତାରେ ରିହାର୍ସେଲ ଓ ମଂଚନ କାର୍ଯ୍ୟ ହୋଇଥିଲା । ଏହାର ଆଉ ଦ୍ୱିତୀୟ କପି ନଥିଲା । ପରିତାପର ବିଷୟ ଏହିକି ଏହାକୁ ନିର୍ଦ୍ଦେଶନା ଦେଇଥିବା ଆମ ସହରର ବିଶିଷ୍ଟ ନିର୍ଦ୍ଦେଶକ ସ୍ୱର୍ଗତ ରତୀଶ ଚନ୍ଦ୍ର ମହାନ୍ତି, ନିଜେ ସେହି ପାଗଳ ଭୂମିକାରେ ଅଭିନୟ କଲେ । ଚମତ୍କାର ଅଭିନୟ ଅବଶ୍ୟ କଲେ । ତେଣୁ ତାଙ୍କ ପାଖକୁ ଯୋଉଠୁ କେହି ନାଟକ କରିବାର ପ୍ରସ୍ତାବ ଦେଲେ ସେ ସେମିତି 'କିନ୍ତୁ ...କାହିଁକି' ନାଟକକୁ ବାଛିଲେ ଏବଂ ସେଠାରେ ସେହି ପାଗଳ ଭୂମିକାରେ ଅଭିନୟ କଲେ । ପାଣ୍ଡୁଲିପି ଆଉ ମୋ ପାଖରେ ପହଞ୍ଚିଲାନି, ଏମିତି ହଉ ହଉ ମୁଁ ମଧ୍ୟ ବାଲେଶ୍ୱର ଛାଡ଼ି ବାହାରେ ରହିଲି, ଯା' ମଧ୍ୟରେ ବିଚରା ରତୀଶ ମହାନ୍ତିଙ୍କର ପରଲୋକ ହୋଇଗଲା । ମୋ ପାଣ୍ଡୁଲିପି ମୋ ପାଖରେ ପହଞ୍ଚି ପାରିଲାନି । ମୁଁ ନାଟକ ଲେଖିଲି କିନ୍ତୁ କାହିଁକି ଲେଖିଲି ? ତାର ଉତ୍ତର ମଧ୍ୟ ସେହି କିନ୍ତୁ କାହିଁକିରେ ମିଳିଯାଏ । ଦୁଃଖ ଲାଗେ ବହୁ ପରିଶ୍ରମ କରି ଲେଖିଥିବା ମୋର ଭଲ ନାଟକଟା ମୋ ପାଖରେ ଅବଶ୍ୟ ନାହିଁ । (କ୍ରମଶଃ)

ଧାରାବାହିକ ଉପନ୍ୟାସ

# ଉଜ୍ଜ୍ୱଳ ଉପତ୍ୟକା

ଭାଗ-୧୨

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୁକାନ୍ତି ନନ୍ଦ
♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮



> ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍ନଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧୂମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।

ପ୍ରଥମେ ତ ଅଖିଳ ସ୍ତବ୍ଧ ହେଇଗଲେ ମୋ ବାଚାଳାମିରେ । ପରେ ମତେ ପାଖକୁ ଟାଣିନେଇ ଆଉଁଷା ଆଉଁଷି କରି, ଗେଲେଇ ଗେଲେଇ କହିଲେ - ଆରେ କଣ ହେଲା, ମୋ ଚଳଚଞ୍ଚଳ ମୟୂରୀ କୁ କିଏ କଣ କହିଲାକି ? ଛିଣ୍ଡେଇ ନେଲାକି କିଏ ତା ରଙ୍ଗବେରଙ୍ଗ ଚିକ୍‌ଚିକ୍ ପରଟିଏ ? ନେଉ, ଯେ ନେଉଛି ନେଉ, ମୁଁ ଆହୁରି ଗାଢ଼ ରଙ୍ଗର ପର ଖୋଜିଆଣି ଖଞ୍ଜିଦେବି ତମ ନରମ କୋମଳ ଦେହରେ । ବ୍ୟସ୍ତ ହୁଅନି...ସବୁ ସମସ୍ୟାର ସମାଧାନ ଏକୁଟିଆ ତମକୁ କରିବାକୁ ଦେବିନି ମୁଁ । ମୁଁ ତ, ତମ ପଛେପଛେ ଛାଇଭଳି ହିଁ ରହିଛି । କୁହ...ଘଟଣା କଣ, କାହିଁକି ତମର ଏତେ ଭିତରି ଶୋକ ପୁଣି ଦୁଃଖ ! ହେଲେ ମୋ ପାଖକୁ ତ ଆସିଛ, ଅଭାବଟା କଣ କୁହ !

: କହିବି ଆଉ କଣ, ଲେଖା ସମ୍ପର୍କରେ କଥା ଉଠିଲା ମାତ୍ରେ - ଏ ଘରେ ସମସ୍ତେ ଦୁଃଖଭାରରେ ନଇଁ ପଡୁଛନ୍ତି... ହେଲେ ସଞ୍ଜୟ ଭାଇ ପାଇଁ ସେଇ ଓଦା ମନ କାହାର ରହୁନି କାହିଁକି ? କେଜାଣି ମା'ଯଦି ନିଜ ରକ୍ତଗତ ସମ୍ପର୍କକୁ ନେଇ ଭିତରେଭିତରେ ସଞ୍ଜୟ ଭାଇ ପାଇଁ ଓଦା ହେଇଯାଉଥିବେ - ହେଲେ ବାପା ସେ ଦିଗକୁ କଣେଇ କରି ବି ଋହିଁବାର ମୁଁ ଲକ୍ଷ୍ୟ କରିପାରୁନି ।

: ଏଇଭଳି ଅଭିଯୋଗ ତମେ ଆଗରୁ ହିଁ ମୋ ସାମନାରେ ବାଢ଼ିଛ । ହେଇଥାଇପାରେ ବାପା ଓ ମା'ଙ୍କ ଏମିତି ଆଚରଣ ଆଢୁଆଳରେ କିଛି ନକରିପାରିଲା ଭଳି ହେତୁ ଓ କାରଣ ଥିବ । ଯୋଉ କାରଣକୁ ଏ ଯାବତ୍ ଆମେ ଜାଣିପାରିନେ ।

: ଯାହେଉ ସେସବୁ ମୁଁ କିଛି ଜାଣିନି । ହେଲେ ମୁଁ ଆଉ ପରଦା ପଛପଟରେ ଲୁଚି ରହିବାକୁ ପସନ୍ଦ କରୁନି । ମା ଆଜି ଆସିଲେ ସେ ପରଦାକୁ ଆଡ଼େଇ ତାଙ୍କ ସାମନାରେ ଦୃଢ଼ତାର ସହ ଛିଡ଼ାହେବି ଓ ପଋରିବି - କଣ ସବୁ ଏଠି ଋଲିଛି ? ତମେମାନେ ସବୁ କିଛି ଜାଣିଛ ହେଲେ ଆମ ଉପରେ ଗୋପନୀୟତାର ଋଦର ଢାଙ୍କିଦେଇଛ କାହିଁକି ? ବେଶୀ ଋଲାକ୍ ତମେମାନେ ନା..., ହେଲେ ଆମେ ବି ଏ ଯୁଗର ପିଲା । ସବୁ ଆବରଣର ଖୋଲିବା ମନ୍ତ୍ର ଆମକୁ ବେଶ୍ ଜଣା । ଋହିଁଲେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳକୁ ଖିନ୍‌ଭିନ୍ କରି ଖୋଜୁଥିବା ଜିନିଷକୁ ସହଜରେ ଓଟାରି ଆଣିପାରିବୁ ଆମେ । ତମେମାନେ ଆମକୁ ବୋକା ବନଉଛ ନା...ଦେଖିବା...ଏଣିକି କିଏ କେତେ ଋଲାକ୍ ଆଉ ଧୂର୍ତ୍ତ !

ଅଖିଳ୍ ବିରକ୍ତ ବିରକ୍ତ ଦିଶିଲେ ।

ସହଜରେ ତ' ସେ ଶାନ୍ତ ସରଳ ମଣିଷଟିଏ । କଥାବାର୍ତ୍ତା ତାଙ୍କର ଖୁବ୍ ଶାଳୀନ ଓ ଭଦ୍ରତାପୂର୍ଣ୍ଣ । ଏଣୁ ସେ ବୁଝେଇଲା ଭଳି କହିଲେ- ବାରମ୍ବାର ସେ ଗୋଟିଏ କଥାକୁ ଜପାମାଳି କରିଛ ଯେ, ହେଲେ ତା'ର ମୂଲ୍ୟ କଣ ଅଛି ? ଯଦି କିଛି କରିବାକୁ ଋହୁଁଛ ଭାବିଚିନ୍ତି ହିଁ କର ।

: ଭାବିଚିନ୍ତି କରିବା ସମୟ ଗଡ଼ିଗଲାଣି । ଋଲ ଆମେ ଦି'ଜଣ ମାମୁଙ୍କ ଘରକୁ ଯିବା । ମତେ କାହିଁକି ଲାଗୁଛି ସେଇଠିକୁ ଗଲେ ସବୁ ରହସ୍ୟ ସାମ୍ନାକୁ ଆସିଯିବ ।

: ଯିବା ଯଦି ଯିବା, ହେଲେ ମା'ଙ୍କ ବିନାଅନୁମତିରେ କୁଆଡ଼କୁ ଯିବାଟା ଠିକ୍ ହେବନି । ସେ ଆସନ୍ତୁ, ତାଙ୍କୁ ପଋରି ତମେ ତମ ଗନ୍ତବ୍ୟ ସ୍ଥଳକୁ ଯାଅ ।

: କାହିଁକି ତମେ କଣ ମୋ ସାଙ୍ଗରେ ଯିବନି କି ? ଏଡ଼େ ଏକୁଟିଆ ବାଁରା ମଣିଷ ତମେ ବୋଲି ମୁଁ ଆଜି ହିଁ ଜାଣିଲି । ମୋ ମନ ତ' କହୁଛି ତମେ ବି କିଛି କିଛି ରହସ୍ୟ ଜାଣିଛ । ନହେଲେ ମୋ ପ୍ରସ୍ତାବକୁ ବେପାରୱାଭାବେ ଆଡ଼େଇଦିଅନ୍ତ କି ?

: ଓଃ... ତମକୁ ଆଉ ପାରିହେବନି ଚିତ୍ର । ଜମାରୁ ପାରିହେବନି । ଯାହାକରୁଛ କର । ମୋର ଓଜର ନାହିଁ କି ଆପତ୍ତି ନାହିଁ ତମ କାର୍ଯ୍ୟକଳାପରେ । ଏତିକି ଜାଣ ଯେ, ମୁଁ ତମର...ତମ ପାଖେପାଖେ ହିଁ କାଳେକାଳେ ରହିଛି ଓ ରହିବି । କେବଳ ତମ ମାମୁଙ୍କ ଘରକୁ ନୁହେଁମ, ଯୁଆଡ଼େ ଇଚ୍ଛା ସିଆଡ଼େ ନିଅ, ମୁଁ ପ୍ରସ୍ତୁତ ଅଛି ।

କିଛି ଅଭିମାନ ଓ କିଛି ହାଲ୍‌କା ରାଗରୁଷାରେ ବତୁରି ବତୁରି ଅଖିଳ ମୋ ପାଖରୁ ଋଲିଗଲେ ।

ସନ୍ଧ୍ୟା ନଇଁ ଆସିଲା । ମା'ଫେରିଆସି ଠାକୁର ଘରେ ଆଳତି କଲେ । ବାପା ପ୍ରାର୍ଥନା କଲେ ଗୁଣୁଗୁଣୁ ହେଇ । କଥା ଅକଥାକୁ ଭୁଲିଯାଇ ଜଳଖିଆ ନେଇ ମୁଁ ଲେଖା ବଖରାକୁ ଗଲି ତାକୁ ଖୁଆଇବା ପାଇଁ । ସେ କାନ୍ଥପଟକୁ ମୁହଁ କରି ଶୋଇଥିଲା । ଆସ୍ତେ ମୁଁ ତାକୁ ମୋ ଆଡୁଆ କରି ପଋରିଲି - ଭୋକ ଲାଗୁଛି ତତେ ? କଣ କରିବି କହ, ମାନସୀ ନାହିଁ । ମା'ବି ଯାଇଥିଲେ ବାହାରକୁ ଯେ ଏଇ ସଂଗେ ସଂଗେ ଫେରୁଛନ୍ତି । ସେ ଯାହାହେଉ ତୁ ତୋ ଜଳଖିଆଟା ଖାଇଦେ । ଓଃ, ତୁ ଝୁମରୀ ଆଉ ଲୁଲାକୁ ଖୋଜୁଛୁକି ? ସେମାନେ ପରା ମାନସୀ ସାଙ୍ଗରେ ଯାଇଛନ୍ତି । ଯଦିଓ ଅଳ୍ପଦିନ ପାଇଁ, ଅଖିଳ୍ ବି ମୁମ୍ବାଇ ଯିବେ ବୋଲି ଠିକ୍ କଲେଣି । କଣ ବା ଆମେ କରିପାରିବୁ ଯେ ? ତୁ କୋଉ ଆମକୁ ଭଲ ପାଉଛୁ ନା ଆମ ଉପସ୍ଥିତିକୁ ଜାହିର୍ କରୁଛୁ ! ଆମେ ସବୁ ବେହିଆ ଭଳି ତୋ ପାଖରେ ଆଣ୍ଠେଇ ଆଣ୍ଠେଇ ରହିଛୁ ଆଜିଯାଏଁ । ମୁଁ ତ ଭାବୁଛି ଆମମାନଙ୍କୁ ତୋର ଖାତିର ନାହିଁ କି ଭଲପାଇବା ନାହିଁ । ଛାଡ଼ ଛାଡ଼ ତୋ ପାଖରେ ତ ମୁଁ ବିଶ୍ୱାସ ବୋଲି ବିନ୍ଦୁଟିଏ ଦେଖିପାରୁନି, ଦେଖିପାରୁନି ବୋଲି ତ ମୋ ଛାତିର ଆଘାତ ଉଜ୍ଜ୍ୱଳ ଦିଶୁଛି ମତେ । ମୋ ଓଠରେ ଦବି ଯାଉଛି ସହସ୍ର ଉଚ୍ଚାରିତ ଶବ୍ଦ । ଆସ୍ତେ ଆସ୍ତେ ଲିଭିଯାଉଛି ଆଖିର ଆଲୁଅ ତ, ହୁତ୍ ହୁତ୍ ହେଇ ଜଳିଯାଉଛି ମୋ ଛାତି ।

ଏବେ ମୁଁ ଜାଣି ସାରିଲିଣି, ତତେ ତୋ ଭଳି ଦେଖିବା ପାଇଁ ଘୂରିଘୂରି ଓ ଚିତ୍କାର କରି ଯୋଉ ବାଟଦେଇ ମୁଁ ଯିବି ସେ ରାସ୍ତା ସଫା ସୁତୁରା ଚକ୍‌ଚକ୍ ହିଁ ନଥିବ । ସାରା ଆକାଶର ବିଜୁଳି ବି ଦୂର କରିପାରୁନଥିବ ସେ ରାସ୍ତାର ବହଳ ଅନ୍ଧାରକୁ । କିଛି ଯଦି ମୁଁ ନକରିପାରି ନିଜ ଭିତରର କୁଟୀଳବନ୍ଧନୀ ଭିତରେ ଆବଦ୍ଧ ହେଇ ରହିବି ତେବେ ଏଠି କାହିଁକି ଯୋଉଠି ହେଲେ ବି ତ ଥୋଇ ପାରିବି ମୋର ଅଥର୍ବ ପାଦ !

ଠିକ୍ ଅଛି... ତୋ ଓଠରେ ଦବି ଯାଇଥିବା ଭାଷା ଯଦି ମୋର ନୁହେଁ, ମୋ ଆଖିର ଉଚ୍ଛୁଳା ଲୁହର ହ୍ରଦ କାହିଁକି ତୋର ହେବ ? ତୁ...ଥା...ମୁଁ ଯାଉଛି ଅଖିଳ୍‌ଙ୍କ ସାଙ୍ଗରେ । ଅନେକ ସୁଯୋଗ ଦେଲି, ଗୁହାରୀ କଲି, ମୁଗୁଣି କଲି ବି ତତେ..., ତଥାପି ଚେତା ଥାଇ ତୁ ଚେତା ଶୂନ୍ୟ !

କେଜାଣି କୋଉ ସମୟକୁ ତୁ ଅପେକ୍ଷା କରିଛୁ...! କୋଉ ପ୍ରିୟ ମଣିଷର କଣ୍ଠସ୍ୱର ଶୁଣିବା ପାଇଁ ବ୍ୟାକୁଳ ହେଉଛୁ...। କେବଳ ମୁଁ କାହିଁକି, ସମସ୍ତେ ବି ଜାଣନ୍ତି ସମୟ କାହାର ନୁହେଁ, ଶିଶୁ ଯୁବକ ଅବା ବୃଦ୍ଧର । ତଥାପି ତ ସକରାତ୍ମକ ଚିନ୍ତା ଓ ସମର୍ପଣ ଭାବ ମଣିଷକୁ ଲକ୍ଷ ସ୍ଥଳରେ ପହଞ୍ଚାଇଦିଏ !

ହେତ୍ କୋଉ ଲକ୍ଷ୍ୟସ୍ଥଳକୁ ମନ ଧ୍ୟାନ ଦେଇ ଋହିଁ ରହିଛି ଲେଖା, ବୁଝିପାରୁନି ମୁଁ ।

ଋଲିଛି ତ' ଋଲିଛି ସାବଲୀଳ ଗତିରେ ସମୟ । ଘୁଷୁରି ଘୁଷୁରି ତା ଛାତି ରକ୍ତାକ୍ତ ହେଲେ ବି ସେ ଋଲିଛି । ତା'ଠାରେ ନୂଆ କିଛି ଘଟିବାର ସମ୍ଭାବନା ନାହିଁ କି ବାରମ୍ବାର ମୁକୁଳିବାର ମନ୍ତ୍ରଭେଦ ଶିଖିନି ସେ ।

ଚେୟାର ଉପରେ ନିର୍ବିକାର ଭାବେ ବସିରହିଥିଲି ମୁଁ । ଲେଖାର ସାରା ସର୍ବାଙ୍ଗରେ ମୋ ଥମ୍‌ଥମ୍ ଆଖି ଘୂରେଇ ଆଣିଲି । ଭାବିଲି କେତେଦିନ ଏମିତି ପ୍ରହସନ ଋଲିଥିବ । ଡାକ୍ତର ଆସିବେ କିଛି ସମୟ ଭାବିବେ ରୋଗୀକୁ ଋହିଁ । ଔଷଧ ଓ ଇଞ୍ଜେକ୍‌ସନର ପୁଣି ଗୋଟେ ଲମ୍ବା ତାଲିକା ପ୍ରସ୍ତୁତ କରି ଋଲିଯିବେ ଯାହାର ଫଳାଫଳ ଶୂନ ତ ସହସ୍ର ଶୂନ । ଏମିତି ଧାରାବାହିକ ଶୋକାକୁଳ ନାଟକ କେତେଦିନ ମଞ୍ଚସ୍ଥ ହେଇ ଋଲିଥିବ !

ନା ମସ୍ତବଡ଼ କାରଣଟିଏ ଲେଖା ମନତଳରେ ଯେ ଜାକିଜୁକି ହେଇ ରହିଛି ଏ ଧାରଣା ମୋର ଠିକ୍, ନିହାତି ଠିକ୍ । ସେ କାରଣର ହେତୁ ଓ ମଞ୍ଜିକୁ କେହିକେହି ଜାଣିଛନ୍ତି ବୋଲି ବି ମୋର ବିଶ୍ୱାସ । ହେଲେ ସେମାନେ କିଏ ? କାହିଁକି ନିଜକୁ ଆଢୁଆଳରେ ରଖିଛନ୍ତି ? କଣ ପାଇଁ ସେମାନଙ୍କର ଏତେ ନିର୍ବିକାର ଭାବ...ଶୋକସନ୍ତପ୍ତ ଆଖିର ଋହାଣୀ ? ମୁଁ ସ୍ଥିର ନିଷ୍ପତ୍ତି ହେଇଗଲି ମାନେ ପରସ୍ତ ପରସ୍ତ ମାଟିତଳେ ପୋତି ହେଇରହିଥିବା ପରଦା ପଛର କାହାଣୀକୁ ଖୋଳି ତାଡ଼ି ଦେଖିବା ପାଇଁ ଆଗଭର ହେଲି । ମତେ ଲାଗିଲା - ଲୁଚା ଛପା କିଛି କାମ ନକଲେ ହୁଏତ ମୁଁ ପ୍ରକୃତ କାରଣଟିକୁ ଆଲୁଅ ଆଡ଼କୁ ଆଣିପାରିବିନି ॥ ଏସବୁ ପାଇଁ ମନେମନେ ମୁଁ ଅନେକ ପ୍ରଶ୍ନ ତିଆରିଲି ଓ କିଏ କୋଉ ପ୍ରଶ୍ନର ଉତ୍ତର ଦେଇପାରିବେ ସେମାନଙ୍କୁ ମଧ୍ୟ ଖୁବ୍ ସାବଧାନତାର ସହ ଆଖି ଆଗରେ ରଖିଲି ।

ପିଲାବେଳର ଧୂଳିବାଲି ଓ ବୋହୂବୋହୂକା ଖେଳପରି ମୋ ଚିନ୍ତାଧାରା ମାମୁଲି ହେଲେ ବି ମୁଁ ଦୃଢ଼ ରହିଲି ଯେ ଏମିତି କିଛି କାମ ଦାମ ଦ୍ୱାରା ଗତ ହୋଇଯାଇଥିବା ଅଙ୍କାବଙ୍କା ଘଟଣାମାନଙ୍କୁ ସାମନ୍‌କୁ ଆଣିବି ଓ ଦୋଷୀକୁ ଦଣ୍ଡ ତ' ନିର୍ଦ୍ଦୋଷୀକୁ ଧନ୍ୟବାଦ ଦେବାପାଇଁ ଚେଷ୍ଟା କରିବି ।

ହେଲେ ପାରିବି ତ' ମୁଁ...!

ଏଯାଏଁ ବି କୋଉପଟର ତ ମୁଁ ହେଇପାରିଲିନି । କେତେବେଳେ ମା' ବାପାଙ୍କ ଉପରେ ଆସ୍ଥା ରଖୁଛି ତ ମାମୁ ମାଇଁଙ୍କୁ ସେ ସ୍ତରରେ ବସେଇ ପାରୁନି । କେବେ ପୁଣି ମାମୁ ମାଇଁଙ୍କୁ ବିଶ୍ୱାସ କରୁଛି ତ ବାପା ମା'ଙ୍କୁ କାହିଁ କେତେ ତଳକୁ ଧସେଇ ନେଉଛି । ସେମାନଙ୍କ କାର୍ଯ୍ୟକଳାପ ସହ ମୋ ଭାବନାର ଭାରସାମ୍ୟ ରଖିପାରୁନି ମୁଁ । ନିଜ ମନକୁ ତ ବାରମ୍ବାର ପଋରୁଛି - ଯାହା ମୁଁ ଭାବୁଛି କାର୍ଯ୍ୟରେ ଦେଖେଇ ପାରୁନି କାହିଁକି ?

କ୍ରମଶଃ ବାଚାଳ ହେଇଯାଉଥିଲି ମୁଁ । ଆନମନା ବି ହେଇଯାଉଥିଲି ସହସ୍ର ଆଶଙ୍କାକୁ ନେଇ ।

ପିଲାବେଳେ ତ ଏମିତି ଅସମାହିତ ଅନେକ ପରିସ୍ଥିତି ଆସେ - ଯାହାକୁ କି ମୁଁ ସମାଧାନ କରିପାରେନା । ଏଣୁ ବାଧହୋଇ ଦୌଡ଼ିଯାଏ ଆମ କଲୋନୀର ଅଧିଷ୍ଠାତ୍ରୀ ଦେବୀଙ୍କ ମନ୍ଦିରକୁ । କାହିଁକି କେଜାଣି ମନ୍ଦିରର ପ୍ରଥମ ପାହାଚରେ ପାଦଦେବା ମାତ୍ରେ ଦେହ ଶିର୍‌ଶିର୍ ହେଇଯାଏ । ଆଖିରୁ ବୋହିପଡ଼େ ଅମାନିଆ ଲୁହ । ଗୁରୁଗମ୍ଭୀର ସ୍ୱରରେ କିଏ ଯେମିତି କାନପାଖରେ କହେ - ସୁନା ପିଲାଟା ମୋର, ବ୍ୟସ୍ତ ହ'ନା, ଆଖିରୁ ଲୁହ ପୋଛିଦେ, ସବୁ ଠିକ୍ ହେଇଯିବ ।

ଥରେ ମୋ ରଚନା ଖାତା ହଜିଯାଇଥିଲା ଯେ, ସାହିତ୍ୟ ଦିଦିଙ୍କ ମାଡ଼କୁ ମନେପକେଇ ମୁଁ ଥରି ଉଠିଥିଲି । ସ୍କୁଲ ବାଟୁଆ ଦେବୀ ମା'ଙ୍କୁ ଗୁହାରୀ କରି କହିଥିଲି - ମା' ମୋ ରଚନାଖାତା ଖୋଜିଆଣି ଦିଅ । ନଚେତ୍ ସ୍କୁଲରେ ଦିଦି ଆଜି ମତେ ଦରମଲା କରିଦେବେ । ଘରେ ବା କୋଉ ଶାନ୍ତିରେ ରହିପାରିବି ...ଦିଦି ମାରିଛନ୍ତି ବୋଲି ମା' ଜାଣିଲେନା' ସୃଷ୍ଟି ପ୍ରଳୟ କରିଦେବେ । କହିବେ ଅପାତ୍ରରେ ଦାନ ଭଳି ପାଠ ପଢ଼ା ତୋ ଭାଗ୍ୟରେ ନାହିଁ । ଏତେ ଦେଖିୟାଲ୍ ହଉଛୁ କାହିଁକି ଯେ ତୁ । ଫାଜିଲାମି ଦେଖେଇବାର ବି ସୀମାଥାଏ । ପୂର୍ବଦିନ ଠୁ ବହିପତ୍ର ସଜାଡ଼ି ରଖୁନୁ କାହିଁକି ? ଲେଖା ତ ଏମିତି ନୁହେଁ ? କେଡ଼େ ସୁନ୍ଦର ଭାବେ ମଲାଟ ମଡ଼େଇ ସଜାସଜି କରି ସେ ବହିପତ୍ର ରଖିଛି । ଦେଖୁଛୁ ନା ନାହିଁ ଯେ ? କର୍ମ ଅନୁଯାୟୀ ଫଳ ଭଳି ସବୁ ପରୀକ୍ଷାରେ ପ୍ରଥମରେ ହିଁ ରହିଆସୁଛି ସେ । ମୁଁ ଠିକ୍ ଜାଣିଛି ତୋ ହାତରେ କିଛି ବି ହେବନି ।(କ୍ରମଶଃ)

ଛୋଟ ଗଳ୍ପ

## ଚରିତ୍ରହୀନ

ସୁନନ୍ଦା ମହାନ୍ତି



ନୂଆ କରି ଭଡାରେ ରାହିବାକୁ ଆସି ଅଶ୍ରୁଲେଖା, ଲେଖା ପାଇଁ ଦୃଶ୍ୟ ସାଉଁଟୁ ଥିଲା, ନୂଆ ନୂଆ ରିପୋର୍ଟର କାମ କରୁଛି ତ ବିଶେଷ ଖବର ସବୁ ସଂଗ୍ରହ କରିବାକୁ ହେବ ଭାବି ଛାତ ଉପରକୁ ଉଠି ଆସିଲା ଅଶ୍ରୁଲେଖା, ବାମ ପଟକୁ ଦି ଚାରି ଘର ଛାଡି ବିରାଟ ନହେଲେବି ମାଧ୍ୟମ ଧାରଣ ଠୁ ବଡ଼ କୋଠାଟିଏ, ଆଉ ଠିକ ଆଗକୁ ବଡ଼ ଝଙ୍କାଳିଆ ବରଗଛ ଟିଏ, ଆଉ ବରଗଛ ତଳେ ଜାରିଗୋଟାଳି ଝିଅ ଓ ସ୍ତ୍ରୀ ଲୋକ ମାନଙ୍କୁ ଛାତ ଉପରେ ଠିଆ ହୋଇ ଦରବୁଢ଼ା ମଣିଷ ଜଣେ ଚହିଁଛି ଏକଲୟରେ, ଅଶ୍ରୁଲେଖାକୁ କିଛି ସୁରାକ ମିଳିଗଲା ଲେଖିବା ପାଇଁ ଭାବି ଏକଲୟରେ ସେଇଆଡ଼କୁ ଚାହିଁ ମନ ଓ ହୃଦୟ ଦେଇ ମାନସିକ ସ୍ତରରେ କିଛି ସଂଗ୍ରହ କରୁଥିଲା ବେଳେ ସୂର୍ଯ୍ୟ ଢଳି ଯାଇଥିଲେ ଆଉ ଅନ୍ଧାର ମାଡିଆସୁଥିଲା ଓ ପକ୍ଷୀମାନେ ବସା ଫେରନ୍ତା ହେଉ ହେଉ ଜାରିଗୋଟାଳି ମାନଙ୍କର ପ୍ରସ୍ଥାନ ହୋଇସାରିଥିଲା ଆଉ ସେଇ ମଧ୍ୟବୟସ୍କ ଚେହେରାବି ଅପସରି ଯାଇଥିଲା, । ଧେତ କହି ଅଶ୍ରୁଲେଖା ବି ତଳକୁ ଓହ୍ଲେଇ ରୁମରେ ପଶିଗଲା । ବିଭିନ୍ନ ଭାବନା ଭିତରେ ଆଖିକୁ ନିଦ ନଥିଲା ତାର, କେମିତି ସକାଳ ହେଲେ ସେ ତା ଆଖି ଓ ମୁଣ୍ଡର ସମ୍ମିଶ୍ରଣ କରି ଖବର ସଂଗ୍ରହ କରିବ ଭାବୁଥାଏ ।

ସତରେ ଅଶ୍ରୁଲେଖା ଅଳ୍ପ ଅଳ୍ପ ଶୀତରେ ସକାଳୁ ଛାତ ଉପରେ ଦୂରକୁ ଦୃଷ୍ଟି ପହଁରେଇ ଯାହାକୁ ଖୋଜୁଥିଲା ତାଙ୍କୁ ପାଇଗଲା । ପୁରା ଖୋଲା ଦେହରେ କଣ ସବୁ ଛାତ ଉପରେ କରୁଥିଲେ ସେଇ ମଧ୍ୟବୟସ୍କ ଲୋକ ଜଣକ ଆଉ ଥରକୁ ଥର ଆଗ ପଟକୁ ଆସି ବରଗଛ ତଳକୁ କଣ ଫିଙ୍ଗୁଥିଲେ । କଣ ବୋଲି ଜାଣି ହେଉନଥିଲା ହେଲେ କିଛି ସମୟ ପରେ ପୂର୍ବର ସେହି ଜାରିଗୋଟାଳି ଦଳ ଝିଅ ଓ ସ୍ତ୍ରୀ ଲୋକ ସବୁ ପହଂଚି ଗଲେ ତ ତିନିତାଲାରୁ ଚଟାପଟ ଆସି ସେହି ମଧ୍ୟବୟସ୍କ ଲୋକ ତଳେ ସେମାନଙ୍କ ସଙ୍ଗେ କଣ ସବୁ କଥା ହେବାଟା ଅଶ୍ରୁଲେଖାକୁ ଅଡୁଆ ଭିତରୁ ସୂତା ଖିଏ ପାଇଲା ପରି ମନେ ହେଲା ତ ପାଟିରୁ ବାହାରି ଆସିଲା ନିଶ୍ଚୟ ଦୋଷ ଅଛି ବୁଢାର, ଚରିତ୍ରହୀନ । ଦିନେ ନୁହେଁ ଏମିତି ତିନି ଚାରି ଦିନ ଦେଖିଲା ପରେ ପଞ୍ଚମ ଦିନ ଜଣେ ତାଗଡା କଳା ଲୋକ ସେ ଘରମାଲିକ ସହ କଣ ଉଚ୍ଚ ସ୍ୱରରେ କଥା ହେଉଥିଲା ତ ଅଶ୍ରୁଲେଖାର ଦୃଢ଼ ଧାରଣା ହେଇ ଗଲା ଯେ ଜାରିଗୋଟାଳି ଝିଅ ବୋହୁଙ୍କୁ କିଛି ଅଶୋଭନୀୟ ଅଶାଳୀନ ବ୍ୟବହାର କରିଥିବାରୁ ନିଶ୍ଚୟ ସେମାନଙ୍କ ବାପା ଭାଇ ବା ସ୍ୱାମୀ କିଛି ନିଶ୍ଚୟ ପ୍ରତିବାଦ କରୁଛି । ଭଲ ଶିରୋନାମାଟିଏ ଖୋଜି ଅଶ୍ରୁଲେଖା ଯେତେ ଯାହା ମନକୁ ଆଣୁଥିଲା, ଚରିତ୍ରହୀନ, ଶବ୍ଦଟି ଛଡ଼ା ଆଉ କିଛି ମନ ପାଉନଥିଲା ।

ସେଦିନ ଆପେ ଆପେ ତା ଗୋଡ଼ ଟାଣି ହୋଇଯାଇଥିଲା ସେହି କୋଠା ଘର ଯାଏଁ, କଲିଙ୍ଗ ବେଲ ଦେବା ଆବଶ୍ୟକ ହେଲାନି ଯେବେ ଦି'ତାଲାରୁ ଶୁଲଳିତ କଣ୍ଠ ରେ ପ୍ରଶ୍ନ ଟିଏ କାନରେ ପଡିଲା, କିଏ ? କାହାକୁ ଖୋଜୁଛନ୍ତି ? ସାର୍ ନାହାନ୍ତି, କଣ କହିବାର ଅଛି ଯଦି ଉପରକୁ ଆସନ୍ତୁ କହି ଶିଡିର ଲାଇଟ ମାରି ଦେଇଥିଲେ ତ ବିନା ବାକ୍ୟ ବିନିମୟରେ ଉପରକୁ ଉଠିଥିଲା ଅଶ୍ରୁଲେଖା, ଆଉ ଉପରେ ଯାହାକୁ ଭେଟିଲା, ସେ କିଏ ହୋଇଥିବ ସେହି ବୟସ୍କପୁରୁଷ ଲୋକଙ୍କର ଭାବୁ ଭାବୁ ସେହି ସୁନ୍ଦରୀ, ଅଳ୍ପବୟସୀ ଲାଗୁଥିବା ସ୍ତ୍ରୀ ଜଣଙ୍କ କହୁଥିଲେ, ଆମେ ବୁଢା ବୁଢ଼ୀ ଦୁଇଜଣ ମାତ୍ର ଏଠାରେ ରହୁ, ପିଲାମାନେ ବାହାଚୋରା ହୋଇ ଯିଏ ଯାହା ଚାକିରୀ ଜାଗାରେ, କେତେବେଳେ କେମିତି ଆସନ୍ତି, ଆପଣ କିଏ ? କଣ କାମ ଥିଲା କି ସାର୍‌ଙ୍କ ପାଖରେ ?

ସେତେବେଳକୁ ଅଶ୍ରୁଲେଖା ଭିତରେ କମ୍ପମାନ ଅବସ୍ଥା, ତଥାପି କହିଲା, ମୁଁ ଜଣେ ରିପୋର୍ଟର ତ, ମଉସାଙ୍କ ବିଷୟରେ କିଛି ଲେଖିବାକୁ ଚାହିଁଥିଲି, କାରଣ ଏଇ କେତେ ଦିନ ହେଲାଣି ତାଙ୍କୁ ଜରି ଗୋଟାଳି ମାନଙ୍କ ସହ... ଛେପ ଢୋକି ଏତିକି କହିଛି ଅଶ୍ରୁଲେଖା ମାଉସୀ କଥା ଛଡେଇ କହୁଥିଲେ କାହିଁ କହୁଛ ଝିଅ ତାଙ୍କ ପ୍ରକୃତି ପରା ସେମିତି..

କଥା ଛଡେଇ ଅଶ୍ରୁଲେଖା କହିଲା କେମିତି ??

ତ ମାଉସୀ କହିଚାଲିଥିଲେ କାହିଁ କହୁଛ ଝିଅ, ବସ କି ଟ୍ରେନରେ ଗଲାବେଳେ କୋଉ ଝିଅ ବୋହୁ ଯଦି ଠିଆ ହୋଇଥିବେ, ନିଜ ସିଟ ତାକୁ ଦେଇ ଠିଆ ହେବେ, ବଜାରରେ କୋଉ ଝିଅ ଯଦି କିଛି ବିକୁଥିବ ତାର ବିକ୍ରି ହୋଇପାରୁନଥିବ ତ ତାଠୁ ସବୁତକ କିଣି ଆଣିବେ, ଏଇ ଦେଖୁନ ଦୀପାବଳି ପାଇଁ କୋଉ ଝିଅର ଦୀପ ବିକ୍ରି ହୋଇପାରୁନଥିଲା ତ ସବୁ କିଣି ଆଣିଛନ୍ତି ତାଠୁ, ପୁଣି କୋଉ ଝିଅ ବୋହୁ ଯଦି ପାଠ ପଢ଼ିପାରିନି ଅଭାବରୁ ତାକୁ ଆଣି, ଘରେ ରଖି ପଢ଼େଇବେ, ଆଉ ଏବେ ତ ଜରିଗୋଟାଳି ଝିଅ ବୋହୁଙ୍କୁ ଦେଖି ତାଙ୍କୁ ସବୁ ଜୋତା, ଘରେ ଯାହାସବୁ ଡବାଡବି ଥିଲା ଦେଇ ସାରିଲେଣି, ପୁଣି ସବୁ କଣ କଣ ଖୋଜି ରଖିଛନ୍ତି, ତାଙ୍କ ସର୍ଦ୍ଦାର ଆଜି ଆସି କଥା ହୋଇ ଯାଇଛି, ଆସିକି ନେଇଯିବ ।



ଛେପ ଢୋକି ଅଶ୍ରୁଲେଖା ମନେ ପକାଉଥିଲା ଆଜି ସକାଳେ ଦେଖିଥିବା ଦୃଶ୍ୟ, ତ ହଉ ମାଉସୀ ମୁଁ ଆସୁଛି କହି ଯିବାକୁ ବାହାରିଲା ଅଶ୍ରୁଲେଖା ତ ମାଉସୀ ପଚାରିଲେ ହେଲେ ଆପଣ କାହିଁ ଆସିଥିଲେ କହିଲେନି ତ ?

ଅଶ୍ରୁଲେଖା କହିଥିଲା, ସାର୍‌ଙ୍କର ଗୋଟେ ଇଣ୍ଟରଭିୟୁ ନେବାର ଥିଲା ତ ମାଡାମ , ହଉ ଏବେ ମୁଁ ଆସୁଛି ପରେ କେବେ ଆସିବି କହି ଉଠୁଥିଲା ଅଶ୍ରୁଲେଖା ତ ସାର ପହଂଚି ଯାଇ ଚା' ନ ପିଇକି କେମିତି ଚାଲିଯିବେ କହିଥିଲେ ଆଉ ମାଡାମ ଚା ବସାଉ ବସାଉ କହୁଥିଲେ ଆମକୁ ମଉସା ମାଉସୀ ଡାକ ଝିଅ, ଝିଅ ନଥିବାରୁ ଦୁନିଆଁ ଯାକ ଝିଅ ପରା ମଉସାଙ୍କୁ ନିଜ ଝିଅ ପରି ଲାଗନ୍ତି !


ଅଶ୍ରୁଲେଖା ଖାଲି ଶିରୋନାମା କଣ ରଖିବ ବୋଲି ଭାବି ଭୂମି ଉପରେ ନଖରେ ଗାର ଟାଣି ଚାଲିଥିଲା ।

♥ ସାକ୍ଷୀଗୋପାଳ, ପୁରୀ
୭୦୦୮୯୪୨୨୧୫

## ସ୍ମରଣୀୟେଷୁ

# ଓଡ଼ିଆ ଭାଷା ସାହିତ୍ୟର ସେନାପତି

ଯେଉଁ ସମୟରେ ଊନବିଂଶ ଶତାବ୍ଦୀରେ ମଧ୍ୟଭାଗରେ ଓଡ଼ିଆ ମାନଚିତ୍ରରେ ଓଡ଼ିଆ ଭାଷା ସାହିତ୍ୟ ନିଷ୍ପ୍ରଭ ହୋଇଥିଲା। ପୁଣି ଯେଉଁ ସମୟରେ ଇଂରେଜ ଶାସନାଧୀନ ଓଡ଼ିଶାରେ ସାମନ୍ତବାଦର ପ୍ରାଦୁର୍ଭାବରେ ଏବଂ ଅତ୍ୟାଚାରରେ ଦରିଦ୍ର, ନିଷ୍ପେଷିତ ଓଡ଼ିଆ ଜାତି ନିଜ ଭିଟାମାଟି ଛାଡ଼ି ବୃତ୍ତି ଅନ୍ୱେଷଣ କରୁଥିଲା ରେଙ୍ଗୁନ୍ କଲିକତାରେ। ଗୋଟିଏ ପଟେ ଜମିଦାରୀ ପ୍ରଥା ଅତିମାତ୍ରାରେ ସମାଜକୁ କଳୁଷିତ କରୁଥିଲା ଏବଂ ଆଉ ଗୋଟିଏ ପଟେ ଓଡ଼ିଆ ଭାଷା ଯେତେବେଳେ ତାର ଭେକ ଆଉ ସ୍ୱାଭିମାନକୁ ହରାଇ ଭିକ୍ଷାଥାଳି ଧରି ବୁଲୁଛି ଆଉ ମାଗୁଛି ମୁଠାଏ ଜୀବନମାତ୍ର। ସବୁଠୁ ଦୁଃଖର କଥା ବଙ୍ଗୀୟ ଜମିଦାରମାନଙ୍କ କବଳରେ ଓଡ଼ିଆ ଜାତି ଏକବାର ଅଣନିଃଶ୍ୱାସୀ ହୋଇ ତ୍ରାହି ତ୍ରାହି ଡାକୁଥିଲା। ବଙ୍ଗୀୟ ଲେଖକମାନେ ଯେତେବେଳେ କହି ଉଠୁଥିଲେ, 'ଓଡ଼ିଆ ଏକଟା ଭାଷା'। ଆଉ ଏହି ଧ୍ୱନିରେ ପୁଣି ଓଡ଼ିଆ ଭାଷାକୁ ଯେତେବେଳେ ବଙ୍ଗାଳୀ ଭାଷା ସହିତ ମିଶାଇ ଦେବା ପାଇଁ ଷଡ଼ଯନ୍ତ୍ର ଚାଲିଲା ଠିକ୍ ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଯେଉଁ ଯୋଗଜନ୍ମା ମହାପୁରୁଷ ଓଡ଼ିଆ ଜାତି ପ୍ରତି ଏଭଳି ଅପମାନକୁ ବରଦାସ୍ତ ନ କରି ଓଡ଼ିଆ ସାହିତ୍ୟରେ ଜାଗରଣ ପର୍ବ ଆରମ୍ଭ କରିଥିଲେ, ସେହି ସ୍ୱାଭିମାନୀ ଓଡ଼ିଆଙ୍କ ଭିତରେ କଥା ସମ୍ରାଟ ଫକୀର ମୋହନ ସେନାପତି ଥିଲେ ଅନ୍ୟତମ ସାହିତ୍ୟ ସ୍ରଷ୍ଟା। ସେଦିନ ୧୮୬୬ ମସିହାରେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷର କ୍ଷୁଧାତୁର ଓଡ଼ିଆଙ୍କ ଆର୍ତ୍ତନାଦକୁ ବେଶ୍ ହୃଦୟଙ୍ଗମ କରିଥିଲେ ଫକୀର ମୋହନ ସେନାପତି। ତାଙ୍କ ସାହିତ୍ୟରେ ଆମେ କଳ୍ପନା ଅପେକ୍ଷା ତତ୍କାଳୀନ ଓଡ଼ିଶାର ସାମାଜିକ ରାଜନୈତିକ ଧାର୍ମିକ ବାସ୍ତବଚିତ୍ର ଅଧିକ ପରିମାଣରେ ଦେଖିବାକୁ ମିଳୁଥିଲା। ତାଙ୍କର ପ୍ରତ୍ୟେକ ଉପନ୍ୟାସରେ ଚିତ୍ରିତ ହୋଇଥିଲା ଗ୍ରାମୀଣ ଉତ୍କଳର ଗୌରିକ ଉତ୍କଟତା, ସମାଜର ବାସ୍ତବ ନିଖୁଣ ଚିତ୍ର। ୧୮୯୭ରୁ ୧୯୧୫ ମସିହା ମଧ୍ୟରେ ପ୍ରକାଶିତ ତାଙ୍କର ଏହି ଚାରୋଟି ଉପନ୍ୟାସ ଛ' ମାଣ ଆଠ ଗୁଣ୍ଠ, ଲଛମା, ମାମୁଁ, ପ୍ରାୟଶ୍ଚିତ, ତାଙ୍କୁ ଓଡ଼ିଆ ସାହିତ୍ୟ ଇତିହାସରେ ଚିର ଅମର କରି ରଖିପାରିଥିଲା। ଏହା ଦୁଇ ଶତାବ୍ଦୀବ୍ୟାପୀ ଓଡ଼ିଆ ଜୀବନଚିତ୍ରର ଏକ ଛିନ୍ନ ଚୌହଦି। ଜମିଦାରଙ୍କ ଜମିଲୋଭର ଶିକାର ହୋଇଛନ୍ତି କିପରି ଦୁଇ ନିରୀହ ପ୍ରାଣୀ ସାରିଆ ଓ ଭଗିଆ ତାହା ଅତି ସୁନ୍ଦର ଚମତ୍କାର ଭଙ୍ଗୀରେ ସେ ରଚନା କରିଥିଲେ ଉପନ୍ୟାସ 'ଛ' ମାଣ ଆଠଗୁଣ୍ଠ'ରେ। 'ମାମୁଁ' ହେଉଛି ଊନବିଂଶ ଶତାବ୍ଦୀ ମଧ୍ୟରେ ବ୍ୟବସ୍ଥିତ ଏକ ବିଷମ ସମୟ ଖଣ୍ଡର ବୃତଚିତ୍ର। ଗାଁ ଛାଡ଼ି ସହର ପ୍ରତି ଏବଂ ଚାକିରି ପ୍ରତି, ଇଂରାଜୀ ଭାଷା ପ୍ରତି କିପରି ଅନୁରାଗ ସୃଷ୍ଟି ହୋଇଛି ଓଡ଼ିଆ ଯୌଥ ପରିବାରର ଭ୍ରମ ସଂକୋଚନ ମୁଖୀ ଭବିଷ୍ୟତ ପାଇଁ କିପରି ବାଟ ଫିଟାଉଛି, ଫକୀରମୋହନ ଏହା ମାମୁଁ ଉପନ୍ୟାସରେ ଲେଖିଛନ୍ତି। ଏହାପରେ ଯୌଥ ପରିବାରର ବିପର୍ଯ୍ୟୟ ପରେ ଏକ ନବ୍ୟଶିକ୍ଷିତ ମଧ୍ୟବିତ୍ତବର୍ଗର ଅଭ୍ୟୁଦୟ ଏବଂ ନୂତନ ସଂସ୍କାର ନବଜାଗରଣ ପୃଷ୍ଠଭୂମିରେ 'ପ୍ରାୟଶ୍ଚିତ' ଉପନ୍ୟାସଟି ପରିକଳ୍ପିତ ଫକୀର ମୋହନ ସେନାପତି ଆଧୁନିକ ସମାଜର ଘନଘଟା ସମୟର ଘଟଣା ଗୁଚ୍ଛ ମଧ୍ୟରୁ ବାସ୍ତବତାକୁ ବାଛି ନେଇ ତା'ରି ଭିତରେ ସେ ନିଜ କାହାଣୀର କାୟାକଳ୍ପକୁ ନିର୍ମାଣ କରିଥିଲେ। ଅନେକ ଅବିସ୍ମରଣୀୟ ଚରିତ୍ରଗୁଡ଼ିକୁ ସେ ଓଡ଼ିଆ ସାହିତ୍ୟକୁ ଦେଇଛନ୍ତି ଭେଟି।



> ୧୮୯୭ରୁ ୧୯୧୫ ମସିହା ମଧ୍ୟରେ ପ୍ରକାଶିତ ତାଙ୍କର ଏହି ଚାରୋଟି ଉପନ୍ୟାସ ଛ' ମାଣ ଆଠ ଗୁଣ୍ଠ, ଲଛମା, ମାମୁଁ, ପ୍ରାୟଶ୍ଚିତ, ତାଙ୍କୁ ଓଡ଼ିଆ ସାହିତ୍ୟ ଇତିହାସରେ ଚିର ଅମର କରି ରଖିପାରିଥିଲା। ଏହା ଦୁଇ ଶତାବ୍ଦୀବ୍ୟାପୀ ଓଡ଼ିଆ ଜୀବନଚିତ୍ରର ଏକ ଛିନ୍ନ ଚୌହଦି। ଜମିଦାରଙ୍କ ଜମିଲୋଭର ଶିକାର ହୋଇଛନ୍ତି କିପରି ଦୁଇ ନିରୀହ ପ୍ରାଣୀ ସାରିଆ ଓ ଭଗିଆ ତାହା ଅତି ସୁନ୍ଦର ଚମତ୍କାର ଭଙ୍ଗୀରେ ସେ ରଚନା କରିଥିଲେ ଉପନ୍ୟାସ "ଛ' ମାଣ ଆଠଗୁଣ୍ଠ'ରେ। 'ମାମୁଁ' ହେଉଛି ଊନବିଂଶ ଶତାବ୍ଦୀ ମଧ୍ୟରେ ବ୍ୟବସ୍ଥିତ ଏକ ବିଷମ ସମୟ ଖଣ୍ଡର ବୃତ୍ତଚିତ୍ର।

ତାଙ୍କର ନିଖୁଣ ଚରିତ୍ରଗୁଡ଼ିକ ତାଙ୍କପରି ଅନ୍ୟ କୌଣସି ଆଧୁନିକ ଓଡ଼ିଆ ଲେଖକ ଏତେ ସ୍ମରଣୀୟ ଚରିତ୍ର ସୃଷ୍ଟି କରିପାରିନାହାଁନ୍ତି ଆଜିଯାଏଁ। ରାମଚନ୍ଦ୍ର ମଙ୍ଗରାଜ ନାଜର ନଟବର ପରି ଜଟିଳ ଚରିତ୍ର ଯେପରି ଅଛନ୍ତି, ସାଆନ୍ତାଣୀ, ଶାରିଆ, ଭଗିଆପରି ସରଳ ଚରିତ୍ର ବି ସେମିତି ଓଡ଼ିଆ ପୁରପଲ୍ଲୀରେ ଏବେ ମଧ ପ୍ରବାଦ ପାଲଟିଛନ୍ତି। ରାଣ୍ଡିପୁଅ ଅନନ୍ତା, ଡାକ ମୁନ୍‌ସୀ ଏବଂ ରେବତୀ ଗଳ୍ପ ସତରେ ଆଜି ମଧ ଓଡ଼ିଆ ସାହିତ୍ୟର ଇତିହାସକୁ ଋଦ୍ଧିମନ୍ତ କରୁଛି। ପ୍ରକୃତରେ ଫକୀରମୋହନ ଥିଲେ ଓଡ଼ିଆ ସାହିତ୍ୟର ସର୍ବାଧିକ ସ୍ମରଣୀୟ ଚରିତ୍ରର ଅନତିକ୍ରାନ୍ତ ସ୍ରଷ୍ଟା।

ଫକୀର ମୋହନ ସାହିତ୍ୟକୁ ଏ ଜାତିର ଏକ ଫୁଙ୍ଗୁଳା ଫର୍ଦ୍ଦ କହିଲେ ଆଦୌ ଭୁଲ୍ ହେବନାହିଁ। ୧୮୧୭ ମସିହାର ପାଇକ ବିଦ୍ରୋହ ଥିଲା ଇଂରେଜମାନଙ୍କ ବିରୋଧରେ ଭାରତର ପ୍ରଥମ ମୁକ୍ତିସଂଗ୍ରାମ। ଏକ ବିପର୍ଯ୍ୟସ୍ତ, ଅବକ୍ଷୟ ଗ୍ରସ୍ତ, ଖଣ୍ଡିତ କଙ୍କାଳ ସଦୃଶ। ଅର୍ଦ୍ଧମୃତ ହୃତ ଗୌରବ ଓଡ଼ିଆ ଜାତିର ଓଡ଼ିଆ ଭାଷାର ସ୍ରଷ୍ଟାଭାବେ ଫକୀରମୋହନ ନିଜ ସୃଷ୍ଟି ସର୍ଜନା ମାଧ୍ୟମରେ ନିଜ କାଳଜୟୀ ଲେଖନୀ ମାଧ୍ୟମରେ ଏ ଜାତିର ଭାଷାଭଣ୍ଡାରକୁ ଦେଇଯାଇଛନ୍ତି ଅଜସ୍ର ଉପାଦେୟ ପୁସ୍ତକ। ଯେଉଁଥିରେ ସେ ସମୟର ସାମାଜିକର ଚିତ୍ର ଅଙ୍କିତ ହୋଇଥିଲା। ତାଙ୍କର କାଳଜୟୀ ତୀକ୍ଷ୍ଣ କଲମ ମୁନରେ ଆଙ୍କି ହୋଇଥିଲା ସାମନ୍ତବାଦୀ ସମାଜର ବାସ୍ତବ ନିଛକ ଚିତ୍ର ଏବଂ ଚରିତ୍ର।

ଆବାଲ୍ୟରୁ ଦୁଃଖକଷ୍ଟରେ ପରିପାଳିତ ହୋଇ ଖୁବ୍ କମ୍ ପାଠପଢ଼ି ନିଜର ଚିରରୁଗ୍‌ଣ ଶରୀର ସତ୍ତ୍ୱେ ପ୍ରତିବେଶୀ ପ୍ରଦେଶର ଓଡ଼ିଆ ଭାଷା ପ୍ରତି ମାରାତ୍ମକ ଷଡ଼ଯନ୍ତ୍ରକୁ ରକ୍ଷା କରିବା ପାଇଁ ଯେଭଳି ଦୃଢ଼ସଂକଳ୍ପବଦ୍ଧ ହୋଇ ଅକ୍ଳାନ୍ତ ପରିଶ୍ରମ ଓ ଅସୀମ ସାହସ ପ୍ରଦର୍ଶନ କରିଥିଲେ, ତାହା ଆଜି ନିଶ୍ଚିତ ବିସ୍ମୟ ସୃଷ୍ଟି କରିବ। ତାଙ୍କ ରଚିତ 'ଛ'ମାଣ ଆଠଗୁଣ୍ଠ' ସମସ୍ତ ପୃଥିବୀରେ ଏକ ଶ୍ରେଷ୍ଠ ଉପନ୍ୟାସ। ସେହିପରି ତାଙ୍କ ରଚିତ 'ଆତ୍ମ ଜୀବନୀ ଚରିତ' ସମଗ୍ର ପୃଥିବୀରେ ମଧ ଶ୍ରେଷ୍ଠ ସାହିତ୍ୟକୃତି। ସେଥିପାଇଁ ଆମେ ତାଙ୍କୁ କଥା ସମ୍ରାଟ ଫକୀର ମୋହନ ସେନାପତି କହିଥାଉ। କିନ୍ତୁ ତାଙ୍କର କର୍ମମୟ ଜୀବନ ବ୍ୟାପକ ହେଲେ ମଧ ସେ ସେଥିରେ ଆଦୌ ସନ୍ତୁଷ୍ଟ ନଥିଲେ। ସତ କହିବାକୁ ଗଲେ ଆମେ ଫକୀରମୋହନ ସାହିତ୍ୟକୁ ସାହିତ୍ୟର ଯୁଗାନ୍ତକାରୀ ବିଭବକୁ ଜାତୀୟସ୍ତରରେ ପ୍ରତିଷ୍ଠା କରିପାରିଲୁନାହିଁ। ଇଂରାଜୀକୁ ଛାଡ଼ିଦେଲେ ଅନ୍ୟ ପ୍ରାନ୍ତୀୟ ଭାଷାରେ ମଧ ଫକୀରମୋହନ ସାହିତ୍ୟକୁ ଅନୁଦିତ ହୋଇପାରିନାହିଁ। ଓଡ଼ିଆ ସାହିତ୍ୟକୁ ବିଶ୍ୱଦରବାରରେ ପହଁଞ୍ଚାଇଥିବା କଥା ସମ୍ରାଟ ଗାଳ୍ପିକ ଯଦିଓ ଆଜି ଆମ ଗହଣରେ ନାହାଁନ୍ତି, କିନ୍ତୁ ତାଙ୍କ ସମ୍ଭାର ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରି ତାଙ୍କୁ ଇତିହାସରେ ଚିରସ୍ମରଣୀୟ କରି ରଖିବ ଏଥିରେ ସନ୍ଦେହ ନାହିଁ। ୧୯୧୮ ମସିହାରେ ଏହି କାଳଜୟୀ ମହାପୁରୁଷ ଦେହତ୍ୟାଗ କଲେ ସତ ମାତ୍ର ତାଙ୍କର ସାହିତ୍ୟ ରହିଲା ଚିର ଅମର ହୋଇ।



ଆଲେଖ୍ୟ: ମୀରା ବେଉରା
ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

## ସାଂପ୍ରତିକୀ

# ରାତାରାତି ଲମ୍ବା ଦାଢ଼ି

ଅଧ୍ୟାପକ ମୋହନ ଚରଣ ବିଷି

ସେଦିନ ସଂଧ୍ୟା ଭ୍ରମଣ ସମୟରେ ରବିବାବୁ କହିଲେ ମୁଁ ଅନେକ ଲୋକମାନଙ୍କୁ ଦେଖୁଛି ଦୈନନ୍ଦିନ ଚାଲିଚଳଣୀ ରେ ଢେରସାରା ପରିବର୍ତ୍ତନ ହେଲାଣି। କେମିତି ଆଜ୍ଞା। ଦେଖୁନାହାନ୍ତି ଯା' ପାଖରେ ସାଇକେଲ ଥିଲା ତା ପାଖରେ ଆଜି ବାଇକ। ଯା' ପାଖରେ ବାଇକ ଥିଲା ଏବେ ଚାରିଚକିଆ ଚଢ଼ୁଛି। ଛାଳଛପର ଘର ଏବେ ନାହିଁ ସବୁ ପକ୍କାଘର ହେଇଗଲାଣି। ସହର ପରି ଗାଁ ମଧ ଧୋବ ଧୋବଳିଆ। ସହରର ଚାକଚକ୍ୟ ଗାଁରେ ମଧ ଦେଖାଦେଲାଣି। ମୁଁ ରବିବାବୁଙ୍କୁ କହିଲି, ନାଇଁ ଆଜ୍ଞା ସରକାର ସାହାଯ୍ୟ କରୁଛନ୍ତି। ସରକାର ରେସନ, ଘର ସବୁକିଛି ଦେଉଛନ୍ତି। ଠିକ୍ କଥା ସରକାର ଦି ବଖରା ଘର ଦେଉଛନ୍ତି ହେଲେ ଲୋକମାନେ ତ ଚାରିବଘରିଆ ଘର କରୁଛନ୍ତି। ଚଟାଣରେ ମାର୍ବଲ, ଆଟେଚ ବାଥରୁମ, ନଳପାଣି ସହ ଚକଚକ ଘର। ଏତେ ସବୁ କରିବା ପାଇଁ ତ ପଇସା ଦରକାର। ଦେଖୁନୁ ଶରଦୁକୁ କଷ୍ଟେମଷ୍ଟେ ଚଳୁଥିଲା। କେମିତି କଲା କେଜାଣି। ଏବେ କେଡେ ବଡ ଘର କରିଛି। ତାର ଗୃହ ପ୍ରବେଶ ଅଛି। ମୋତେ ପଚାରୁଥିଲା ଭଲ ରୋଷେୟା ଟିଏ କହିଦିଅନ୍ତୁ ଆଜ୍ଞା। ସାଧାର ସବୁ ପ୍ରକାର ଭଲ ଭଲ ଆଇଟମ ଜାଣିଥିବ। ହଜାରେ ଲୋକଙ୍କୁ ଡାକିଛି ସମସ୍ତଙ୍କ ପାଇଁ ଭଲ ରୋଷେଇ କରିବ।

ମୁଁ ଦୁଇ ଚାରିଜଣ ରୋଷେୟାଙ୍କ ମୋବାଇଲ ନମ୍ବର ଦେଲି। ପଚାରିଲି ଘର ହେଲା ଚାରିଚକିଆ କେବେ ଆଣୁଛ।

ଗୃହ ପ୍ରବେଶ ପୂର୍ବରୁ ଆଣିବି ବୋଲି ଭାବିଥିଲି ଜାତକ ସୁଝିଲା ନାହିଁ। ଗୃହ ପ୍ରବେଶ ପର ଦିନ ଆଣିବି। ବୁକକରି ଦେଇଛି ସବୁ କଥାବାର୍ତ୍ତା ସରିଛି ଆଣିବା ବାକି ରହିଲା। ଚାଲିଚଳଣୀରେ ଲୋକମାନଙ୍କ ଅନେକ ପରିବର୍ତ୍ତନ ହେଉଛି। କେବଳ ଶରଦୁ କାହିଁକି ଅନେକ ଲୋକଙ୍କ ମାନସିକତାରେ ଭଲଘର, ଚାରିଚକିଆର ନିଶା ଘରକରିଛି। ଉପାର୍ଜନ ସ୍ୱଳ୍ପ କିନ୍ତୁ ଆଶାତୀତ ଆଶା। ସ୍ୱପ୍ନ ଦେଖିବା ତ ନିଜସ୍ୱ। ସ୍ୱପ୍ନକୁ ସାକାର କରିବା ପାଇଁ ଯେଉଁ ଆତ୍ମବଳ, ଧୈର୍ଯ୍ୟ, ପରାକାଷ୍ଠା ଆବଶ୍ୟକ ତାହା ଆଉ ପରିଲକ୍ଷିତ ହେଉନାହିଁ। ଆମେ ପଢ଼ିଛୁ ଟାଟା, ବିରଳା, ଡାଲମିଆ, ଅମ୍ବାନୀ ପରି ନାମିଦାମୀ କଂପାନୀ ମାଲିକଙ୍କ ସଂଘର୍ଷର କଥା। କେମିତି ସେମାନେ ଜିରୋରୁ ହିରୋ ହେଇଛନ୍ତି। ସେମାନେ ଶିଖରକୁ ଛୁଇଁବା ପାଇଁ ଲମ୍ବା ପ୍ରତୀକ୍ଷା କରିଛନ୍ତି। ଅନେକ ଜୀବନକୁ ପ୍ରଭାବିତ କରିଛି ତାଙ୍କ ପ୍ରେରଣାପ୍ରଦ କାହାଣୀ। ବର୍ତ୍ତମାନ ପରିସ୍ଥିତି ଭିନ୍ନ ମୋଡ ନେଉଛି। ଲମ୍ବା ସଂଘର୍ଷ କରି ବିଶାଳୀ ହେବା ପାଇଁ ଚାହୁଁ ନାହାନ୍ତି। ଅଧ୍ୟବସାୟ ବିନା, ପରିଶ୍ରମ ବିନା ରାତିରାତି ଧନୀ ହେବାର ନିଶା ଘାରିଛି। ଏହା ଅସମ୍ଭବ କିନ୍ତୁ ଆଜିର ନୂତନ ପିଢ଼ିର କଳ୍ପନା ଭିନ୍ନ। ଏତେ ଲମ୍ବା ସମୟ କିଏ ଅପେକ୍ଷା କରିବ। ସେଥିପାଇଁ ଆପଣାଉଛନ୍ତି ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ। ବିଶେଷ କରି ଯୁବ ସମାଜ ଅତ୍ୟାଧୁନିକ ଜୀବନ ନିର୍ବାହ କରିବା ପାଇଁ ନିମ୍ନଗାମୀ ହେଉଛନ୍ତି। ଏପରିକି ସଂପତ୍ତି ଲୋଭରେ ଡକାୟତି, ହତ୍ୟାକାଣ୍ଡ କରିବା ପାଇଁ ପଛଉ ନାହାଁନ୍ତି। ଜୁଆ, ସଟ୍ଟା ଖେଳପରି ବିଭିନ୍ନ ପ୍ରକାର ଇନଟରନେଟ ଖେଳରେ ପଇସା ଲଗାଉଛନ୍ତି। ଚରସ, ହିରୋଇନ, ଗଂଜେଇ, ମଦର ଲୁଚାଛପା ବ୍ୟବସାୟ କରୁଛନ୍ତି। କଳା ବ୍ୟବସାୟ ପଛରେ ଯୁବଗୋଷ୍ଠୀଙ୍କୁ ପ୍ରଲୋଭିତ କରି ଲଗାଯାଉଛି। ନିର୍ବାଚନ ସମୟରେ ଯୁବକମାନଙ୍କୁ ବଡ ଆଶା ଦେଖାଇ ଅସ୍ତ୍ର ଭଳି ବ୍ୟବହାର କରାଯାଉଛି। ନିର୍ବାଚନକୁ ଏକ ଜୁଆଖେଳ ଭାବରେ କିଛି ଗୋଷ୍ଠୀ ବ୍ୟବହାର କରୁଛନ୍ତି। ବିଶେଷ କରି ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଏପରି ପ୍ରତୀୟ ହେଉଥାଏ। ନିର୍ବାଚନ ଜିତିବା ପରେ ଆଇନ ସବୁ ଯେମିତି ତାଙ୍କ ହାତରେ। ନିର୍ବାଚନରେ ଖଟେଇଥିବା ପଇସା ଯେମିତି ହେଲେ ମଧ ଠୁଳ କରିବାକୁ ହେବ। ତେଣୁ ଯେତେ ସବୁ ଠିକା କାମରେ ନିଜ ଲୋକ ଅବା କିଛି ଖିଆପିଆ ଦିଆ ଯୁବକ ମାନଙ୍କୁ ହାତବାରିଶି କରି ପଚିଶ କାମକୁ ପାଞ୍ଚରେ ସାରିଦେଉଛନ୍ତି। ଯେମିତି ପିଚୁ ପକାଉ ପକାଉ ରସ୍ତାରୁ ପିଚୁ ଗାୟବ, ଗୃହ ପ୍ରବେଶ ପୂର୍ବରୁ ଛାତ ଭୁଷୁଡି ପଡିବା, ପୋଲ କାମ ଚାଲୁ ଥିଲାବେଳେ ପୋଲ ଭାଂଗିଯିବା, ପୋଖରୀ କାମ ହେଉଥିବ ଏପଟେ ପୋଖରୀ ଚୋରି ହେଉଥିବ। କାଗଜପତ୍ରରେ କାମ ବାସ୍ତବିକ କିନ୍ତୁ କଅଁର। ଆଜିକାଲି ପୁଣି ବ୍ୟବସାୟରେ ନକଲି କାରବାର କରି ମୁଁନାଫା ଖୋର ମାଲେମାଲ। ସିନ୍ଥେଟିକ ଚାଉଳ, ପ୍ଲାଷ୍ଟିକ ଚାଉଳ, ନକଲି ଘିଅ, ଚାପତି, ତେଜରାତି, ମସଲା, ସୁଜି, ଅଟା ଏପରିକି ନକଲି ଔଷଧ ମଧ ପ୍ରସ୍ତୁତ କରିବାକୁ ପଛଉନାହାନ୍ତି। ଅସଫଳ ହେଲେ ଆତ୍ମହତ୍ୟା କରୁଛନ୍ତି। ଆଜିର ଯୁବପିଢ଼ୀ ପାଖରେ ଅପେକ୍ଷା କରିବା ପାଇଁ ସମୟ ନାହିଁ। ସାଂଗେ ସାଂଗେ ଫଳ ଆଶା ରଖୁଛନ୍ତି। ଧର୍ଯ୍ୟ ବିଚ୍ୟୁତି କାରଣରୁ ମାନସିକ ସନ୍ତୁଳନ ହରାଇ ବସୁଛନ୍ତି। ଶସ୍ତା ଲୋକପ୍ରିୟତା ଅର୍ଜନ ଯୁବଗୋଷ୍ଠୀ ମାନଙ୍କର ଏକ ନିଶା ପାଲଟି ଯାଇଛି। ରବି ବାବୁଙ୍କର ଏତେ ସବୁକଥାକୁ କାଟିବା ପାଇଁ ମୋ ପାଖରେ କୌଣସି ଯୁକ୍ତି ନଥିଲା। ତାହେଲେ ଲୋକ ଆଜିକାଲି ଏତେ ତଳକୁ ଖସି ଯିବାର ମାନସିକତା କାହିଁକି ? କଣ ପାଇଁ ରାତା ରାତି ଧନୀ ହେବାର ସ୍ୱପ୍ନ ଦେଖୁଛନ୍ତି ?


ରବିବାବୁ ଗ୍ଲାନି ଭରା ମନରେ କହିଲେ। ଆଜିର ଯୁବକ ଦେଶ ବିଦେଶ ସବୁ ଦେଖୁଛି। ଲୋକେ କେମିତି ଧନୀ ହେଉଛନ୍ତି ଓ ଅୟସ ଆରାମରେ ରହୁଛନ୍ତି ସବୁ ଦେଖୁଛି। ସେ ନିଜେ ସେମିତି ଜୀବନ ଯାପନ କରିବା ପାଇଁ ଚେଷ୍ଟା କରୁଛି କିନ୍ତୁ ପ୍ରକୃତ ପରିଶ୍ରମ କରି ଅର୍ଥ ଉପାର୍ଜନ କରିବାକୁ ଆଦୌ ଇଛା ନାହିଁ। ଦେଖା ଯାଉଛି ଯେଉଁ ଚାକିରିଆର ଯଦି ଦରମା କେବଳ ଭରଷା ଯେଉଁ ବ୍ୟବସାୟୀର ଯଦି ପ୍ରକୃତ ଲାଭ ଭରସା ସେମାନେ ହାତରୁ ପାଟିବାଲା। ସେମାନେ କଷ୍ଟେମଷ୍ଟେ ସଂସାର ଚଳେଇବାକୁ ସମର୍ଥ। କିନ୍ତୁ ଖବର ପାଉଛୁ ଯେ କୋଟିପତି ସରକାରୀ ଡ୍ରାଇଭର, ପିଅନର ରାଜ ଉଆସ, ପାଞ୍ଚହଜାର ଟଙ୍କା ସରକାରୀ ଦରମା ପାଉଥିବା ଲୋକର କୋଟିଏ ସଂପତ୍ତି। ଆଉ ବଡ ଅଫିସର ମାନେ ତ ସବୁବେଳେ ବଡ ବଡ କାରବାର ରେ ଲିପ୍ତ ହୋଇ ବିଡା ବିଡା ନୋଟ ଗଦାର ମାଲିକ। ଅବଶ୍ୟ ସମସ୍ତେ ଏମିତି ନୁହନ୍ତି। କିନ୍ତୁ ଗାଁ ଠାରୁ ସହର ଯାଏ ଅନୈତିକ ଉପାୟରେ ଅର୍ଥ ରୋଜଗାର କରିବାକୁ କାହିଁକି କେଜାଣି ଅଧିକାଂଶ ଲୋକଙ୍କ ପସନ୍ଦ ହେଲାଣି। ବୋଧେ ସେମାନେ ଅନୁଭବ କଲେଣି ଦରମା ଭରସାରେ କିମ୍ବା ବ୍ୟାବସାୟିକ ପ୍ରକୃତ ଲାଭରେ ଧନୀହେବା କେବଳ ସ୍ୱପ୍ନରେ ରହିଯିବ। ଚାଷୀ, ବ୍ୟାବସାୟୀ, ଚାକିରିଆ, ଠିକାଦାର, କୁଟୀର ଶିଳ୍ପର ମାଲିକ ମାନେ ପ୍ରକୃତ ଆୟରେ ଜୀବନ ଯାପନ କରି କେମିତି ତଳିତଳାନ୍ତ ହେଉଛନ୍ତି। କେବଳ ଦିଲ୍ଲୀରୁ ପଲ୍ଲୀ ନୁହେଁ ବିଦେଶରେ ମଧ ଏମିତି ଚେର କାୟାବିସ୍ତାର କରି ରହିଛି। ଏ ଚେରରେ ପରା ଗଛ ହେଉଥାଏ ଏଣୁ ସମସ୍ତଙ୍କ ପସନ୍ଦ ଏମିତି ଗଛ ଲଗାଇ ମନ ଭରି ଅମ୍ଳଜାନ ନେବା ପାଇଁ। ଏବେ ଯୁବ ମାନସିକତାରେ ଯେଉଁ ପରିବର୍ତ୍ତନ ଦେଖାଯାଉଛି ଯେ ଆଉ ଆମେ ପରିଶ୍ରମ କରିବୁ ନାହିଁ କେବଳ ବୁଦ୍ଧିକୁ ଉପଯୋଗ କରି ରାତାରାତି କେମିତି ବିରାଟ ଧନୀ ହେଇଯିବୁ। ଉପାୟ ସାଧୁ କି ଅସାଧୁ ପରବାୟ ନାହିଁ ସମୟ ଆସିଲେ ଜଣାପଡିବ। କିନ୍ତୁ ରାତି ପାହିଲେ ଦାଢ଼ି ଲମ୍ବି ଯାଇଥିବା ଲୋକେ ସକାଳୁ ଦେଖିବେ ମୋର ପାରିବା ପଣିଆ ଗାଡି ମୋଟର, ଚାକର ବାକର ଥାଟବାଟ ପରିପାଟିରେ ଦୁଆର ଭର୍ତ୍ତି। ମୋତେ ଦେଖି ଯେମିତି ସମ୍ମାନରେ ଲୋକଙ୍କ ମୁଣ୍ଡ ତଳକୁ ହେଇଯାଉଥିବ। ଏମିତି କିଛି ଭାବନାରେ ଭାବୁକ ଯୁବସମାଜ ଯେକୌଣସି ଦେଶପାଇଁ ପ୍ରଗତିର ବାଧକ ନିଶ୍ଚୟ।

ରବିବାବୁଙ୍କର ଏମିତି କିଛିକଥା କିଛି ସମୟ ଭାବିବାକୁ ବାଧ କଲା। ସତରେ ଯୁବପିଢ଼ିକୁ ଏମିତି କୁତ୍ସିତ ଭାବନାରୁ ବାହାରିବାକୁ ହେବ। ରାତାରାତି ଧନୀ ହେବା ନିଶାରୁ ଯୁବସମାଜକୁ ନିବୃତ୍ତ ହେବାକୁ ପଡିବ। ନିଜ ଉପାର୍ଜନକୁ ନେଇ ଧନୀ ହେବା ଶ୍ରେୟସ୍କର ହୁଏତ ବିଳମ୍ବରେ କାର୍ଯ୍ୟସିଦ୍ଧି ହୋଇପାରେ। ସହଜ ସରଳ ବିନା ପରିଶ୍ରମରେ ଅର୍ଥ ଉପାର୍ଜନ ପରି ଉପାୟକୁ ତ୍ୟାଗକରି ନିଜ ଅଧ୍ୟବସାୟରେ ଉପାର୍ଜନ କଲେ ଦେଶ ଓ ଦଶର ମଂଗଳ ସୁନିଶ୍ଚିତ।


+ ଗଡରାମାଳ, କୋକସରା, କଳାହାଣ୍ଡି
ମୋ-୯୭୭୭୪୬୮୮୪୧

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୧୩)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ







ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

### ।। ତିନି ବନ୍ଧୁ ।।

ହଁ, ସେ ରାତି ତ କେବେ ଭୁଲି ହେବନି । ଆମ ଘର ପୁରା ଶୂନଶାନ ଶ୍ମଶାନ ପରି ଥିଲା । ଘର ସାମ୍ନା ଅଗଣାରେ ଆମେ କାଠର ଚେୟାର ପକାଇ ପକାଇ ହିସାବ କରୁଥିଲୁ । ସାରା ଦୁନିଆ ଶୋଇ ଥିଲା । ଉପରେ ସ୍ୱଚ୍ଛ ଆକାଶ ତମ୍ବୁ ପରି ଟଣାହୋଇ ଥିଲା । ପବନ ଜୋରରେ ବହିବାକୁ ଲାଗିଲା । ବେଳେବେଳେ ଧୂଳି ଉଡ଼ି ଆମ ଦେହରେ ବାଡ଼େଇ ହେଉଥାଏ । ପୁରୁଣା ଲଣ୍ଠନ ଧପ୍ ଧପ୍ ହୋଇ ଜଳି ଉଠୁଥିଲା । ମନ ଭିତରେ ଭୟ ସଂଚାର ହେଉଥାଏ । କିଛି ଦୂରରେ ଗୋଟେ କୁକୁର ଲଗାତର ଭୂକି ଚାଲିଥାଏ । ଏହା ଛଡ଼ା ସବୁକିଛି ଶାନ୍ତ ଥିଲା । ସାରାଦିନ ଗ୍ରୀଷ୍ମ ପ୍ରବାହପରେ ସନ୍ଧ୍ୟାରେ ଟିକେ ଜୋର ଜୋର ପବନ ବହି ସବୁ କିଛିକୁ ଶୀତଳତା ପ୍ରଦାନ କରୁଥାଏ । ଖୁବ୍ ଆନନ୍ଦ ଆସୁଥାଏ ଶୀତଳତା ଯୋଗୁ ।

ପ୍ରାୟତଃ ରାତି ସାଢ଼େ ଗୋଟାଏ ହେବ । ମନୋହର ଅଚାନକ ପିଠିକୁ ସିଧା କରି ବସି କହିଲା, 'ଭାଇ ଆଜି ଗୋଟେ କଥା ଶୁଣି ଭାରି ରାଗ ଲାଗିଲା ।'

ଆମେ ବୁଝିସାରିଥିଲୁ ସେ କାହା ବିଷୟରେ କହିବ । ସେତେବେଳେ ଆମକୁ ଆଉ ପଢ଼ିବାକୁ ଇଚ୍ଛା ନଥିଲା । ଆମ କ୍ଳାନ୍ତ ଶରୀର ଓ ମନରୁ ଯିଏ ବି ବୁଝି ପାରିବ । ମନୋହର ବିଷୟ ପରିବର୍ତ୍ତନ କରିଥିବାରୁ, ତା' କଥାକୁ ସମସ୍ତେ ସ୍ୱାଗତ କଲେ । ଉତ୍ସୁକତା ସହ ମନୋହର କଥା ଶୁଣିବାକୁ ଅପେକ୍ଷା କଲେ ।

ମନୋହର ସ୍ପଷ୍ଟ କହିଲା, 'ସହରର ସେ କଂଗ୍ରେସୀ ଅଟେ । ବୈରିଆର ଥାନାଦାର ତାକୁ ଧୋକାରେ ଗିରଫ କରି ଧୁମ ଫିଟିଛି । ମୁଣ୍ଡରୁ ନିଶରୁ ବାଳ ଓପାଡ଼ି ଦେଇଛି । ଥାନାଦାର ଗୋଟେ ହାବିଲଦାର ମାଧ୍ୟମରେ ତା' ମୁହଁରେ ପରିସ୍ରା କରେଇଲା । କିନ୍ତୁ ସେ ଯୁବକ ମହା ସାହସୀ । କିଛି ବି କହିବାକୁ ମନା କରିଦେଲା ।

ଏତିକି ମାତ୍ର ନିଆଁ ଝୁଲଥିଲା । ଦେଶଭକ୍ତଙ୍କ ଉପରେ ବିଦେଶୀ କରୁଥିବା ଅତ୍ୟାଚାର ଅନ୍ୟାୟ ଆମେ ଗୋଟେ ପରେ ଗୋଟେ ଅନେକ ପ୍ରକାର କଥା ଶୁଣୁଥିଲୁ । ଏ ଘଟଣା ଇଂରେଜୀ ଶାସକ ଉପରେ ଏମିତି ଘୃଣାଭାବ ସୃଷ୍ଟି କରେଇଲା ଅଲଗା କୌଣସି ବିଷୟ ଆମକୁ ହଲଚଲ କରିନଥିଲା । ଏମିତି କହିବାକୁ ଗଲେ ଏ ଘଟଣା ଆମ ଜିଲ୍ଲାରେ ଘଟି ଥିବାରୁ, ଆମ କ୍ରୋଧ ଆକାଶଛୁଆଁ ହୋଇଥିଲା । ମୁଁ ବ୍ୟକ୍ତିଗତ ଭାବେ କ୍ରୋଧିତ ହୋଇଥିଲି । କନ୍ତୁ ସେ ଯୁବକର ଯନ୍ତ୍ରଣା ମୋ ଆଖିରେ ଲୁହ ଭରିଦେଲା ।

'ମୋ ମନରେ ଏମିତି ଆସିଲା ସେ ଅଭଦ୍ର ଥାନାଦାରକୁ ଜୀବନରୁ ମାରିଦେବା ଉଚିତ । ମୋ ରାଗ ମୁଁ ଝଡ଼େଇଲି ।'

ଦୀନାନାଥ ନିଆଁ ହୋଇଗଲା ରାଗରେ, ଆଉ କହିଲା, 'ମୁଁ ତ ନିଶ୍ଚୟ କରି ନେଲିଣି ଗୋଟେ ଦିନ ସେ ବଦମାସ୍ ଥାନାଦାରକୁ ଆଉ ଏଠିକାର କଲେକ୍ଟରକୁ ମାରିବି, ତା' ପରେ ପଛେ ଫାଶୀ ଦଣ୍ଡ ଭୋଗିବି ।

ତା'ର ଏ ପ୍ରତିଜ୍ଞାରେ ଆମେ ସମସ୍ତେ ବହୁତ ପ୍ରଭାବିତ ହେଲୁ । ମନୋହର ଓ ଦୀନେଶ୍ୱର ତ ମୁହଁ ବଙ୍କେଇ କମ୍ପିତ ଓଠରେ ହସୁଥିଲେ । ଅବଶ୍ୟ ସେ ସମୟରେ ଏ ଜିଲ୍ଲାର କଲେକ୍ଟର ଇଂରେଜ ନଥିଲା । କିନ୍ତୁ ଦେଶୀ କଲେକ୍ଟର ବି ବିଦେଶୀ ଶାସକଙ୍କ ସ୍ତମ୍ଭ ଅଟନ୍ତି । ଏସବୁ ଆମେ ଜାଣିଛୁ । ଏକଥା ସ୍ପଷ୍ଟ ଥିଲା କି ଦୀନାନାଥ ଏ ଦୁଇଜଣଙ୍କୁ ହତ୍ୟା କରି ଉଦ୍ଦମ ସିଂ ହେବାପାଇଁ ଚେଷ୍ଟା କରୁଥିଲା ।

ଏହା ପରେ ଆମେ ଅନେକ ସମୟ ପର୍ଯ୍ୟନ୍ତ ଚୁପ୍ ରହିଲୁ । ମନେକର ଆମେ ଆମ କ୍ରୋଧକୁ ମାପିବାକୁ ଚେଷ୍ଟା କରୁଥିଲୁ । ଅଥବା ଏଭଳି ଜଘନ୍ୟ ଘଟଣାର କି ପ୍ରତିକାର ହୋଇପାରେ ରାସ୍ତା ଖୋଜୁଥିଲୁ । ଦୀନାନାଥ ଅଜାଣତରେ ଗୋଟେ ଯୋଜନା ପ୍ରସ୍ତୁତ କରିସାରିଥିଲା । ଆମ ସମସ୍ତଙ୍କୁ ସଂକେତ ବି ଦେଉଥିଲା ।

ଆମେ କିନ୍ତୁ କେହି ଧରି ପାରିଲୁନି ।

'ଏ ସେଠ୍ ଆଜିକାଲି ବହୁତ ଲାଭ କରୁଛି । ପ୍ରତିଦିନ ବସ୍ତାପରେ ବସ୍ତା ପଡୁଛି ।' କିଛି ସମୟ ପରେ ମନୋହର ଏମିତି କହିବା, ସମସ୍ତଙ୍କୁ ସଂଶୟରେ ପକାଇଲା । ନିଶ୍ଚୟ ଏହାର କିଛି ଗୂଢ଼ ରହସ୍ୟ ଅଛି ।

ମୋ ଘର ପାଖାପାଖି ଦୀନେଶ୍ୱରର ବଡ଼ କିଲ୍ଲା ପରି ମହଲ ଘର ଥିଲା । ଦୀନେଶ୍ୱର ଜଣେ ଭ୍ରଷ୍ଟାଚାରୀ ସେଠଙ୍କ ପୁଅ ଥିଲା । ଦୀନେଶ୍ୱର ଜେଜେ ବାପାଙ୍କର ବ୍ୟବସାୟ ଚାରି ଆଡ଼କୁ ବ୍ୟାପି ଯାଇଥିଲା । କିନ୍ତୁ ଦୀନେଶ୍ୱରର ବାପା, ଦାଦାମାନେ ଅଯୋଗ୍ୟ ଥିଲେ ସେ ସବୁକୁ ରକ୍ଷଣା ବେକ୍ଷଣା କରି ରଖି ପାରିଲେନି । ମହଲ ଭଳି ଘର ପଡ଼ିରହିଲା । ଅନେକ ସଂପତ୍ତି ନଷ୍ଟ ହୋଇଗଲା । ଏମାନେ ଅଳ୍ପ କିଛି ଛୋଟ ଛୋଟ ବ୍ୟବସାୟ କଲେ ବିଲବାଡ଼ିରେ ଚାଷବାସ କରି ଗୁଜୁରାଣ ମେଣ୍ଟାଉଥିଲେ । ମହଲର ତଳ ଭାଗକୁ ସେମାନ 'ଝଗୁରାମ ବେଚୁରାମ' ନାମକ ଫାର୍ମକୁ ଭଡ଼ାରେ ଦେଇଥିଲେ । ଉପର ମହଲାରେ ଦୀନେଶ୍ୱର ତା' ଚାକର ସହ ରହୁଥିଲା । ଦୀନେଶ୍ୱର ଘର ସାମ୍ନାରେ ଅସଂଖ୍ୟ ବସ୍ତା ଗୁଡ଼ିକ ଇତଃସ୍ତତ ହୋଇ ପଡ଼ି ରହିଥିଲା । ସେଗୁଡ଼କ ସବୁ 'ଝଗୁରାମ ବେଚୁରାମ' ଲେଖାଥିଲା । ଯାହା ଗୋଦାମ ଭିତରେ ରଖାଯାଇ ପାରିବନି ।

ମନୋହର କଥା ସମ୍ଭବତଃ, ଆମ ସମସ୍ତଙ୍କର ମନରେ ପ୍ରତିକ୍ରିୟା ସୃଷ୍ଟି କଲା । ଆମେ ଆଶ୍ଚର୍ଯ୍ୟ ହୋଇ ସେହି ବୋରାଗୁଡ଼ିକ ଆଡ଼କୁ ଚାହିଁଲୁ । ସମସ୍ତେ ହସିବାକୁ ଲାଗିଲୁ । ମୋତେ ଲାଗିଲା ଯେମିତି ମନୋହର କହୁଛି ସେଠ୍ ସମସ୍ତ ଠାରୁ ଶୋଷଣ କରି ଚାଲିଛି । ଲାଭ ଉପରେ ଲାଭ କରୁଛି । ଇଏ ଇଂରେଜ ସରକାରର ଗୁଲାମୀ କରୁଥିବା ସେଠ୍‌କୁ ମଜା ଚଖେଇବାକୁ ହେବ ।

'ଦୀନେଶ୍ୱର ଫୁସଫୁସ୍ ହୋଇ କହିଲା, 'ଆରେ ଭାଇ, ମୁଁ ଦେଖିଲି ବସ୍ତା ଗୁଡ଼ିକ ପୁରା ନୂଆ ନୂଆ ।' ତା'ର ଫୁସ୍‌ଫୁସ୍ ହୋଇ କହିବା ମୋ ଭିତରେ ଏକ କ୍ରିୟାତମ ଶକ୍ତି ଉତ୍ପନ୍ନ କରିଦେଲା ।

ମୋ ସାମ୍ନାରେ ଗୋଟେ ବ୍ଲେଡ୍ ରଖାଯାଇଥିଲା । ଯେଉଁଥିରେ ମୁଁ କିଛି ସମୟ ପୂର୍ବରୁ ପେନ୍‌ସିଲ କାଟି ମୁନ କରୁଥିଲି । ସେହି ବ୍ଲେଡ୍‌ଟା ହାତରେ ଧରି ମୁଁ ଉଠିଗଲି ଆଉ ସମସ୍ତଙ୍କୁ କହିଲି ଚାଲ ସେ ବସ୍ତା ପାଖକୁ । ସାଙ୍ଗେ ସାଙ୍ଗେ ସବୁ ସାଙ୍ଗ ବାହାରି ପଡ଼ିଲେ । ଗୋଟେ ବସ୍ତା ପାଖରେ ପହଞ୍ଚି ମୋର ଅସାଧାରଣ ଆତ୍ମବିଶ୍ୱାସ ସହିତ ତାକୁ କାଟିଦେଲି । ଆମେ ଚାରିଜଣ ଯାକ ବସ୍ତା ଭିତରେ ହାତ ପୁରେଇ ଦେଖିଲୁ । ଖାଲି ନୂଆ ନୂଆ ବସ୍ତା । ତା' ଭିତରେ ତା' ଭିତରେ ପଶିକରି ଥିଲା । ପ୍ରାୟତଃ ତିରିଶ ଚାଳିଶ ଖଣ୍ଡ ବସ୍ତା ଭିତରୁ ବସ୍ତା ବାହାରିଥିଲା । ମନୋହର ଦୀନେଶ୍ୱରକୁ କହିଲା ; ଭାଇ ଏସବୁ ନେଇ ତୁମ ଘର ଭିତରେ ରଖିଦେଇ ଆସ । ତା' ପରେ ଆମେ ଦୁଇ ଦୁଇଟା ବସ୍ତା ଧରି ଦୀନେଶ୍ୱର ଘର ଭିତରକୁ ଗଲୁ । ସେଠି ପହଞ୍ଚି ଆମେ ଜୋର ଜୋର ହସିବାକୁ ଲାଗିଲୁ । ଆମକୁ ଆମ ନିଜ ପାଖରୁ ଏମିତି ବ୍ୟବହାରର ଆଶା ନଥିଲା । କିଛି ସମୟ ପରେ ଅମେ ଧିରେ ଧିରେ ହସି ହସି ଲକ୍ଷ୍ୟ କଲୁ କଣ କରାଯିବ ଏବେ, ଚାଲ ତଳକୁ ଚାଲ ଯିବା ।'

ଯେତେବେଳେ ଆମେ ଆସି ଚୌକି ଉପରେ ବସିଲୁ ସେତେବେଳେ ବି ସହରର ସାରା ଲୋକ ଶୋଇଥିଲେ । ଆମେ ସବୁ ଗୋଟିଏ ଲୟରେ ପରିଚାଳିତ ହୋଇ ଏଭଳି କର୍ମ କରିଛୁ । ତଥାପି ଆଶ୍ଚର୍ଯ୍ୟର କଥା କି ଆମେ ଏ ସବୁର ପରିଣତି କଥା ଚିନ୍ତା ବି କରିନୁ । କିଛିଦିନ ପୂର୍ବରୁ ଆମ ମନ ଭିତରେ ଇଂରେଜ ଲୋକ ତ ତାଙ୍କ ସରକାରଙ୍କ ପ୍ରତି ଯେଉଁ ଘୃଣାଭାବ ଥିଲା, ତାର ବ୍ୟବହାରିକ ରୂପ ଶତ ପ୍ରତିଶତ ପ୍ରକଟ ହୋଇଗଲା । ବସ୍ତା ଚୋରେଇ ଆଣିବାକୁ କାହାଠାରୁ ସେଠ୍ ପ୍ରୋତ୍ସାହନ ପାଇଛି ? ଆମେ ଏସବୁ କରି ବ୍ରିଟିଶ ସରକାରଙ୍କୁ ଗୋଟେ ଅଶୋଷିତ ଆଘାତ ଦେଲୁ । ଆମେମାନେ ବି ନିଜକୁ ଦେଶଭକ୍ତ କ୍ରାନ୍ତିକାରୀ ବୋଲି ମନେ କରୁଥାଉ । ମୁଁ ମୋ ନିଜ ଭିତରେ ଖୁବ୍ ସନ୍ତୁଷ୍ଟ ଥିଲି । ମୋର ବ୍ୟକ୍ତିତ୍ୱ ସ୍ୱତନ୍ତ୍ର ଏବଂ ମୋ ଭିତରେ ପର୍ଯ୍ୟାପ୍ତ ସାହସ ଥିଲା । ଯାହା ଆଜି ପୁଷ୍ଟି ହୋଇଗଲା ।

'ଶଳା ଯଦି ଦେଖିବ ମୁଣ୍ଡରେ ହାତ ଦେବ ।' ମନୋହର ଧିରେ ଧିରେ ହସି ହସି କହିଲା ।

'ଆରେ ଏମାନଙ୍କୁ ତ ଗୁଳିରେ ଉଡ଼ାଇ ଦେବା କଥା ।' ଦୀନାନାଥ ରାଗିକରି କହିଲା ।

ମୁଁ ଗମ୍ଭୀର ସ୍ୱରରେ କହିଲି, 'ସମସ୍ତେ ସଂକଳ୍ପ କରିବା ଉଚିତ୍ । ଜୀବନ ଗଲେ ବି ଆମେ ଆଜିର ଏକଥା କେଉଁଠି ପ୍ରଘଟ କରିବାନି ।

ଦୀନାନାଥ ଦୃଢ଼ ସ୍ୱରରେ କହିଲା, 'ଭାଇ ଯେ ପର୍ଯ୍ୟନ୍ତ ଦେଶ ସ୍ୱାଧୀନ ହୋଇନି, ସେ ପର୍ଯ୍ୟନ୍ତ ମୁଁ ବାହା ହେବିନାହିଁ ।' କିଛି ଜିନିଷରେ ଦୀନାନାଥକୁ ଅଦ୍‌ଭୁତ ମୌଳିକତା ପ୍ରାପ୍ତ ଥିଲା । ତା' ଶବ୍ଦରେ ଏକ ନିଶ୍ଚିତ ଧ୍ୱନୀ ଥିଲା । ସେ ଧ୍ୱନୀ ମୋ ମସ୍ତିଷ୍କରେ ଏକ ଅଦ୍‌ଭୂତ ଗତି ଆରମ୍ଭ କରିଦେଲା ।

ମୁଁ ମୋର ଲମ୍ବା ଖାତାରୁ ଗୋଟିଏ ସାଧା ଫର୍ଦ୍ଦ ମୋଡ଼ି ମୋ ସାମ୍ନାରେ ରଖିଲି । ତା' ପରେ ମୋ ବାମ ହାତ ବୁଢ଼ା ଆଙ୍ଗୁଠି ଟିପକୁ ମୋ କଲମ ମୁନରେ ଫୁଟେଇ ରକ୍ତ ବାହାର କରିଦେଲି । ରକ୍ତ ବୁନ୍ଦାବୁନ୍ଦା ହୋଇ ବାହାରି ଆସିଲା । ମୁଁ ସେହି ରକ୍ତକୁ ଚୌକି ଉପରେ ପଡ଼ିବାକୁ ଦେଲି । ରକ୍ତ ଥପ୍ ଥପ୍ ହୋଇ ପଡୁଥାଏ । ସେହି ରକ୍ତରେ ମୋ କଲମ ମୁନକୁ ବୁଡ଼ାଇ ମୁଁ ମୋର ପ୍ରତିଜ୍ଞା ଲେଖିଲି-

'ଯେ ପର୍ଯ୍ୟନ୍ତ ଭାରତ ସ୍ୱତନ୍ତ୍ର ହୋଇନି, ମୁଁ ସେ ପର୍ଯ୍ୟନ୍ତ ବିବାହ କରିବି ନାହିଁ ।'

କୃଷ୍ଣ କୁମାର

ଏକଥା ବିଜୁଳିବେଗରେ ବ୍ୟାପି ଗଲା । ସବୁ ସାଙ୍ଗମାନେ ମିଶିମିଶି ଅନେକବାର ସଭା କରିଥିଲେ ।

ସେଦିନ କଲମର ମୁନ ମୋ ବୁଢ଼ା ଆଙ୍ଗୁଠିରେ ଦାବି ରକ୍ତ ବାହାର କଲାବେଳେ ମୋ ଦେହରେ ଏକ ଅଗ୍ନିସ୍ଫୁଲିଙ୍ଗ ପରି ଶିହରଣ ଖେଳିଯାଇଥିଲା । ନେତୃତ୍ୱ ନେବାର ଉଦ୍ଦୀପନା ପାଇଁ ମୁଁ ଏମିତି ରକ୍ତ ବାହାର କରିଥିଲି । କିନ୍ତୁ ମୋର କୌଣସି ସାଙ୍ଗଙ୍କର ଏଭଳି ସାହସ ନଥିଲା । (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲାଗସ୍ତ



ବାରିପଦା, ୨୫/୦୬ (ନି.ପ୍ର): ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀମତୀ ବାସନ୍ତି ହେମ୍ବ୍ରମ୍ ମୟୂରଭଞ୍ଜ ଜିଲ୍ଲାଗସ୍ତରେ ଆସି ତା. ୨୪.୦୬.୨୦୨୨ ରିଖ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଯୋଗ ଦେଇ ବିଭାଗୀୟ ଯୋଜନା କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି । ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ମୟୂରଭଞ୍ଜ ଜିଲ୍ଲାଗସ୍ତ କାର୍ଯ୍ୟକ୍ରମରେ ବିଶେଷ କରି ମହିଳା ଓ ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ଶିଶୁ ପ୍ରକଳ୍ପ ଯୋଜନା ଓ ମିଶନ ଶକ୍ତି ବିଭାଗ ଯୋଜନାରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଯୋଜନା କାର୍ଯ୍ୟକ୍ରମ ଉପରେ ବିଶେଷ କରି ସମ୍ପନ୍ନିତ ଶିଶୁ ବିକାଶ, ମମତା, ମିଶନ ଶକ୍ତି ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସଂମ୍ପର୍କରେ ସମୀକ୍ଷାମୂଳକ ଆଲୋଚନା କରିଥିଲେ । ସମୀକ୍ଷାରେ ମହିଳା ଓ ଶିଶୁମାନଙ୍କ କଲ୍ୟାଣ ପାଇଁ ସରକାର ବିଭିନ୍ନ ଯୋଜନା କ୍ରମ ଦ୍ୱରାନ୍ନିତ କରାଯାଉଥିବା ଉଲ୍ଲେଖ କରି କହିଲେ, ଯେ ବିଶେଷ କରି ମିଶନ ଶକ୍ତି ଯୋଜନା କାର୍ଯ୍ୟକ୍ରମରେ ମହିଳାମାନଙ୍କ ସାମାଜିକ ଅର୍ଥନୈତିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏ ଦିଗରେ ରାଜ୍ୟର ୭୦ ଲକ୍ଷ ମହିଳା ଏସ୍ଏଚ୍‌ଜି ସଦସ୍ୟ ମାନଙ୍କ ପାଇଁ ବିଭିନ୍ନ ଆୟଭିତିକ କାର୍ଯ୍ୟକ୍ରମରେ ସହାୟତା ଯୋଗାଇ ଦିଆଯାଉଥିବାବେଳେ ଉଲ୍ଲେଖ କରି ମୟୁରଭଞ୍ଜ ଜିଲ୍ଲାରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଗୁଡ଼ିକ ବିଭାଗୀୟ କ୍ଷେତ୍ର ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକ୍ରମ ଆଗେଇ ନେବାକୁ ଗୁରୁତ୍ୱାରୋପ କରିଥିଲେ । ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟି ସାଧନ ଏବଂ ପ୍ରାକ୍ ଶିକ୍ଷାର ବିକାଶ ଦିଗରେ ଦୃଷ୍ଟି ଦେଇ ସମ୍ପନ୍ନିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକ୍ରମ ଦ୍ୱରାନିତ କରିବାକୁ ପରାମର୍ଶ ଦେଇଥିଲେ। ସମୀକ୍ଷାରେ ବୈଠକରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ୍ ପ୍ରଶାସନିକ କାର୍ଯ୍ୟକ୍ରମରେ ଜିଲ୍ଲାରେ ଓମାଡିସ ଯୋଜନା ସହାୟତାରେ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ, ପାନୀୟ ଜଳ ଓ ବିଦ୍ୟୁତ୍ୟ ଶକ୍ତି ଯୋଗାଣ ଆଦି ଆନୁସଂଗିକ ଭିତିଭୂମି ବିକାଶ କାର୍ଯ୍ୟକ୍ରମ ତରାନ୍ନିତ କରାଯାଉଥିବା ସୂଚାଇଥିଲେ। ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଯୋଜନା କାର୍ଯ୍ୟକ୍ରମରେ ବିଶେଷ ଧ୍ୟାନଦେଇ ଜିଲ୍ଲାରେ କାର୍ଯ୍ୟକ୍ରମ ଦ୍ୱରାନ୍ନିତ କରାଯାଉଥିବା ପ୍ରକାଶ କରିବା ସହିତ ଆମ୍ବାଡିସି ପାଂଚି ସହାୟତାରେ ଗୃହ ନଥିବା ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ସକାଶେ ପ୍ରତି ଅଙ୍ଗନୱାଡି କେନ୍ଦ୍ର ପାଇଁ ୧୫ଲକ୍ଷ ଖର୍ଚ୍ଚ ଅଟକଳରେ କାର୍ଯ୍ୟକ୍ରମ କରାଯାଉଥିବା ସୂଚାଇବା ସହ ଏଥିରେ ଅଙ୍ଗନୱାଡି କେନ୍ଦ୍ରର ପାଚେରି ତଥା ଆନୁସଙ୍ଗିକ ଭିତି ଭୂମି ବିକାଶ ଆଦି ସୁବିଧା ଉପଯୋଗ କରାଯାଉଥିବା ଜିଲ୍ଲାପାଳ ପ୍ରକାଶ କରିଥିଲେ। ସମୀକ୍ଷା ବୈଠକରେ ମୋରଡା ବିଧାୟକ ରାଜକିଶୋର ଦାଶ ଯୋଗ ଦେଇ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଯୋଜନାରେ ଯେଉଁସବୁ କାର୍ଯ୍ୟ କରାଯାଉଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକ ସୁପରିଚାଳନା ଦିଗରେ ଦୃଷ୍ଟି ଦେବା ଏବଂ ଏସ୍ଏଚ୍‌ଜି ମାନେ ବିଭିନ୍ନ ଆୟଭିତିକ କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ନେଇ କ୍ଷେତ୍ର ସ୍ତରରେ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟକ୍ରମରେ ଜ୍ଞାନ ଦକ୍ଷତା କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଜ୍ଞାନ ଦକ୍ଷତା ବୃଦ୍ଧି କରିବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ସମୀକ୍ଷା ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ତତ୍ୱାବଧାନରେ ପରିଚାଳିତ ଓଏଲ୍ଏମ୍ ଯୋଜାନାରେ ଏସ୍ଏଚ୍‌ଜି ମାନଙ୍କର ଆୟଭିତିକ କାର୍ଯ୍ୟକ୍ରମ ଗୁଡିକ ଦ୍ୱରାନ୍ୱିତ କରାଯାଉଥିବା ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ପ୍ରକାଶ କରିଥିଲେ । ବୈଠକରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମମାଳା ମିଶ୍ର ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଯୋଜନା କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲାପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସମ୍ପନ୍ନିତ ଶିଶୁ ବିକାଶ , ମମତା, ମିଶନ ଶକ୍ତି ଆଦି କାର୍ଯ୍ୟକ୍ରମ ସଂପର୍କରେ ସୂଚାଇଥିଲେ । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମର ସମୀକ୍ଷା ବୈଠକରେ ଡିପିସି, ମିଶନ ଶକ୍ତି, ସମସ୍ତ ସିଡିପିଓ ଓ ସଂପୃକ୍ତ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଏକନାଥ ସିନ୍ଦେଙ୍କୁ ଉପ-ବାଚସ୍ପତିଙ୍କ....

ଆପଣା ଲୋକେ ଶିବସେନା ପ୍ରତି ବିଶ୍ୱାସଘାତକତା କରିଛନ୍ତି । ଗୌହାଟୀରେ ଡେରା ପକାଇଥିବା ଏକନାଥଙ୍କ ସହ ଅଧିକାଂଶ ବିଧାୟକ ଯୋଗଦେଇଥିବାରୁ ମୋ ସରକାର ସଙ୍କଟରେ ପଡିଛି । ଆପଣମାନଙ୍କ ମଧ୍ୟରୁ ଅନେକ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଶାୟୀ ଥିବାବେଳେ ଆମେ ଉକ୍ତ ବିଦ୍ରୋହୀଙ୍କୁ ଟିକେଟ ଦେଇଥିଲୁ । ଆପଣମାନଙ୍କ କଠିନ ପରିଶ୍ରମ ବଳରେ ବିଜୟୀ ହେବା ପରେ ସେମାନେ ଅସନ୍ତୁଷ୍ଟ ହୋଇ ଏବେ ନିଜ ପତିଆରା ଦେଖାଉଛନ୍ତି । ଏଭଳି ସଙ୍କଟ ସମୟରେ ମଧ୍ୟ ଆପଣମାନେ ଦଳକୁ ସମର୍ଥନ କରୁଛନ୍ତି । ସେଥିପାଇଁ ଯେତେ ପରିମାଣରେ କୃତଜ୍ଞତା ଜ୍ଞାପନ କରିବା କଥା ମୁଁ କରିପାରୁନାହିଁ’ ବୋଲି ଉଦ୍ଧବ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ଜଣେ ଶିବସେନା କର୍ମୀ ମୁଖ୍ୟମନ୍ତ୍ରୀ ହେବେ ତେବେ ବିଜେପି ସହ ମେଣ୍ଟ କର । କିନ୍ତୁ ଜଣେ ଯଦି ଉପମୁଖ୍ୟମନ୍ତ୍ରୀ ହୁଅନ୍ତି ତେବେ ମୋତେ କହିବାର ଥିଲା । ମୁଁ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଇଦେଇଥାନ୍ତି । ବିଜେପି ସହିତ ମେଣ୍ଟ କରିବା ଛଡା ବିଦ୍ରୋହୀ ବିଧାୟକଙ୍କର ଅନ୍ୟ ଉପାୟ ଆଉ ନାହିଁ । ଯଦି ସେମାନେ ସରକାର ଗଢିବାରେ ସଫଳ ହୁଅନ୍ତି ସେ ସରକାର ବେଶି ଦିନ ତିଷ୍ଠିବ ନାହିଁ । କାରଣ ବିଦ୍ରୋହୀ ଗୋଷ୍ଠୀରେ ମଧ୍ୟ ଅନେକ ବିଧାୟକ ବାସ୍ତବରେ ଖୁସି ନାହାଁନ୍ତି’ ବୋଲି ଉଦ୍ଧବ ଠାକରେ କହିଛନ୍ତି ।

## କାରଣ ଖୋଜିବ କମିଶନରେଟ....

ତଦନ୍ତ ପରିସରକୁ ଅଣାଯାଇଛି। ଶେଷ ମେସେଜ ତାଙ୍କ ପତ୍ନୀଙ୍କୁ କରିଥିଲେ, ତାହାକୁ ନେଇ ତର୍ଜମା ଜାରି। ଏହାସହ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା କମିଶନରେଟ୍ ପୋଲିସ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତକାଲି ଓଲିଉଡ୍ ପ୍ରଖ୍ୟାତ ଖଳନାୟକ ରାଇମୋହନ ପରିଡ଼ାଙ୍କ ମୃତଦେହ ତାଙ୍କ ଘରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ତାଙ୍କ ମୃତ୍ୟୁ ପରେ ଓଲିଉଡ୍ ଜଗତ ସ୍ତବ୍ଧ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ରାଇମୋହନଙ୍କ ପାର୍ଥିବ ଶରୀରରେ ତାଙ୍କର ସାନ ଝିଅ ଉଦିତା ପରିଡା ମୁଖାଗ୍ନି ଦେଇଥିଲେ।

## ହେଲମେଟ୍ ନପିନ୍ଧି ଫାଇନ୍ ଗଣିଲେ....

୨୪ ତାରିଖରେ ମୟୂରଭଞ୍ଜ ଜିଲ୍ଲାରେ ମିଟିଙ୍ଗ ସରିଛି। ଆଜି ଅପରାହ୍ନ ୩ଟାରେ ବାଲେଶ୍ୱର ଜିଲ୍ଲାରେ ମିଟିଙ୍ଗ ଥିବା ବେଳେ ଆସନ୍ତାକାଲି ଭଦ୍ରକ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କରୋନା ଯୋଗୁଁ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଯାଇଥିବା ବେଳେ ତାହାକୁ ପୁଣି ଥରେ ଟ୍ରାକ୍‌କୁ ଫେରାଇ ଆଣିବାକୁ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଭାବେ ଆଲୋଚନା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ପୁଲିସ ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ....

ମାରଣାସ୍ତ୍ର ମିଳିବା ଏବେ ପୋଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି । କଟକର ବହୁଚର୍ଚ୍ଚିତ ଗ୍ୟାଙ୍ଗଷ୍ଟାର ଧଳସାମନ୍ତ ଭାଇଙ୍କୁ ଗିରଫ କରାଯିବା ବେଳେ ତାଙ୍କଠାରୁ ମଧ୍ୟ ଅତ୍ୟାଧୁନିକ କାର୍ବାଇନ ବନ୍ଧୁକ ମିଳିଥିଲା । ଆଉ ଏବେ ଏହି ଅପରାଧୀଙ୍କ ଠାରୁ ଏକେ-୪୭ ବନ୍ଧୁକ ମିଳିବା ଘଟଣା ପୋଲିସର ଛାତି ଥରେଇ ଦେଇଛି ।

# ଗୋଟିଏ ଦିନରେ ୬୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୯୧୯୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୬୦୨ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୧୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୩୭ ଜଣ ସଂଗରୋଧରୁ ଓ ୨୫ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୨, କଟକ ଜିଲ୍ଲାରୁ ୮. ଜଗତସିଂହପୁର ଜିଲ୍ଲାରୁ ୧, ଝାରସୁଗୁଡା ଜିଲ୍ଲାରେ ୧. ଖୋର୍ଧା ଜିଲ୍ଲାରୁ ୩୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୧, ରାୟଗଡା ଜିଲ୍ଲାରୁ ୨, ସୁନ୍ଦରଗଡ ଜିଲ୍ଲାରୁ ୨ ଓ ଷ୍ଟେଟ ପୁଲରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଭିଜିଲାନ୍ସ ଜାଲରେ ଯୋଗାଣ ବିଭାଗ ଚତୁର୍ଥଶ୍ରେଣୀ କର୍ମଚାରୀ : ଏକକାଳୀନ ୫ଟି ଜାଗାରେ ଚଢାଉ

ଜଳେଶ୍ୱର, ୨୫/୦୬ (ନି.ପ୍ର): ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲାର ଜଳେଶ୍ୱର ସ୍ଥିତ ଯୋଗାଣ ବିଭାଗର ଚତୁର୍ଥଶ୍ରେଣୀ କର୍ମଚାରୀ ତଥା ଏଣ୍ଟି ସ୍ମଗ୍ଲିଂ ଗାର୍ଡ ଜନାର୍ଦ୍ଦନ ପଲେଇଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି । ଭିଜିଲାନ୍ସର ୫ଜଣ ଡିଏସ୍‌ପିଙ୍କ ସହିତ ୩୫ ଜଣିଆ ଟିମ୍ ଏକକାଳୀନ ୫ଟି ସ୍ଥାନରେ ଚଢାଉ କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଆଜି ଶୁକ୍ରବାର ଭୋର ସମୟରେ ଭିଜିଲାନ୍ସର ପକ୍ଷରୁ ଜନାର୍ଦ୍ଦନ ପଲେଇଙ୍କ ନୂଆବଜାରସ୍ଥିତ ବାସଭବନରେ ଚଢାଉ କରାଯାଇଥିଲା । ଭିଜିଲାନ୍ସ ଡିଏସ୍‌ପି ସିକନ୍ଦର ହେମ୍ବ୍ରମଙ୍କ ତତ୍ୱାବଧାନରେ ଦିନ ତମାମ ଚଢାଉରେ ତାଙ୍କ ବାସଭବନରୁ ୪୨ଲକ୍ଷ, ୭୦ହଜାର ୩୮୦ ଟଙ୍କାର ୪୦ରୁ ଅଧିକ ଏଲ.ଆଇ.ସି ବଣ୍ଡ, ୬ଲକ୍ଷ ଟଙ୍କାର ପୋଷ୍ଟାଲ ଫିକ୍ସ ଡିପୋଜିଟ୍, ବିଭିନ୍ନ ବ୍ୟାଙ୍କରେ ୧୭ରୁ ଅଧିକ ଜମାଖାତା, ୬ଟି ଜମି ଦଲିଲ, ୧୨ଟି ପଟ୍ଟା, ଏକ ବ୍ୟାଙ୍କ ଲକରରେ ୧୨୦ ଗ୍ରାମ ଓଜନର ସୁନା ସହିତ ବହୁ ନଗଦ ଟଙ୍କା ଓ ଅଳଙ୍କାର ଜବତ୍ କରାଯାଇଛି । ଶ୍ରୀ ପଲାଇ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ହୋଇଥିବାରୁ ତାଙ୍କର ୧୮ଶହ ବର୍ଗଫୁଟର ଦୁଇମହଲା ଆଲିସାନ ବଂଗଳା ଦେଖି ଭିଜିଲାନ୍ସ ବିଭାଗ ଆଶ୍ଚର୍ଯ୍ୟ ହୋଇଥିଲେ । ତାଙ୍କ ବାସଭବନକୁ ଲାଗି ଶ୍ୱଶୁର ଘର, ବ୍ରହ୍ମପୁରର ଛତ୍ରପୁରସ୍ଥିତ ପୈତୃକ ବାସଭବନ, ୬୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ତାଙ୍କ ହୋଟେଲ, ସରକାରୀ ଗୋଦାମଘର/କାର୍ଯ୍ୟାଳୟରେ ଏକକାଳୀନ ଚଢାଉ କରାଯାଇଥିଲା । ଭିଜିଲାନ୍ସ ବିଭାଗର ଆଡିସନାଲ ଏସ୍‌ପି ମହେଶ୍ୱର ସେଠୀଙ୍କ ନେତୃତ୍ୱରେ ଏପରି ଚଢାଉ କରାଯାଇଥିବା ଜଣାଯାଇଛି । ସୂଚନାଯୋଗ୍ୟ ଶ୍ରୀ ପଲାଇ ପୂର୍ବରୁ ଆମ୍ବଳିଅଠା, ଲକ୍ଷ୍ମଣନାଥ ୟୁନିଫାଏଡ ତନଖି ଫାଟକରେ ଆଣ୍ଟି ସ୍ମଗ୍ଲିଂ ଗାଡ ଭାବେ କାର୍ଯ୍ୟ କରୁଥିଲେ । ଏବେ ସେ ବାଲେଶ୍ୱର ରାଇସ୍ ରିସିଭିଂ ସେଣ୍ଟର ଓ ଜଳେଶ୍ୱର ଜିଲ୍ଲା ଷ୍ଟୋରେଜ ସେଣ୍ଟରରେ କାର୍ଯ୍ୟରତ ରହିଛନ୍ତି । ତେବେ ଗତ ସପ୍ତାହରେ ଜଳେଶ୍ୱର ବିଡିଓଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ଚଢାଉ କରାଯାଇ ଗିରଫ କରାଯିବା ପରେ ଆଜିର ଏପରି ଚଢାଉ ଜଳେଶ୍ୱର ଅଂଚଳର ଅମାପ ସମ୍ପତ୍ତି ରଖିଥିବା ବହୁ କଳା ବ୍ୟବସାୟୀ ଓ ସରକାରୀ ବାବୁଙ୍କ ମନରେ ଛନକା ପଶିଛି । ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ସାଧାରଣରେ ଦାବି ହେଉଛି ।

# ଜାଗା ମିଶନରେ ପୁନଃବସତି ସ୍ଥାପନକୁ ଗ୍ରାମବାସୀଙ୍କ ବିରୋଧ

ଜଳେଶ୍ୱର, ୨୫/୬(ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପୌରପାଳିକା ୧୫ନଂ ୱାର୍ଡ ନହଞ୍ଚରା ଠାରେ ଥିବା ସରକାରୀ ଜାଗାରେ ସରକାରଙ୍କ ପକ୍ଷରୁ ବାହାର ଅଂଚଳର ଭୂମୀହିନ ଓ ଗୃହହୀନ ଲୋକଙ୍କୁ ଥଇଥାନ କରାଯିବା କାର୍ଯ୍ୟକ୍ରମକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି । ଗ୍ରାମର ଏ୧୧.୮୦ଡି ଜାଗା ଯାହାର ଖାତା ନଂ ୩୪୩ ଓ ଖସଡା ନଂ ୩୭୫ ପୂର୍ବରୁ ଗୋଚର ଥିବା ବେଳେ ୨୦୦୯ ମସିହାରେ ଗ୍ରାମବାସୀଙ୍କ ଅଗୋଚରରେ ଏହାର କିଶମ ପରିବର୍ତ୍ତନ କରାଯାଇଛି । ୪୦୦ ପରିବାର ବିଶିଷ୍ଟ ଏହି ଗ୍ରାମର ବାସିନ୍ଦାମାନେ ଉକ୍ତ ଜାଗାରେ ଗାଈ-ଗୋରୁ ଚରାଇବା, ଶ୍ମଶାନ ଭାବେ ବ୍ୟବହାର କରିବା, ସ୍କୁଲର ଖେଳପଡିଆ ଓ ବାର୍ଷିକ ଉତ୍ସବ ପଳାନ କରିବା, ଚଡକ ଯାତ୍ର, ମେଳନ ପଡିଆ ଏବଂ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପଡିଆର କିଛି ଅଂଶକୁ ଚାଷ କାର୍ଯ୍ୟବେଳେ ବ୍ୟବହାର କରି ଆସୁଥିଲେ । ଥଇଥାନ ଯୋଜନାରେ ଉକ୍ତ ଜାଗାକୁ ମାପଚୁପ କରିବାକୁ ଅଧିକାରୀ ମାନେ ଆସିଥିବାରୁ ଏ ସମ୍ପର୍କରେ ଗ୍ରାମବାସୀମାନେ ଜାଣି ବିରୋଧ କରିଥିଲେ । ଅଧିକାରୀମାନେ ସେଠାରେ କେବଳ ମାପଚୁକ କରିବାକୁ ଆସିଥିବା ପ୍ରତିଶୃତି ଦେବାପରେ ସେଠାରେ ମାପଚୁପ ଆରମ୍ଭ ହୋଇଥିଲା । ଗ୍ରାମବାସୀଙ୍କ ବିନା ସହମତିରେ ଚଞ୍ଚକତା କରି ପୌରପରିଷଦ ବୈଠକରେ ଆଲୋଚନା କରାନଯାଇ ସେଠାରେ ପୁନଃ ବସତି ଲାଗି ଯୋଜନା କରାଯାଉଥିବାର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସାଂସଦ, ବିଧାୟକ, ଜିଲାପାଳ, ଆର୍‌ଡିସି, ତହସିଲଦାର, ପୌରପରିଷଦ ଅଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଆଇଆଇସିଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏଥିଲାଗି ଗ୍ରାମବାସୀମାନେ ଏହାକୁ ବିରୋଧ କରି ଆଜି ଏକ ସାମ୍ବାଦିକ ସମ୍ମିଳନୀ ଆହୁତ କରିଥିଲେ । ସରକାର ଯଦି ଏହା ନିଷ୍ପତ୍ତି ନ ବଦଳାଇବେ ତେବେ ଆସନ୍ତା ଦିନରେ ଗ୍ରାମର ଆବାଳ-ବୃଦ୍ଧ-ବନୀତା ପୌରପାଳିକା ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଆଜି ଦ୍ୱିତୀୟ ପର୍ଯ୍ୟାୟ ସମବାୟ ନିର୍ବାଚନ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଆସନ୍ତାକାଲି ସମବାୟ ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ଏଥିରେ ୩ ଲକ୍ଷ ୮୫ ହଜାର ୪୮ ଭୋଟର ମତଦାନ କରିବେ। ସକାଳ ୭ ଟା ଠାରୁ ଅପରାହ୍ନ ୪ ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ଭୋଟ ଗ୍ରହଣ ସରିବା ପରେ ଭୋଟ ଗଣତି ହେବ। ଦ୍ୱିତୀୟ ପର୍ଯ୍ୟାୟରେ ୬୪୩ଟି ସମବାୟ ସମିତିରେ ମତଦାନ ହେବ। ୩୦୧୨ ସମବାୟ ସମିତିରୁ ୨୩୬୯ରେ ନିର୍ବାଚନ ହେବ ନାହିଁ। ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ୨୩୬୯ରେ ଭୋଟିଂ ହେବ ନାହିଁ।

# ପାକିସ୍ଥାନରୁ ୧୫୦ ଆତଙ୍କବାଦୀ ଜାମ୍ମୁକାଶ୍ମୀର ଭିତରକୁ ପଶି ଆସିବା ପାଇଁ ପ୍ରୟାସରତ

ଶ୍ରୀନଗର, ୨୫/୦୬ (ନି.ପ୍ର): ନିୟନ୍ତ୍ରଣରେଖା ପାର କରି ପାକିସ୍ଥାନି ଲଂଚପ୍ୟାଡ ଉପରେ ପାଖାପାଖି ୧୫୦ ଆତଙ୍କବାଦୀ ଜମା ହୋଇଛନ୍ତି । ଯେଉଁ ମାନେ ଜାମ୍ମୁ କାଶ୍ମିରି ଭିତରକୁ ପସିଆସିବା ଉଦେଶ୍ୟରେ ଜମା ହୋଇଛନ୍ତି । ଏହିଭଳି ଭାବରେ ୫୦୦ ରୁ ୭୦୦ ଆତଙ୍କବାଦୀ ସେଠାରେ ୧୧ଟି ଶିବିରରେ ପ୍ରତିକ୍ଷାରତ ଅଛନ୍ତି । ସେନାବାହିନିର ଜଣେ ବରଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ସୁରକ୍ଷା କର୍ମୀମାନେ ଘାଟିରେ ନିୟନ୍ତ୍ରଣ ରେଖା ଉପରେ ଆତଙ୍କବାଦୀ ମାନଙ୍କ ସିମାପାର ପାଇଁ ଚେଷ୍ଟାକରିବାର କାର୍ଯ୍ୟକୁ ସଫଳ କରିବାକୁ ସୁଯୋଗ ଦେଇ ନଥିଲେ। ବର୍ତମାନ ୧୧ ପ୍ରଶିକ୍ଷଣ ଶିବିରରେ ୫୦୦ରୁ ୭୦୦ ଆତଙ୍କି ପ୍ରଶିକ୍ଷଣ ନେଉଛନ୍ତି । ସେ କହିଛନ୍ତି ଗୁଇନ୍ଦା ଇନପୁଟ ଅନୁଯାୟୀ ପାକିସ୍ଥାନ ଅକ୍ତିଆରରେ ଥିବା କାଶ୍ମିର ଲଂଚପେଡ ଉପରେ ପାଖାପାଖି ୧୫୦ ଆତଙ୍କବାଦୀ ଜାମ୍ମୁ କାଶ୍ମିରରେ ପଶିଆସିବାକୁ ଯୋଜନାରେ ଅଛନ୍ତି । ଜଣେ ଅଧିକାରୀ କହିଛନ୍ତି ଏହି ବର୍ଷ ବର୍ତମାନ ଘାଟି ନିୟନ୍ତ୍ରଣ ରେଖାରେ କୌଣସି ଆତଙ୍କବାଦୀ ପସିନାହାନ୍ତି ।

# ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ତୃତୀୟ ବାର୍ଷିକ ରିପୋର୍ଟ କାର୍ଡ ଜାରି କଲେ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ତୃତୀୟ ବାର୍ଷିକ ରିପୋର୍ଟ କାର୍ଡ ଜାରୀ କରିଛନ୍ତି । ତାଙ୍କ ସଂସଦୀୟ ପାଣ୍ଠି ଜରିଆରେ କରାଯାଇଥିବା ପ୍ରକଳ୍ପ ସହ କେନ୍ଦ୍ରୀୟ ଯୋଜନାରେ କରାଯାଇଥିବା ବିକାଶ କାର୍ଯ୍ୟ ସମ୍ପର୍କରେ ସେ ସୂଚନା ଦେଇଛନ୍ତି । ଏହି ରିପୋର୍ଟ କାର୍ଡକୁ ଜାରୀ କରିବା ସହ ସେ କହିଛନ୍ତି ଯେ ସେ ସବୁ କାମରେ ନିଜର ଶତ ପ୍ରତିଶତ ଦେଇଛନ୍ତି । ସେ ସୂଚନା ଦେଇ କହିଛନ୍ତି ଯେ ଏନଏଚ ଏଆଇ ଜରିଆରେ ୬୪୭୩ କୋଟି ୬୨ ଲକ୍ଷ ଟଙ୍କାର ୪୩ଟି ପ୍ରକଳ୍ପ କାମ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଆରମ୍ଭ ହୋଇଛି। ଏଥିମଧ୍ୟରେ ୧୦ଟି ଫ୍ଲାଏ ଓଭର୍, ୨୮ଟି ଅଣ୍ଡରପାସ୍, ୪ଟି ଫୁଟଓଭର୍ ବ୍ରିଜ୍, ଖୋର୍ଦ୍ଧା ବାଇପାସ ଓ ରିଙ୍ଗ ରୋଡ ପ୍ରକଳ୍ପ କାମ ଚାଲିଛି। ସେ କହିଛନ୍ତି ଯେ ବିଏମସି ଓ ଏନଏଚ ଏଆଇ ସହଯୋଗରେ ୧୦ କୋଟି ୨୦ ଲକ୍ଷ ଟଙ୍କାର ଅନେକ ବଡ଼ ଡ୍ରେନ କାମ ସରିଛି। ସାଂସଦ ପାଣ୍ଠିରୁ ହଜାରଟି ସୋଲାର ଲାଇଟ ଲଗାଯାଇଛି।୧୧୪୩ ପ୍ରକଳ୍ପ ଲାଗି ସାଂସଦ ପାଣ୍ଠି ମଞ୍ଜୁର କରାଯାଇଛି। ଏଥିମଧ୍ୟରୁ୧୦୩୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଜଳ ଜୀବନ ମିସନ ଅଧୀନରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ୧୩୮୦.୨୫ କୋଟି ଟଙ୍କା ବ୍ୟୟରେ ୯ଟି ମେଗା ଜଳ ଯୋଗାଣ ପ୍ରକଳ୍ପ ଚାଲିଛି। ସେ କହିଛନ୍ତି ଯେ ସଂସଦୀୟ ପାଣ୍ଠିର ଉପଯୋଗ କରି ୧୧୪୩ଟି ପ୍ରକଳ୍ପ ମଧ୍ୟରୁ ୧୦୩୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ୧୦୭ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩ ହଜାର ୯୦୯ ପକ୍କା ଘର ମଂଜୁର ହୋଇଛି । ସେଥିମଧ୍ୟରୁ ୩୫୭୪ଟି ପକ୍କା ଘର ସମ୍ପୂର୍ଣ୍ଣ ହୋଇଛି ।

# ୩୦ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଗତକାଲି ଝାଡ଼ଖଣ୍ଡ ଅଂଚଳରେ ଥିବା ଘୁର୍ଣ୍ଣିବଳୟ ଆଜି ଉତର ଆଭ୍ୟନ୍ତରୀଣ ଓଡିଶା ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ସମୁଦ୍ର ପତନ ଠାରୁ ବାୟୁମଣ୍ଡଳରେ ୪.୫ କିମି ଯାଏଁ ବ୍ୟାପିଛି । ଏହା ପ୍ରଭାବରେ ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର,ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୁରଭଞ୍ଜ, ନୂଆପଡ଼ା, ବଲାଙ୍ଗୀର, ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର , ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ, ଖୋର୍ଦ୍ଧା, ନୟାଗଡ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ସୋନପୁର ଓ ବଲାଙ୍ଗୀର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖ ଏସବୁ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୬ରୁ ୨୭ ତାରିଖ ମଧ୍ୟରେ ବରଗଡ଼, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର,କୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ବାରିପଦାରେ ପ୍ରଧାନ ଶିକ୍ଷକ ସମ୍ମିଳନୀ

## ମୟୂରଭଂଜ ଜିଲ୍ଲାକୁ ଏଜୁକେଶନ ହବରେ ପରିଣତ କରିବା ପାଇଁ ଗଣ ଶିକ୍ଷାମନ୍ତ୍ରୀଙ୍କ ଆହ୍ୱାନ




ବାରିପଦା, ୨୫/୦୬ (ନି.ପ୍ର): ରିଖ । ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭିନୀତ ଭରଦ୍ୱାଜଙ୍କ ପୌରହିତ୍ୟରେ ଜିଲ୍ଲାସ୍ତରୀୟ ମାଧ୍ୟମିକ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ଓଡିଶା ସରକାରଙ୍କର ବିଦ୍ୟାଳୟ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସାଂସଦ ମମତା ମହାନ୍ତ ମଂଚାସୀନ ଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ଉଦଳା ବିଧାୟକ ଭାସ୍କର ମଢେଇ, ବଡସାହି ବିଧାୟକ ସନାତନ ବିଜୁଳି, ଉଚ୍ଚ ଶିକ୍ଷା ଉପନିର୍ଦ୍ଦେଶକ ଭାଗୀରଥୀ କାଣ୍ଡି ଓ ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା କ୍ଷେତ୍ରରେ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କର ଭୂମିକାକୁ ଉଚ୍ଚ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ମୟୂରଭଂଜ ଜିଲ୍ଲାକୁ ରାଜ୍ୟରେ ଏକ ଏଜୁକେଶନ ହବରେ ପରିଣତ କରିବା ପାଇଁ ଗଣ ଶିକ୍ଷାମନ୍ତ୍ରୀ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟଗୁଡିକରେ ଶିକ୍ଷକଙ୍କର ଅଭାବ ପୂରଣ ନିମନ୍ତେ ଖୁବ ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ପ୍ରତିଶୃତି ଦେବା ସହିତ ରାଜ୍ୟରେ ବର୍ତମାନ ଫାଇଭ-ଟି ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲର ବ୍ୟବସ୍ଥା କରାଯିବା କଥା ଉପସ୍ଥାପନ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇଥବା ପ୍ରାଥମିକ ସ୍ତରରେ ସିଂଗେଲ ଟିଚର ପୂରଣ, ବିଭିନ୍ନ ବ୍ଲକରେ ବିଇଓ ଓ କର୍ମଚାରୀଙ୍କର ଅଭାବ ଖୁବ ଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏତଦଦ ଭିନ୍ନ ଅନୁକମ୍ପା ମୂଳକ ନିଯୁକ୍ତି ଏବଂ ଠିକ ସମୟରେ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ପେନସନ ପ୍ରଦାନ ପାଇଁ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । କୋରନା ସମୟରେ ଛାତ୍ର ଛାତ୍ରୀଙ୍କର ପାଠ ପଢାରେ କ୍ଷତି ଘଟିଥିବାରୁ ତାର ଭରଣା ନିମନ୍ତେ ସରକାରଙ୍କର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଲାର୍ନିଂ ରିକଭରି ପ୍ରୋଗ୍ରାମ ଓ ଏଥି ନିମନ୍ତେ ବିଭିନ୍ନ ସମ୍ବଳ ଶିକ୍ଷକଙ୍କ ଜରିଆରେ ତାଲିମ କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ । ପରିଶେଷରେ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ କିପରି ଛାତ୍ର ଓ ଛାତ୍ରୀମାନଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରି ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତନ ଆଣିପାରିବେ ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଉକ୍ତ ସମ୍ମିଲ୍ଲନୀରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ପ୍ରଶାନ୍ତ ମହାନ୍ତି, ଦୀପ୍ତି ନାୟକ ପରିଚାଳନା କରିଥିଲା ବେଳେ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସଂଯୋଜକ ସପନ କୁମାର ପୃଷ୍ଟି, ନିରଂଜନ ନାୟକ, ଶୈଳବାଳା ବେହେରା ପ୍ରମୁଖ ଯୋଗଦାନ କରିଥିଲେ । ଶିକ୍ଷକ ହରେନ୍ଦ୍ର ମହାନ୍ତି ମଂଚ ପରିଚାଳନା କରିଥିଲା ବେଳେ ଶିକ୍ଷକ ସ୍ମୃତି ରଂଜନ ପାଣି, ସତ୍ୟ ନାରାୟଣ ନାୟକ ସହଯୋଗ କରିଥିଲେ।

# ମନ୍ଦିରର ଦଧିନଉତି ଓ କଳସ ସ୍ଥାପନ ଉତ୍ସବ

ବସ୍ତା, ୨୫/୦୬ (ନି.ପ୍ର): ରୁପସା ଅଧିନସ୍ଥ କସିପଦା ପଞ୍ଚାୟତ ବରହମପୁର ଗ୍ରାମରେ ବୁଢ଼ୀ ମା ମଙ୍ଗଳା ଦେବୀ ମନ୍ଦିରର ଦଧିନିଉତି ଓ କଳସ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ଆଜକୁ ପ୍ରାୟ ୨୦୦ ବର୍ଷ ପୂର୍ବରୁ ଦେବୀ ବୁଢ଼ୀ ମାଆ ମଙ୍ଗଳା ଆବିର୍ଭାବ ହୋଇ ଏକ ଅସ୍ଥାୟୀ ଘରେ ପୂଜା ପାଇ ଆସୁଥିଲେ । ଦେବୀଙ୍କ ମହିମା କହିଲେ ଦେହରେ ଶିହରଣ ଖେଳି ଉଠେ। ଯେପରିକି ରାତିରେ ଝୁମୁରୁ ଝୁମୁରୁ ଶବ୍ଦ, ଝୁଣା ଦୀପ ର ବାସ୍ନା, ଦେବୀ ଙ୍କୁ ସ୍ମରଣ କରି ମାନସୀକ କରିଲେ ମାନସିକ ପୂରଣ ହୋଇଥାଏ । ଏପରିକି ମାଆଙ୍କ ମନ୍ଦିର ଆଗ ଦେଇ ନବ ବିବାହିତ ଦମ୍ପତି ଯାଉଥିବା ବେଳେ, ସେହି ଜାଗାରେ ଗାଡ଼ି ଅଟକି ଯାଏ, ବାଜା ବାଜେ ନାହିଁ । ମାଆଙ୍କୁ ଦର୍ଶନ କରି, ଆଶିଷ ନେଇ ସାରିବା ପରେ ସବୁ କିଛି ଠିକ୍ ହୋଇ ଯାଇଥାଏ ବୋଲି ମନ୍ଦିର ପୂଜକ ଲକ୍ଷ୍ମୀକାନ୍ତ ନନ୍ଦ କହିଛନ୍ତି। ଗ୍ରାମ ବାସିଙ୍କ ଉଦ୍ୟମ ଓ ଅଞ୍ଚଳ ବାସୀଙ୍କ ମିଳିତ ସହାୟତାରେ ଦେବୀଙ୍କ ପାଇଁ ଏକ ସ୍ଥାୟୀ ମନ୍ଦିର ଟିଏ ହୋଇ ପାରିଛି। ଆଜି ଦଧିନିଉତି ଉତ୍ସବ ସହିତ କଳସ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡ଼ି ଭୋରରୁ ପୂଜା ଅର୍ଚ୍ଚନା ଆରମ୍ଭ ହୋଇ ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ ଆହୁତି ନାମ ସଙ୍କୀର୍ତନ ହୋଇଯାଇଛି। ଯାହା ପାଇଁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହିତ, ଖୋଲ କୀର୍ତ୍ତନ ରେ ପୁରା ଗାଆଁ କମ୍ପି ଉଠୁଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ବେସ ଖୁସିଥିବା କହିଛନ୍ତି।

# ଆସାମ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ରିଲାଏନ୍ସ ଦେଲା ୨୫ କୋଟି ଟଙ୍କା

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଚଳିତ ବନ୍ୟାରେ ଆସାମ ଲୋକଙ୍କ ସହିତ ଛିଡ଼ା ହୋଇ ରିଲାଏନ୍ସ ଫାଉଣ୍ଡେସନ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଶୁକ୍ରବାର ୨୫ କୋଟି ଟଙ୍କା ପ୍ରଦାନ କରିଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏଥିପାଇଁ ସାମାଜିକ ଗଣମାଧ୍ୟମରେ କୃତଜ୍ଞତା ପ୍ରକାଶ କରିଛନ୍ତି । ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ଆସାମ ଲୋକଙ୍କ ସହିତ ଛିଡ଼ା ହୋଇଥିବାରୁ ସେ ମୁକେଶ ଅମ୍ବାନି ଓ ଅନନ୍ତ ଅମ୍ବାନୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି । ବନ୍ୟାଜନିତ ରିଲିଫ ପ୍ରଦାନରେ ଏହା ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ପ୍ରଦାନ ପୂର୍ବରୁ ରିଲାଏନ୍ସ ଫାଉଣ୍ଡେସନ ଆସାମ ସରକାର ଓ ନାଗରିକ ସମାଜ ସଂଗଠନ ଗୁଡ଼ିକ ସହିତ ମିଶି ଆସାମର ଲୋକମାନଙ୍କୁ ପ୍ରାୟ ମାସେ ହେଲା ରିଲିଫ କାର୍ଯ୍ୟରେ ସହାୟତା ପ୍ରଦାନ କରୁଛି । କଚର ଜିଲ୍ଲାର ସିଲଚର, କାଲାଇନ, ବୋରଖୋଲା ଓ କାଟିଗୋରହ ବ୍ଲକରେ ତୁରନ୍ତ ରିଲିଫ ସହାୟତା ପ୍ରଦାନ କରିଥିବାବେଳେ ନାଗାଓଁ ଜିଲ୍ଲାର କାଠିଆଟୋଲି, ରାହା, ନାଗାଓଁ ସଦର ଓ କାମପୁର ବ୍ଲକରେ ରିଲିଫ କାର୍ଯ୍ୟ ଚାଲୁ ରଖିଛି। ମେଡିକାଲ ଶିବିର ଆୟୋଜନ ସହିତ ଜରୁରୀକାଳୀନ ରିଲିଫ କିଟ୍ ବଣ୍ଟନ କରୁଛି। ଏହାବ୍ୟତୀତ ଗୋରୁଗାଈଙ୍କ ପାଇଁ ମଧ୍ୟ କଚର ଓ ନାଗାଓଁ ଜିଲ୍ଲାରେ ପଶୁ ଚିକିତ୍ସା ଶିବିରମାନ ଆୟୋଜନ କରିଛି। ରାଜ୍ୟରେ ଦୀର୍ଘଦିନ ଧରି ଅବିରତ ବର୍ଷା ହେବା ଫଳରେ ଏହି ଦୁଇ ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଛି। ଜୁନ ୧ ତାରିଖରୁ ମେଡିକାଲ କ୍ୟାମ୍ପ ଆରମ୍ଭ ହୋଇଛି । ସେବେଠାରୁ ବନ୍ୟାଜନିତ ଅସୁବିଧାରୁ ଦେଖାଦେଇଥିବା ସ୍ୱାସ୍ଥ୍ୟବସ୍ଥା ପାଇଁ ୧୯୦୦ରୁ ଅଧିକ ଲୋକଙ୍କୁ ଯାଞ୍ଚ କରାଯାଇ ସେମାନଙ୍କୁ ଚିକିତ୍ସିତ କରାଯାଇଛି । ପଶୁ ଚିକିତ୍ସା ଶିବିରରେ ୧୦,୪୦୦ରୁ ଅଧିକ ଗୋରୁଗାଈଙ୍କ ଚିକିତ୍ସା କରାଯାଇଛି। ମେଡିକାଲ ଶିବିର ସହିତ ରିଲାଏନ୍ସ ଫାଉଣ୍ଡେସନ ପରିବାରଗୁଡ଼ିକୁ ରିଲିଫ କିଟ୍, ଶୁଖିଲା ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରୁଛି । ଆଜି ସୁଦ୍ଧା ୫୦୦୦ ପରିବାରକୁ କିଟ୍ ଯୋଗାଇ ଦିଆଯାଇଛି । ୨୦୨୧ରେ ବାତ୍ୟା ଓ ବନ୍ୟା ଭଳି ୮ଟି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟଗୁଡ଼ିକୁ ରିଲାଏନ୍ସ ଫାଉଣ୍ଡେସନ ରିଲିଫ ସହାୟତା ଯୋଗାଇ ଦେଇଥିଲା ।

# ୨୦୨୫ ସୁଦ୍ଧା ଯକ୍ଷ୍ମା ମୁକ୍ତ ହେବ ଭାରତ

## ଯକ୍ଷ୍ମା ମୁକ୍ତ କାର୍ଯ୍ୟକ୍ରମରେ ଗଣମାଧ୍ୟମର ଭୂମିକା ସମ୍ପର୍କୀତ ଆଲୋଚନା ଚକ୍ର



ବାରିପଦା, ୨୫/୦୬ (ନି.ପ୍ର): ମୟୂରଭଂଜ ଭଳି ଏକ ଆଦିବାସୀ ବହୁଳ ଜିଲ୍ଲାରେ ଯକ୍ଷ୍ମା ରୋଗର ସାନ୍ଦ୍ରତା ବେଶ ଅଧିକ ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ୨୦୨୫ ସୁଦ୍ଧା ଯକ୍ଷ୍ମା ମୁକ୍ତ ଭାରତ ଗଠନ ଦିଗରେ ମୟୂରଭଂଜ ବେଶ ଭଲ କାମ କରି ବିଭିନ୍ନ ସମୟରେ ପୁରସ୍କୃତ ହୋଇଥିବା ବେଳେ, ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଂଚାଇ ଲୋକଙ୍କୁ ସଚେତନ କରିବା ଦିଗରେ ଗଣ ମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମୀକା ରହିଥିବାରୁ ଆଜି ବାରିପଦା ହୋଲି ପ୍ୟାଲେସ ଠାରେ ଯକ୍ଷ୍ମା ମୁକ୍ତ କାର୍ଯ୍ୟକ୍ରମରେ ଗଣମାଧମର ଭୂମିକା ସମ୍ପର୍କୀତ ଏକ ଆଲୋଚନା ଚକ୍ର ରିଚ ଅନୁଷ୍ଠାନ ଓ ଜିଲ୍ଲା ଯକ୍ଷ୍ମା କେନ୍ଦ୍ର ସହଭାଗିତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ, ସମ୍ମାନୀତ ଅତିଥି ଭାବରେ ଡିପିଏମ ପି.ପି. ପତି, ଡିପିଏଚଓ ଡ. ଚାରୁବାଳା ରଥ, ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡ. ନୁରୁଲ ହାସନ, ଜିଲ୍ଲା ଯକ୍ଷ୍ମା କେନ୍ଦ୍ର ର ଡିପିସି ଦୀନକୃଷ୍ଣ ବାରିକ, ରିଚ ଅନୁଷ୍ଠାନର ଲକ୍ଷ୍ମୀଧର ସିଂହ ଏବଂ ତପନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ସରକାରୀ ଉଦ୍ୟମ ସତ୍ୱେ ସମାଜରେ ଯକ୍ଷ୍ମା ସମ୍ବନ୍ଧୀୟ ଭେଦଭାବ ଭାଙ୍ଗିବା ପାଇଁ ଯକ୍ଷ୍ମା ବିଷୟରେ ସକାରାତ୍ମକ ଚର୍ଚ୍ଚା ଜନ ସାଧାରଣଙ୍କ ଏକ ଅଂଶ ହେବା ଆବଶ୍ୟକ ଏବଂ ଏଦିଗରେ ଗଣମାଧମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହିତ ଯକ୍ଷ୍ମା ସମ୍ବନ୍ଧୀୟ ସଚେତନତା ସ୍ତର କମଥିବା ସ୍ଥାନରେ ଗଣମାଧମ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷ କରି ଯକ୍ଷ୍ମା ରୋଗର ଲକ୍ଷଣ ,ଚିହ୍ନଟ, ନିରାକରଣ ଏବଂ ଚିକିତ୍ସା ସମ୍ବନ୍ଧୀୟ ସୂଚନା ଏବଂ ଯକ୍ଷ୍ମା ସମ୍ବନ୍ଧୀୟ ଭେଦଭାବକୁ ସକରାତ୍ମକ ଢଙ୍ଗରେ ପ୍ରଚାର ପ୍ରସାର କରିବାର ଆବଶ୍ୟକତା ଅଛି ବୋଲି କହିଥିଲେ । ମୟୁରଭଂଜ ଜ୍ଲିଲ୍ଲାରେ ଟିବି ନୋଟିଫିକେସନର ଯାହା ଟାର୍ଗେଟ ଥିଲା ତାହା ପୂରଣ କରି ରାଜ୍ୟରେ ଏକ ନମ୍ବ ସ୍ଥାନରେ ରହିଛି । କିନ୍ତୁ ସଚେତନତା ଅଭାବରୁ ଲୋକେ ଅଧାରୁ କୋର୍ସ ବନ୍ଦ କରିଦେଉଥିବାରୁ ଲୋକଙ୍କୁ ସଠିକ ଭାବରେ ସଚେତନତା କରାଯାଇପାରିଲେ ଯକ୍ଷ୍ମା ବିଲୋପ ପ୍ରତି ପ୍ରତିବଦ୍ଧତା ସହିତ ୨୦୨୫ ସୁଦ୍ଧା ଯକ୍ଷ୍ମା ସମାପ୍ତ କରିବାର ଲକ୍ଷ୍ୟ ହାସଲ କରିବା ସମ୍ଭବ ହୋଇପାରିବ । ଏହି କର୍ମଶାଳାରେ ଯକ୍ଷ୍ମାକୁ ବିଜୟ କରିଥିବା ଟିବି ଚାମ୍ପିଅନଙ୍କ ଅଂଶଗ୍ରହଣ କରିଥିବା ବେଳେ, ମୟୂରଭଂଜର ଟିବି ଚାମ୍ପିଅନ୍ତ ତାପସ ବେହେରା, ଶୁଭ୍ରକାନ୍ତ ଶତପଥି ତାଙ୍କ ଯକ୍ଷ୍ମା ଯାତ୍ରା ବିଷୟରେ କହିଥିଲେ ଏବଂ ଅନେକ ବର୍ଷ ମଧ୍ୟରେ ଟିବି ଦ୍ୱାରା ତାଙ୍କ ଜୀବନ କିପରି ପ୍ରଭାବିତ ହୋଇଥିଲା ସେ ବିଷୟ ରେ ବର୍ଣ୍ଣନା କରିଥିଲେ ।

# ଅଭିନେତା ରାଇମୋହନ ପରିଡାଙ୍କୁ ଶ୍ରଦ୍ଧାଞ୍ଜଳି



ବସ୍ତା, ୨୫/୦୬ (ନି.ପ୍ର): ବିଶିଷ୍ଟ ଚଳଚ୍ଚିତ୍ର ଅ ଭିନେତା ରାଇମୋହନ ପରିଡ଼ାଙ୍କ ଅକାଳ ବିୟୋଗ ରେ ବସ୍ତାରେ ଦିବଂଗତ କଳାକାର ଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରଯାଇଛି । ଏହି ଉପଲକ୍ଷେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସର ରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି । ବସ୍ତା ସାହିତ୍ୟ ସଂସ୍କୃତି କଳା ପରିଷଦ ତରଫରୁ ଜୟନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ରାଇମୋହନ ଙ୍କ ଚଳଚ୍ଚିତ୍ର, ମଞ୍ଚ ଓ ଯାତ୍ରା ଜଗତରେ ତାଙ୍କର ଅଭିନୟ ଓଡିଶା ବାସୀଙ୍କ ହୃଦୟରେ ଚିର ଦିନ ଅବିସ୍ମରଣିୟ ହୋଇ ରହିଗଲା ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, କୁମୁଦ ରଞ୍ଜନ ପରିଡା, ବିଜୟ କୁମାର ପରିଡା, ସଙ୍ଗୀତ ନିର୍ଦ୍ଦେଶକ କଣ୍ଠଶିଳ୍ପୀ ତଥା ବରିଷ୍ଠ ସାମ୍ବାଦିକ ବିଜୟକୁମାର ଭୂୟାଁ, ସଞ୍ଜୟ ସାମଲ, କମଳା ଦଳେଇ, ନମିତା ଦାସ, ରଜନୀ ବାରିକ, ଜଗନ୍ନାଥ ଗିରି ସୁଶାନ୍ତ ପ୍ରଧାନ ପ୍ରମୁଖ ରାଇମୋହନ ଙ୍କ ଅମର ଆତ୍ମାର ସଦଗତି କାମନା କରି ୨ମିନିଟ ନିରବ ପ୍ରାର୍ଥନା କରିବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ



ବାଲେଶ୍ୱର,୨୫/୦୬ (ନି.ପ୍ର): ବାଲେଶ୍ୱର ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସମ୍ମିଳନୀକୁ ଉଦଘାଟନ କରିବା ସହିତ ସାମ୍ପ୍ରତିକ ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା ଆଗକୁ ନେବାରେ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୋ ସ୍କୁଲ ଅଭିଯାନ ଓ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମ ବିଦ୍ୟାଳୟର ଭିତ୍ତିଭୂମିକୁ ବିକାଶ କରାଯାଇଥିବା ବେଳେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାନସିକାତାର ପରିବର୍ତ୍ତନ ପ୍ରଧାନମନ୍ତ୍ରୀଙ୍କ ହାତରେ ଅଛି ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ। ଘରୋଇ ବିଦ୍ୟାଳୟଠାରୁ ସରକାରୀ ବିଦ୍ୟାଳୟର ଶିକ୍ଷକ ଅଧିକ ଦକ୍ଷ ହୋଇଥିଲେ ବି ପ୍ରତିବର୍ଷ ଘରୋଇ ସ୍କୁଲର ଛାତ୍ରଛାତ୍ରୀଙ୍କ ଆଶାତୀତ ଭଲ ଫଳ ପ୍ରଦର୍ଶନ ଅଭିଭାବକଙ୍କୁ ନିରାଶ କରିଛି। ଏଣିକି ଯେଉଁ ବିଦ୍ୟାଳୟରେ ଯେଉଁ ବିଷୟରେ ଛାତ୍ରଛାତ୍ରୀ ଖରାପ ଫଳ ପ୍ରଦର୍ଶନ କରିବେ ସମ୍ପୃକ୍ତ ବିଭାଗୀୟ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ ପ୍ରଧାନ ଶିକ୍ଷକଙ୍କ ପ୍ରଚେଷ୍ଟାରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ନିରନ୍ତର ଉଦ୍ୟମ କରି ଶିକ୍ଷାର ମାନକୁ ଯଥେଷ୍ଟ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ସମସ୍ତଙ୍କ ସହଯୋଗରେ ରାଜ୍ୟରେ ୨ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଘରୋଇ ସ୍କୁଲରୁ ସରକାରୀ ବିଦ୍ୟାଳୟକୁ ଅଣାଯିବା ସବୁଠାରୁ ବଡ଼ ଉପଲବ୍ଧି ବୋଲି ସେ କହିଥିଲେ। ଆଗାମୀ ଦିନରେ ସମସ୍ତ ମାଧ୍ୟମିକ ବିଦ୍ୟାଳୟକୁ ୫-ଟି ଅନ୍ତର୍ଭୁକ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ପାଇଁ ପ୍ରଧାନ ଶିକ୍ଷକମାନେ ବିଶେଷ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।ଏହି ଅବସରରରେ ସେ ୪ଜଣ ମହିଳାଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ସମ୍ବିତ ନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି ଏକ ପ୍ରଧାନଶିକ୍ଷକ ସମ୍ମିଳନୀର ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ।

# କେନ୍ଦ୍ରାପଡାରେ ମେଡିକାଲ କଲେଜ ପାଇଁ ଦାବି

## କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଲେ ବିଜେପି ନେତା ଉମାକାନ୍ତ ପଟ୍ଟନାୟକ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ସରକାରୀ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ନେଇ ବିଜେପିର ଯୁବ ନେତା ତଥା ପାର୍ଟିର ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ମନସୁଖ ଲକ୍ଷ୍ମଣ ଭାଇ ମାଣ୍ଡଭିୟାଙ୍କୁ ନୂଆଦିଲ୍ଲୀର ନିର୍ମାଣ ଭବନ ସ୍ଥିତ ତାଙ୍କ ମନ୍ତ୍ରଣାଳୟ ଠାରେ ସାକ୍ଷାତ କରିଛନ୍ତି । ଏହି ଅବସରରେ ସେ କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ ସ୍ଥାପନା ନେଇ ଏକ ସ୍ମାରକ ପତ୍ର ମନ୍ତ୍ରୀ ଶ୍ରୀ ମଣ୍ଡାଭିୟାଙ୍କୁ ପ୍ରଦାନ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ମଣ୍ଡାଭିୟା ଏହି ଦାବିକୁ ସହୃଦୟତାର ସହ ଗ୍ରହଣ କରି ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣା ପଡିଛି । ସେହିପରି ଶ୍ରୀ ପଟ୍ଟନାୟକ ଏହି ସମାନ ଦାବି ନେଇ ଅନ୍ୟ ଏକ ଦାବିପତ୍ର କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ର ମନ୍ତ୍ରୀ ଡାଃ. ଭାରତୀ ପ୍ରଭିନ ପାୱାର ଙ୍କୁ ସାକ୍ଷାତ କରି ପ୍ରଦାନ କରିଛନ୍ତି । ସେ ମଧ୍ୟ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରି ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏଥି ପାଇଁ ଶ୍ରୀ ପଟ୍ଟନାୟକ ୨୦୧୫ ରେ ମଧ୍ୟ ଏହି ଦାବି ସେତେବେଳ ସ୍ୱାସ୍ଥ୍ୟମନ୍ତ୍ରୀ ଙ୍କୁ ତତ୍କାଳୀନ ର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ । ଏହା ପୂର୍ବରୁ ତତ୍କାଳୀନ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନିକଟରେ ମଧ୍ୟ ଏହି ଦାବି କରି ସାରିଛନ୍ତି ।

# ଗୁଜୁରାଟ ଫେରନ୍ତାଙ୍କ ଆତ୍ମହତ୍ୟା

ଜଳେଶ୍ୱର, ୨୫/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପୌରପାଳିକାର ଚକବାବନ ଗ୍ରାମର ଗଣେଶ ସାହୁ(୪୯) ଆଜି ନିଜ ଘରେ ଫାସି ଲଗାଇ ଆତ୍ମହତ୍ୟା କରିଛନ୍ତି । ତାଙ୍କ ସ୍ତ୍ରୀ ବିଲକୁ ଯାଇଥିବା ବେଳେ ଅପରାହ୍ନରେ ସେଠାରୁ ଫେରି ଶୋଇବା ଘରେ ତାଙ୍କ ସ୍ୱାମୀ ଫାସି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ତାଙ୍କର ଏକମାତ୍ର ଝିଅ ବିବାହ ସରିଥିବା ବେଳେ ୪ଦିନ ପୂର୍ବରୁ ଗୁଜୁରାଟରୁ ସେ ଫେରି ଅବସାଦ ଗ୍ରସ୍ତ ହୋଇ ରହୁଥିବା ଗ୍ରାମବାସୀମାନେ କହିଛନ୍ତି। ତାଙ୍କ ଘରେ କେହି ନ ଥିବା ଅବସ୍ଥାରେ ଏପରି କାଣ୍ଡ ଘଟିଥିବାରୁ ଗ୍ରାମବାସୀଙ୍କ ସହାୟତାରେ କବାଟ ଭଂଗି ତାଙ୍କ ଶବ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ ଚଳାଇଥିବା ଜଣାଯାଇଛି । ଏହା ଶୁଣାଯିବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

# ବିଜେପି ପକ୍ଷରୁ କଳାଦିବସ ପାଳନ

## ଜରୁରୀ ପରିସ୍ଥିତି ଘୋଷଣା ଭାରତୀୟ ଗଣତନ୍ତ୍ରରେ ଏକ କଳଙ୍କିତ ଅଧ୍ୟାୟ : ବିଷ୍ଣୁ ସେଠୀ



ଭଦ୍ରକ, ୨୫/୦୬ (ନି.ପ୍ର): ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ୧୯୭୫ ମସିହା ଜୁନ ୨୫ରେ ଘୋଷିତ ଜରୁରୀକାଳୀନ ପରିସ୍ଥିତି ଏକ କଳଙ୍କିତ ଅଧ୍ୟାୟ। ଗଣତନ୍ତ୍ରକୁ ହତ୍ୟା କରି କଂଗ୍ରେସ ର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ଦେଶବାସୀଙ୍କ ସହ ଯେଉଁ ବିଶ୍ୱାସଘାତକତା କରିଥିଲେ ତାହାର ପରିଣାମ ଏବେ ତାଙ୍କ ଉତ୍ତରାଧିକାରୀମନେ ଭୋଗ କରୁଛନ୍ତି ବୋଲି ରାଜ୍ୟ ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଛନ୍ତି।ଶନିବାର ଦିନ ଭଦ୍ରକ ଜିଲ୍ଲା ବିଜେପି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ କଳାଦିବସ ପାଳନ କାର୍ଯ୍ୟକ୍ରମରେ ଶ୍ରୀ ସେଠୀ ଦେଶରେ ବିଶୃଙ୍ଖଳା ଓ ଅରାଜକତା ସୃଷ୍ଟିରେ କଂଗ୍ରେସର ଗୁରୁ ଭୂମିକା ଥିବା ଉଲ୍ଲେଖ କରି ସମାଲୋଚନା କରିବାସହ ଦଳିତବର୍ଗର ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ରାଷ୍ଟ୍ରପତି ପାଇଁ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ରାଷ୍ଟ୍ରୀୟ ସଭାପତି ଜେ. ପି.ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହା, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଥିଲେ।ଦଳର ଜିଲ୍ଲା ସଭାପତି ହେମନ୍ତ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡାକ୍ତର ପ୍ରଦୀପ କୁମାର ନାୟକ, ବଦ୍ରିନାରାୟଣ ଧଳ, ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ ଦେଶର ଜରୁରୀ କାଳୀନ ପରିସ୍ଥିତି ଓ ସାମ୍ପ୍ରତିକରାଜନୈତିକ ଅବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦଳର ଜିଲ୍ଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ,ଶଶିକାନ୍ତ ବିଶ୍ୱାଳ, ଉପସଭାପତି ଅଶୋକ ପରିଜା, ପଙ୍କଜିନି ଲେଙ୍କା, ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ, ପ୍ରକାଶ ମହାପାତ୍ର, ଅମ୍ବିକା ପ୍ରସାଦ ଦାସ, ଶଶାଙ୍କ ମିଶ୍ର, କଳ୍ପନା ଜେନା, ଶଶାଙ୍କ ଦାସ ପ୍ରମୁଖ ଯୋଗ ଦେଇଥିଲେ।ଦଳର ବହୁ ସଂଖ୍ୟକ ଅଗ୍ରଣୀ କାର୍ଯ୍ୟକର୍ତ୍ତା ଏଥିରେ ଯୋଗ ଦେଇଥିଲେ।

# ନିଖିଳ ଓଡ଼ିଶା ଅଙ୍ଗନବାଡ଼ି ସଂଘର ବୈଠକ

ବାଲେଶ୍ୱର,୨୫/୦୬ (ନି.ପ୍ର): ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ରୌପ୍ୟଜୟନ୍ତୀ ସମାରୋହ ଓ ସପ୍ତମ ରାଜ୍ୟ ସମ୍ମିଳନୀ ଆୟୋଜନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ପ୍ରତିଭା ପାଟିଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ, ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ଜେନା, ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ସାମାଜିକ କର୍ମୀ କମଳ ଚକ୍ରବର୍ତ୍ତୀ, ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ରୌପ୍ୟଜୟନ୍ତୀ ସମାରୋହ ଆସନ୍ତା ସେପ୍ଟେମ୍ବର ମାସରେ ବାଲେଶ୍ୱରସ୍ଥିତ ରାଜଧାନୀ ଧର୍ମଶାଳାରେ ଆୟୋଜନ ସିଦ୍ଧାନ୍ତ ନେଇଥିଲେ। ତେବେ ସାମ୍ପ୍ରତିକ ସ୍ଥିତିରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବା ଉପରେ ଉପସ୍ଥିତ କର୍ମକର୍ତ୍ତାମାନେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି ରୋଷେଇ ସାମଗ୍ରୀର ଦରବୃଦ୍ଧି ସାଙ୍ଗକୁ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧିକାରୀଙ୍କ ଜୁଲମକୁ ନେଇ ଏହି ବୈଠକରେ କର୍ମୀମାନେ ଉଦବେଗ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏନେଇ ଆନ୍ଦୋଳନାତ୍ମକ ପଦକ୍ଷେପ ନେବା ଉପରେ ସମସ୍ତେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ବାରିକ, ଅବନୀକାନ୍ତ ଦାସ, ଶ୍ରୀନିବାସ ମହାପାତ୍ର, ସୁଷମା ପାତ୍ର, ନିର୍ବାସିନୀ ପ୍ରଧାନ, ଶାନ୍ତିଲତା ମାଝୀ, ପୂର୍ଣ୍ଣିମା ଦେ, ଫୁଲ ସୋରେନ, ଦୀପ୍ତିଲତା ପଟ୍ଟନାୟକ, ଅନ୍ନପୂର୍ଣ୍ଣା ପାତ୍ର, ତିତିଲୀ ମହାନ୍ତ, ତୃପ୍ତିରାଣୀ ମହାନ୍ତିଙ୍କ ସମେତ ବହୁ କର୍ମୀ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନଳବାହାର ଛକ ନିକଟରେ ଭାରସାମ୍ୟ ହରାଇ ଓଲଟିଲା ଗୋରୁ ବୋଝେଇ ପିକ୍‌ଅପ



ବସ୍ତା, ୨୫/୦୬ (ନି.ପ୍ର): ପ୍ରତେକ ଦିନ ଓଡିଶାରୁ ପଶ୍ଚିମବଙ୍ଗକୁ ୬୦ନ ଜାତୀୟ ରାଜପଥ ଦେଇ ଶହ ଶହ ଗୋରୁ ଟ୍ରକ ସାହାର୍ଯ୍ୟରେ ଦଲାଲ ମାନଙ୍କ ଦ୍ୱାରା ଚୋରା ଚାଲାଣ ହେଉଛି । ଏହାକୁ ରୋକ ଲଗାଇବାପାଇଁ ବାଲେଶ୍ୱର ଜିଲ୍ଲା ପୋଲିସ ବାରମ୍ବାର ଚେଷ୍ଟା କରୁଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁ ନ ଥିବାର ଦେଖିବାକୁ ମିଳିଛି । ତେବେ ଆଜି ସକାଳ ୧୦ ଟା ସମୟରେ ଓଡିଶାରୁ ନଂ-ଓ ଡି ୦୧ ଏଜେ ୫୨୭୦ନମ୍ବର ପିକଅପ ଟି ଗୋରୁ ବୋଝେଇ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଥିଲା ବେଳେ ଆଜି ୬୦ ନମ୍ବର ଜାତୀୟ ରାଜପଥ ନିକଟରେ ନଳବାହାର ଛକ ନିକଟରେ ଭାରସାମ୍ୟ ହରାଇ ଓଲଟିଲା ଗୋରୁ ବୋଝେଇ ପିକଅପ, ଡ୍ରାଇଭର ଓ ଫେରାର, ତେବେ ସ୍ଥାନିୟ ଲୋ କେ ଗରୁ ଗୁଡିକ ଉଦ୍ଧାର କରିଥିଲେ ତେବେ ଘଟଣା ସ୍ଥଳରୁ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିଲେ । ଖବର ପାଇ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବକ୍ଷର ଦେଖିବାକୁ ମିଳିଛି ।

# ପାରମ୍ପରିକ ରଜ ଦୋଳି ଗୀତ ଓ ରଜ ପିଠା ପ୍ରତିଯୋଗିତା



ଭଦ୍ରକ, ୨୫/୦୬ (ନି.ପ୍ର): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଭଦ୍ରକ ଜିଲ୍ଲା ପ୍ରଶାସନର ସଂସ୍କୃତି ଅନୁଭାଗ ଆନୁକୂଲ୍ୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଆଜି ରଜ ପର୍ବ ପାଳନ ସମାରୋହ ଅବସରରେ ରଜ ଦୋଳି ଖେଳ ସହ ପାରମ୍ପରିକ ରଜଦୋଳି ଗୀତ ଓ ପିଠା ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁଦୃଶ୍ୟ ରଜ ଦୋଳି ପ୍ରସ୍ତୁତ କରାଯାଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ତଥା ପୂର୍ବତନ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇ ରଜ ପର୍ବର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ବ୍ଲକ କଳା ସଂସ୍କୃତି ସଂଘ ଓ ନଗର କଳା ସଂସ୍କୃତି ସଂଘର ଉପସଭାପତିମାନଙ୍କ ସହଯୋଗରେ ବ୍ଲକ ପ୍ରଶାସନ ତରଫରୁ ଆସିଥିବା ଦଳମାନେ ପ୍ରତିଯୋଗୀ ଭାବେ ରଜ ଗୀତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । କେଶବ ଚନ୍ଦ୍ର ଜେନା , ରାମଚନ୍ଦ୍ର ପଣ୍ଡା ରଜ ଗୀତ ପ୍ରତିଯୋଗିତାର ଏବଂ ମମତାର ଜିଲ୍ଲା ସଂଯୋଜକ ପୂର୍ବତନ ଓଡ଼ିଆ ଅଧ୍ୟାପିକା ରାଧାରାଣୀ ମହାପାତ୍ର ପିଠା ପ୍ରତିଯୋଗିତାରେ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ । ରଜଗୀତ ପ୍ରତିଯୋଗିତାରେ ତିହିଡ଼ି ବ୍ଲକ୍ ପ୍ରଥମ, ଚାନ୍ଦବାଲି ବ୍ଲକ ଦ୍ୱିତୀୟ ଓ ଧାମନଗର ବ୍ଲକ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । ସେହିଭଳି ପିଠା ପ୍ରତିଯୋଗିତାରେ ଭଦ୍ରକର ମା ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ, କଲେଇ ୧, ମାତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ, ଏରେଇଁ ଓ ମା ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀ, କନ୍ତିଆ ୨ୟ ଓ ୩ୟ ସ୍ଥାନ ନେଇଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ, ୧ମ ପାଇଁ ଏକ ହଜାର, ୨ୟ ପାଇଁ ସାତଶହ ଓ ୩ୟ ପାଇଁ ପାଞ୍ଚଶହ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ପିଠା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସାମାଜିକ ଓ ସଂସ୍କୃତି ପ୍ରବର୍ତ୍ତକ ଶ୍ରୀକାନ୍ତ ଖୁଣ୍ଟିଆ ଆନୁସଙ୍ଗିକ ସହଯୋଗ କରିଥିଲେ। ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ୍, ନଗରକଳା ସଂସ୍କୃତି ସଂଘର ଉପସଭାପତି ନରେନ୍ଦ୍ର ପ୍ରସାଦ ପରିଡ଼ା, ଭଦ୍ରକ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ପ୍ରଶାନ୍ତ କୁମାର ବେହେରା, ଚାନ୍ଦବାଲି ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ବାସୁଦେବପୁର ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ସନାତନ ପୁରୀ, ତିହିଡ଼ି ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ସତ୍ୟବ୍ରତ ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗ ଓ ଅସହାୟଙ୍କ ପାଇଁ ଅଟୋ, ନୀଳ ସରସ୍ୱତୀ ହେଲପ୍ ଲାଇନର ପ୍ରୟାସ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଭଦ୍ରକ ସହରା ଳରେ ବସବାସ କରୁଥିବା ଅସହାୟ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଖୁସୀ ଖବର। ସେମାନଙ୍କୁ ନୀଳ ସରସ୍ୱତୀ ହେଲପ ଲାଇନ ଜରିଆରେ ନିଶୁଳ୍କ ଅଟୋ ସେବା ମିଳିବ। ଭଦ୍ରକ ପୌରା ଳ କୁଆଁସସ୍ଥିତ ଶିବ ମନ୍ଦିର ନିକଟରେ ଏହି ଅଟୋ ସେବାକୁ ଉଦଘାଟନ କରିଛନ୍ତି ସମାଜସେବୀ ସିତାଂଶୁ ଶେଖର ମହାପାତ୍ର। ଗତ କିଛି ମାସ ହେବ ଗରିବ, ଅସହାୟ ଦିବ୍ୟାଙ୍ଗମାନଙ୍କୁ ପ୍ରତିଦିନ ସକାଳେ ମାଗଣାରେ ଜଳଖିଆ ଯୋଗାଇ ଆସୁଥିବା କୁଆଁସ ଗ୍ରାମର ମୋହିତ ରାଉଳଙ୍କ ଏପରି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି। ଦିବ୍ୟାଙ୍ଗ ଓ ଅସହାୟଙ୍କୁ ମାଗଣା ଅଟୋ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ମୋହିତ ଅଭିଯାନ ଆରମ୍ଭ କରିଥିଲେ। କେତେକ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ସାହାଯ୍ୟ ସହଯୋଗ ପାଇ ଆଜି ନିଜର ସ୍ୱପ୍ନ ପୂରଣ କରିଛନ୍ତି ମୋହିତ। ଏହି ନିଶୁଳ୍କ ଅଟୋ ସେବାକୁ ସମାଜସେବୀ ଶ୍ରୀ ମହାପାତ୍ର ଉଦଘାଟନ କରି ମୋହିତଙ୍କ ଚିନ୍ତାଧାରା ଓ ମାନସିକତାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ତେବେ ଏହି ଅଟୋ ସହର ତମାମ ବୁଲିବ ଓ ଯେଉଁଠାରେ ଅସହାୟ ଓ ଦିବ୍ୟାଙ୍ଗଙ୍କୁ ନିଶୁଳ୍କ ସେବା ଯୋଗାଇବ। ବିଶେଷକରି ଜିଲ୍ଲା ଚିକିତ୍ସାଳୟ, ବସଷ୍ଟାଣ୍ଡ ଓ ଷ୍ଟେସନରେ ଏହି ଅଟୋ ସେବା ଯୋଗାଇବ। ଏଥି ନିମି ନୀଳ ସରସ୍ୱତୀ ହେଲପ ଲାଇନ ପକ୍ଷରୁ ମଧ୍ୟ ଏକ ନମ୍ବର ମଧ୍ୟ ଜାରୀ କରାଯାଇଛି। ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅନ୍ନପୂର୍ଣ୍ଣା ନାୟକ ଯୋଗ ଦେଇଥିବା ବେଳେ, ସଂଗଠନର ସଦସ୍ୟ ବିଜୟ ନାୟକ, ଅମନ ସ୍ୱାଇଁ, ରିଷି ସ୍ୱାଇଁ, ରାଜୀବ ସାମଲ, ଲକ୍ଷ୍ମଣ ନାୟକ, ସାଇସ୍ମିତା ଲେଙ୍କା, ସୁପ୍ରିୟା ମହାନ୍ତି, ରାଜା ନାୟକ, ଶିବା ନାୟକ, ସିଧାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo